

ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିଣିଲେ
**ଜୟସ୍ମିନ-ମୀନାକ୍ଷୀ**
▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-82 ◆MONDAY ◆15 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୨ ◆ସୋମବାର ◆୧୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



## ଜାପାନରେ ୧ ଲକ୍ଷ ଲୋକଙ୍କ ବୟସ ୧୦୦ରୁ ଊର୍ଦ୍ଧ୍ୱ



ଟୋକିଓ,୧୪।୯(ଏଜେନ୍ସି): ଜାପାନରେ ପାଖାପାଖି ୧ ଲକ୍ଷ ନାଗରିକ ୧୦୦ ବର୍ଷ ପୂରଣ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ତକାମାରୋ ଫୁକୋକା କହିଛନ୍ତି। ଦେଶରେ ୮୭,୭୮୪ ମହିଳା ଓ ୧୧, ୯୭୯ ପୁରୁଷଙ୍କ ବୟସ ୧୦୦ରୁ ଊର୍ଦ୍ଧ୍ୱ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ୧୦୦ ବର୍ଷ ପୂରଣ କରିଥିବା ଲୋକଙ୍କ ମଧ୍ୟରେ ୮୮ ପ୍ରତିଶତ ମହିଳା ଅଛନ୍ତି। ଏହା ଦେଶର ମୋଟ ଲୋକସଂଖ୍ୟା ୧୨.୪ କୋଟିର ୦.୮୧ ପ୍ରତିଶତ। ଜାପାନ କ୍ରମାଗତ ୫୫ ବର୍ଷ ଧରି ଏହି ରେକର୍ଡକୁ ବଜାୟ ରଖିଛି। ଜାପାନରେ ସେପ୍ଟେମ୍ବର ୧୫କୁ ବୃଦ୍ଧଜନ ଦିବସ ଭାବେ ପାଳନ କରାଯାଏ। ଏହି ଦିନ ଜାପାନରେ ୧୦୦ରୁ ଊର୍ଦ୍ଧ୍ୱ ବର୍ଷର ଲୋକଙ୍କୁ ଅଭିନନ୍ଦନ ପତ୍ର ସହ ରୂପା ଗ୍ଲାସ ଉପହାର ସ୍ୱରୂପ ପ୍ରଦାନ କରାଯାଇଥାଏ। ଏବର୍ଷ ୫୨,୩୧୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯିବ। ୧୧୪ ବର୍ଷୀୟ ଶିଗେକେ କାଗାବା ଜାପାନର ସବୁଠାରୁ ବୟସ୍କ ମହିଳା ଓ ୧୧୧ ବର୍ଷୀୟ କିୟୋଟାକା ମିଜୁନୋ ସବୁଠାରୁ ବୟସ୍କ ପୁରୁଷ ବିବେଚିତ ହୋଇଛନ୍ତି। ଜାପାନରେ ଲୋକଙ୍କ ହାରାହାରି ବୟସ ୯୫ ବର୍ଷ ରହିଛି। ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଜାପାନ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ପୁରୁଷଙ୍କ ତୁଳନାରେ ମହିଳା ଅଧିକ ବର୍ଷ ବଞ୍ଚିଥାନ୍ତି। ସେହିପରି ବିଶ୍ୱରେ ସ୍ୱାସ୍ଥ୍ୟସମ୍ପର୍ଣ୍ଣ ଦେଶମାନଙ୍କ ମଧ୍ୟରେ ଜାପାନ ଦ୍ୱିତୀୟ ସ୍ଥାନରେ ରହିଛି ଓ ସିଙ୍ଗାପୁର ପ୍ରଥମ, ଦକ୍ଷିଣ କୋରିଆ ତୃତୀୟ, ତାଇୱାନ ଚତୁର୍ଥ ଓ ଇସ୍ରାଏଲ୍ ୫ମ ସ୍ଥାନରେ ରହିଛି। ଜାପାନରେ ବଞ୍ଚିବାର ଜୀବନ ଶୈଳୀ ଉନ୍ନତ ଥିବାରୁ ଏଠାରେ ଲୋକେ ଅଧିକ ବୟସ ବଞ୍ଚିବାରେ ସକ୍ଷମ ହେଉଛନ୍ତି।

ଅନ୍‌ଲାଇନ ବେଟିଂ ଆପ୍‌ର ପ୍ରଚାର ମାମଲା

## ଉର୍ବଶୀ ରୌତେଲା ଓ ମିମି ଚକ୍ରବର୍ତ୍ତୀଙ୍କୁ ଇଡି ସମନ





ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ଅଭିନେତ୍ରୀ ଉର୍ବଶୀ ରୌତେଲା ଏବଂ ଟିଏମ୍‌ସିର ପୂର୍ବତନ ସାଂସଦ ତଥା ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀ ଅନ୍‌ଲାଇନ ବେଟିଂ ଆପ୍ ପାଇଁ ପ୍ରଚାର ମାମଲାରେ ଫସିଛନ୍ତି। ଅନ୍‌ଲାଇନ ବେଟିଂ ପ୍ଲାଟଫର୍ମ '୧xବେଟ୍' ସମ୍ବନ୍ଧିତ ମାମଲାରେ ଏହି ଦୁଇ ଅଭିନେତ୍ରୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ଏହି ପ୍ଲାଟଫର୍ମ ମନି ଲଣ୍ଡରିଂ ଯାଞ୍ଚରେ ସନ୍ଦେହଘେରରେ ରହିଛି। ଇଡି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଉଭୟ କଳାକାର '୧xବେଟ୍'ର ବିଜ୍ଞାପନ ଏବଂ ପ୍ରଚାରପ୍ରସାରରେ ଦୁଇ ଅଭିନେତ୍ରୀ ସାମିଲ ଥିଲେ। ଆସନ୍ତା ମଙ୍ଗଳବାର ଦିଲ୍ଲୀ ସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବା ପାଇଁ ଉର୍ବଶୀଙ୍କୁ ଏବଂ ମିମିଙ୍କୁ ସୋମବାର ଉପସ୍ଥିତ ହେବାକୁ କୁହାଯାଇଛି। ଏହି ମାମଲାରେ ଉଭୟଙ୍କ ବୟାନ ରେକର୍ଡ କରାଯିବ। ଏହି ଆପ୍‌ରେ ଉଭୟଙ୍କ କି ଭୂମିକା ଥିଲା ତାହାର ଯାଞ୍ଚ କରାଯିବ ବୋଲି କୁହାଯାଉଛି।

ପୂର୍ବରୁ ଏହି ମାମଲାରେ ଅନେକ ସେଲିବ୍ରିଟିଙ୍କୁ ଜେରା କରାଯାଇଥିଲା। ଚଳିତ ମାସରେ ପୂର୍ବତନ କ୍ରିକେଟର ଶିଖର ଧାୱନଙ୍କୁ ମଧ୍ୟ ସମନ କରାଯାଇଥିଲା। ସୁରେଶ ରୈନା ମଧ୍ୟ ଇଡି ନିକଟରେ ହାଜର ହୋଇଥିଲେ। ଏହି ମାମଲାରେ ଜୁଲାଇ ୨୩ରେ ଯାଞ୍ଚ ହାଜର ହେବାକୁ ଅଭିନେତା ରାଣା ଦାଗୁବତିଙ୍କୁ କୁହାଯାଇଥିଲା। କିନ୍ତୁ ଫିଲ୍ମ ସୁଟିଂ ଯୋଗୁଁ ସେ ହାଜର ହୋଇପାରି ନ ଥିଲେ। ପରେ ହାଇଦରାବାଦର ଇଡି ଅଫିସରେ ଯାଞ୍ଚ ପାଇଁ ଉପସ୍ଥିତ ହୋଇଥିଲେ। ଗତ ମେ' ମାସରେ ବେଟିଂ ପ୍ଲାଟଫର୍ମର ପ୍ରଚାରପ୍ରସାର କରିଥିବାରୁ ତେଲଙ୍ଗାନା ପୁଲିସ ପ୍ରକାଶ ରାଜ, ମଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ଅନନ୍ୟା ନାଗଲ୍ଲା, ଶ୍ରୀମୁଖୀ ପ୍ରମୁଖଙ୍କୁ ବିରୋଧରେ ପୁଲିସ ମାମଲା ରୁଜୁ କରିଥିଲା।

# ନେପାଳ ହିଂସା: ମୃତକଙ୍କୁ ମିଳିବ ସହିଦ ମାନ୍ୟତା



- ପୀଡ଼ିତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଦିଆଯିବ
- ୬ ମାସ ମଧ୍ୟରେ ନିର୍ବାଚନ କରାଇ ପଦ ଛାଡ଼ିବି: ସୁଶୀଳା
- ନେପାଳ ହିଂସାରେ ୩ ପୂର୍ବତନ ପ୍ରଧାନମନ୍ତ୍ରୀ ବାସହରା

କାଠମାଣ୍ଡୁ,୧୪।୯(ଏଜେନ୍ସି): ନେପାଳରେ ଜେନ୍- ଜେଡ୍ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ 'ସହିଦ' ଆଖ୍ୟା ଦିଆଯିବ ବୋଲି ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି କହିଛନ୍ତି। ପୁଣି ପ୍ରତ୍ୟେକ ପୀଡ଼ିତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ସେ ରବିବାର ଘୋଷଣା କରିଛନ୍ତି। ଏହି ଆନ୍ଦୋଳନ ଓ ହିଂସାରେ ମୋଟ୍ ୫୧ ଜଣ ଲୋକ ପ୍ରାଣ ହରାଇଥିଲେ। ତେବେ ମୃତ୍ୟୁ ସଂଖ୍ୟା ଏବେ ୭୨ରେ ପହଞ୍ଚିଛି ବୋଲି କୁହାଯାଇଛି। ଏଥିରେ ଜଣେ ଭାରତୀୟ ମହିଳା ମଧ୍ୟ ସାମିଲ ରହିଥିଲେ। ଦେଶରେ ଦୁର୍ନୀତିର ମୁଳୋତ୍ପାଟନ କରିବାକୁ ସେ ସଂକଳ୍ପ ନେଇଛନ୍ତି। ନେପାଳରେ ପ୍ରଥମଥର ପାଇଁ ଲଗାତର ୭୨ ଘଣ୍ଟା ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା ଓ ଏହା ଏକ ବଡ଼ କଥା। ଶାସନରେ ୬ ମାସରୁ ଅଧିକ ସମୟ ରହିବି ନାହିଁ ଓ ନିର୍ବାଚନ କରାଇ ନୂଆ ସରକାରଙ୍କୁ ଦାୟିତ୍ୱ ଦେଇ ପଦ ଛାଡିବି ବୋଲି ସେ କହିଛନ୍ତି। କାର୍କି ସେପ୍ଟେମ୍ବର ୧୨ରେ କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରେ ସାଧାରଣ ନିର୍ବାଚନ କରାଇବାକୁ ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ବରତା ଆଚରଣ ପ୍ରଦର୍ଶନ କରିଥିବା ଲୋକଙ୍କୁ ଯାଞ୍ଚ କରାଯାଇ ଦଣ୍ଡିତ କରାଯିବ।

ଅନ୍ୟପକ୍ଷରେ ନେପାଳ ହିଂସାରେ ୩ ଜଣ ପୂର୍ବତନ ପ୍ରଧାନମନ୍ତ୍ରୀ ଯଥା କେପି ଶର୍ମା ଓଲି, ଶେର ବାହଦୂର ଦେଓବା ଓ ପୁଷ୍ପ କମଲ ଦହଲ ଓରଫ୍ ପ୍ରଚଣ୍ଡ ବାସହରା ହୋଇଛନ୍ତି। ସେପ୍ଟେମ୍ବର ୯ରେ ଜେନ୍- ଜେଡ ପ୍ରଦର୍ଶନକାରୀମାନେ ଏହି ୩ ଜଣଙ୍କ ଘରେ ନିଆଁ ଲଗାଇବା ସହ ଜାଳି ଦେଇଛନ୍ତି। ବର୍ତ୍ତମାନେ ଏହି ୩ ନେତା ସେନା ଶିବିରରେ ରହୁଛନ୍ତି। ଏମାନଙ୍କ ସମର୍ଥକମାନେ ଏବେ ଏହି ନେତାଙ୍କ ପାଇଁ ଘର ଖୋଜିବା ଆରମ୍ଭ କରିଛନ୍ତି। ଜେନ- ଜେଡ ଆକ୍ରୋଶ କମ୍ ନ ହେବା ପର୍ଯ୍ୟନ୍ତ ରାଜଧାନୀ କାଠମାଣ୍ଡୁ ବାହାରର ସହର ପୋଖରାରେ ରହିବାକୁ ଚାହୁଁଛନ୍ତି। ଏବେ ସୁଶୀଳା ମନ୍ତ୍ରିମଣ୍ଡଳ ଗଠନ ନେଇ ପ୍ରୟାସ ଆରମ୍ଭ କରିଛନ୍ତି। ୧୫ ଜଣଙ୍କୁ ନେଇ ଏକାସଙ୍ଗେ ମନ୍ତ୍ରୀ ମଣ୍ଡଳ ଗଠନ କରିବେ ବୋଲି କାଠମାଣ୍ଡୁ ପୋଷ୍ଟ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି। ଏ ନେଇ ଆଇନ୍ ବିଶେଷଜ୍ଞଙ୍କ ସହ ସେ ବିଚାର ବିମର୍ଶ ଆରମ୍ଭ କରିଛନ୍ତି। କିନ୍ତୁ ଜେନ୍- ଜେଡ ନେତା ଏହି ମନ୍ତ୍ରିମଣ୍ଡଳରେ ସାମିଲ ହେବ ନାହିଁ ବୋଲି ପୂର୍ବରୁ କହିଛନ୍ତି। ତେବେ ନବଗଠିତ ସରକାର ତଥା ମନ୍ତ୍ରୀ ମଣ୍ଡଳର କାର୍ଯ୍ୟକୁ ନିରୀକ୍ଷଣ କରିବେ ବୋଲି ଏହି ନେତାମାନେ କହିଛନ୍ତି। ତେଣୁ ଆଗାମୀ କେତୋଟି ମାସରେ ନେପାଳ ପାଇଁ ପରୀକ୍ଷା ସୃଷ୍ଟି ହେବ ବୋଲି କୁହାଯାଉଛି। ନେପାଳରେ ୨୦୨୬ ମାର୍ଚ୍ଚ ୫ରେ ନିର୍ବାଚନ କରାଯିବ ବୋଲି କୁହାଯାଉଛି।

## ରୁଷିଆର ସର୍ବବୃହତ୍ ତୈଳ ବିଶୋଧନାଗାରରେ ୟୁକ୍ରେନର ଆକ୍ରମଣ

କିଭ୍,୧୪।୯(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ତୃତୀୟ ବର୍ଷରେ ପହଞ୍ଚିଛି। ରୁଷିଆର ସର୍ବବୃହତ ତୈଳ ବିଶୋଧନ କେନ୍ଦ୍ର ଉପରେ ୟୁକ୍ରେନ ଡ୍ରୋନ୍ ଆକ୍ରମଣ କରିଛି। ଏ ନେଇ ରୁଷୀୟ ଅଧିକାରୀ ଓ ୟୁକ୍ରେନ ସେନା ତରଫରୁ ସୂଚନା ଦିଆଯାଇଛି। ଲେନିନଗ୍ରାଡ ଅଞ୍ଚଳରେ ଥିବା କିରିଶି ତୈଳ ବିଶୋଧନ କେନ୍ଦ୍ର ଉପରେ ଏହି ଆକ୍ରମଣ ହୋଇଥିଲା। ପ୍ରତିବର୍ଷ ଏହି କେନ୍ଦ୍ରରୁ ୧୭.୭ ମିଲିଅନ ମେଟ୍ରିକ୍ ଟନ୍ ବା ଦିନକୁ ୩,୫୫,୦୦୦ ବ୍ୟାରେଲ ଅଶୋଧିତ ତୈଳ ଉତ୍ପାଦନ ହୋଇଥାଏ। ତେବେ ଏହି ଆକ୍ରମଣରେ କେହି ମୃତାହତ ହୋଇନାହାନ୍ତି ଓ ନିଆଁ ଲାଗିବା ମାତ୍ରେ ତାହାକୁ ଲିଭାଇ ଦିଆଯାଇଥିଲା ରୁଷ୍ ତରଫରୁ କୁହାଯାଇଛି। ଗତ ରାତିରେ ୟୁକ୍ରେନର ପାଖାପାଖି ୮୦ଟି ଡ୍ରୋନ୍ ଧ୍ୱଂସ କରାଯାଇଥିଲା ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।



## ପ୍ରବଳ ବର୍ଷା ଯୋଗୁ ବୈଷ୍ଣୋଦେବୀ ଯାତ୍ରା ସ୍ଥଗିତ

ଉତ୍ତରପ୍ରଦେଶ ୪ % କମ୍, ହିମାଚଳରେ ୧୩୩ % ଅଧିକ ବର୍ଷା

ନୂଆଦିଲ୍ଲୀ,୧୪।୯(ଏଜେନ୍ସି): ପ୍ରବଳ ବର୍ଷା ଓ ଖରାପ ପାଗ କାରଣରୁ ବୈଷ୍ଣୋଦେବୀ ଯାତ୍ରାକୁ ସ୍ଥଗିତ ରଖାଯାଇଛି। ୧୯ ଦିନ ଏହି ଯାତ୍ରା ସ୍ଥଗିତ ରହିବା ପରେ ରବିବାର ପୁଣି ଆରମ୍ଭ ହୋଇଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଏହି ଯାତ୍ରା ଆପାତତଃ ସ୍ଥଗିତ ରଖାଯାଇଛି ବୋଲି କୁହାଯାଇଛି। ଗତ ଅଗଷ୍ଟ ୨୪ ତାରିଖରେ ମନ୍ଦିର ରାସ୍ତାରେ ଭୂସ୍ଖଳନ କାରଣରୁ ୩୪ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିଲେ। ସେହିପରି ଉତ୍ତରପ୍ରଦେଶରେ ଲଗାତର ବର୍ଷା କାରଣରୁ ଗଙ୍ଗା, ଯମୁନା ନଦୀର ଜଳସ୍ତର ଏବେ ମଧ୍ୟ ଉଚ୍ଚସ୍ତରରେ ରହିଛି। ବଲିଆ ଛକି ନୌରଙ୍ଗା ଗାଁରେ ୫ ଘର ଓ ୫ ଦୋକାନ ଜଳମଗ୍ନ ହୋଇଛି। ଉତ୍ତରପ୍ରଦେଶରେ ଏଥର ମୌସୁମୀ ବର୍ଷା ୪ ପ୍ରତିଶତ କମ୍ ହୋଇଛି। ରାଜ୍ୟରେ ହାରହାରି ୬୭୯.୩ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ୬୫୪.୨ ମିମି ବର୍ଷା ହୋଇଛି।

ଅନ୍ୟପଟେ ହିମାଚଳରେ ମଣ୍ଡି ଜିଲ୍ଲାର ଧର୍ମପୁରରେ ସଫଡି ରୋହ ଗାଁରେ ଶନିବାର ଭୂସ୍ଖଳନ ହୋଇଥିଲା। କେତୋଟି ଘରେ କାଦୁଅ ମିଶା ପାଣି ପଶିଯାଇଛି। ୮ଟି ଘରକୁ ଖାଲି କରାଯାଇଥିଲା। ରାଜ୍ୟରେ ବର୍ଷା, ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁ ସଂଖ୍ୟା ଏବେ ୩୮୬ରେ ପହଞ୍ଚିଛି। ରାଜ୍ୟରେ ଏଥର ୧୩୩ ପ୍ରତିଶତ ଅଧିକ ବର୍ଷା ହୋଇଛି। ରବିବାରଠାରୁ ଦେଶର ଉତ୍ତର ପଶ୍ଚିମ ରାଜ୍ୟ ରାଜସ୍ଥାନରୁ ମୌସୁମୀ ବିଦାୟ ନେବା ଆରମ୍ଭ କରିଛି। କିନ୍ତୁ ମଧ୍ୟପ୍ରଦେଶରେ ଏବେ ମଧ୍ୟ ମୌସୁମୀ ଦୁଇ ସପ୍ତାହ ରହିବ ବୋଲି ଅନୁମାନ କରାଯାଉଛି। ସେହିପରି ଉତ୍ତରପୂର୍ବ ରାଜ୍ୟ ସିକ୍କିମରେ ବର୍ଷା କାରଣରୁ ଭୂସ୍ଖଳନ ହେବା କାରଣରୁ ଜଣେ ପଞ୍ଚାୟତ ଅଧ୍ୟକ୍ଷ ମୃତ୍ୟୁବରଣ କରିଛନ୍ତି। ଅରୁଣାଚଳ ପ୍ରଦେଶରେ ୬ଟି ଜିଲ୍ଲା ପ୍ରବଳ ବର୍ଷା ହେବ ବୋଲି ରେଡ ଆଲର୍ଟ ଜାରି କରାଯାଇଛି। ପଞ୍ଜାବରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜୋରସୋରରେ ଚାଲିଛି। ପଞ୍ଜାବର ବିଭିନ୍ନ ନଦୀରେ ଜଳସ୍ତର ତଳକୁ ଖସିଛି।

ପୁଣି ଚର୍ଚ୍ଚାରେ ଆରଜି କର କଲେଜ

## ଛାତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ

ବଏଫ୍ରେଣ୍ଡ ବିଷ ଦେଇଥିବା ଅଭିଯୋଗ କଲା ପରିବାର

କୋଲକାତା, ୧୪।୯ (ଏଜେନ୍ସି): କୋଲକାତାର ଆରଜି କର ମେଡିକାଲ କଲେଜରେ ଆଉଏକ ଘଟଣା ଘଟିଛି। ଏହି କଲେଜରେ ଅନ୍ତିମ ବର୍ଷର ଜଣେ ଛାତ୍ରୀ ଶନିବାର ମାଲଦାର ଏକ ହସ୍ପିଟାଲରେ ରହସ୍ୟଜନକ ଭାବେ ମୃତ୍ୟୁବରଣ କରିଛନ୍ତି। ଏହି ଛାତ୍ରୀ ହେଉଛନ୍ତି ୨୪ ବର୍ଷୀୟା ଅନିନ୍ଦିତା ସୋରେନ। ପ୍ରେମିକ ଉଜ୍ୱଳ ସୋରେନଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି ଅନିନ୍ଦିତାଙ୍କ ପ୍ରେମିକ। ଉଜ୍ୱଳ ଅନିନ୍ଦିତାଙ୍କୁ ବିଷ ଦେବା ଫଳରେ ତାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ କହିଛନ୍ତି। ଦୁହେଁ ପରସ୍ପରକୁ ଡେଟ୍ କରୁଥିଲେ। ଅନିନ୍ଦିତା ଉଜ୍ୱଳଙ୍କୁ ବିବାହ ପାଇଁ ଚାପ ପକାଉଥିଲା। ତେବେ ଏହାକୁ ଉଜ୍ୱଳ ମନା କରୁଥିଲା। ଏଥିପାଇଁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଉଥିଲା ବୋଲି ଅନିନ୍ଦିତାଙ୍କ ମାଆ ଅଞ୍ଜନା ଟୁଡୁ କହିଛନ୍ତି। ଗତ ୧୨ ତାରିଖରେ ଅନିନ୍ଦିତାର ଦେହ ଖରାପ ହୋଇଛି ଓ ତାକୁ ମାଲଦାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଉଜ୍ୱଳ ଫୋନ କରି ସୂଚନା ଦେଇଥିଲେ। କିନ୍ତୁ ଏହାପରେ ଅନିନ୍ଦିତା ମୃତ୍ୟୁବରଣ କରିଥିଲେ। ତେବେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି। ଏବେ ଉଜ୍ୱଳର ବୟାନ ନେବାକୁ ପୁଲିସ ତାକୁ ଖୋଜୁଛି। ଉଲ୍ଲେଖଥାଉ କି, ଗତବର୍ଷ କୋଲକାତାର ଏହି ଆରଜି କଲେଜ ଚର୍ଚ୍ଚାରେ ରହିଥିଲା। ୨୦୨୪ ଅଗଷ୍ଟ ୯ରେ ଜଣେ ଟ୍ରେନି ଡାକ୍ତରାଣୀଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିଲା ଏହି ଘଟଣାକୁ ନେଇ ପଶ୍ଚିମବଙ୍ଗ ସମେତ ସାରା ଦେଶରେ ଚର୍ଚ୍ଚା ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି।

## ସ୍କୁଲ୍‌ରେ ଚାଲିଥିଲା ନିଶାଦ୍ରବ୍ୟ କାରଖାନା

- ନିର୍ଦ୍ଦେଶକଙ୍କ ସମେତ ୩ ଗିରଫ

ହାଇଦରାବାଦ୍,୧୪।୯(ଏଜେନ୍ସି): ତେଲଙ୍ଗାନାର ହାଇଦରାବାଦ୍‌ର ପୁଲିସ୍ ଏକ ଘରୋଇ ସ୍କୁଲରେ ନିଶାଦ୍ରବ୍ୟ କାରଖାନା ଠାବ କରିଛି। ମେଧା ନାମକ ଏହି ସ୍କୁଲ୍‌ର ନିର୍ଦ୍ଦେଶକ ମାଲେଲା ଜୟା ପ୍ରକାଶ ଗୌଡ଼ ସହିତ ୩ ଜଣ ଲୋକଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ସ୍କୁଲର ଶ୍ରେଣୀ କୋଠରୀ ଓ ରେଷ୍ଟ୍ରିକ୍‌ଟେଡ ଏରିଆକୁ ଅଲପ୍ରାଜୋଲାମ୍ ଭଳି ନିଶାଦ୍ରବ୍ୟ ଉତ୍ପାଦନକାରୀ କାରଖାନରେ ପରିଣତ କରିଥିଲେ। ଅଲପ୍ରାଜୋଲାମ୍‌କୁ ତାଡି ତଥା ନିଶାଦ୍ରବ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ। ସ୍କୁଲ ବିଲ୍ଡିଂର ଦ୍ୱିତୀୟ ମହଲାରେ ପାଖାପାଖି ଗତ ୬ ମାସ ହେବ ଏହି କାରଖାନା ଚାଲିଆସୁଥିଲା। ତଳ ଓ ପ୍ରଥମ ମହଲାରେ ପିଲାଙ୍କୁ ପଢ଼ାଯାଉଥିଲା। ଏହି କାରଖାନାରେ ସପ୍ତାହର ୬ ଦିନ ଡ୍ରଗ୍ସ ତିଆରି କରାଯାଉଥିଲା ଓ ରବିବାର ଏହାକୁ ବାହରକୁ ବାହରା କରାଯାଇ ବଜାରରେ ପହଞ୍ଚା ଯାଉଥିଲା। ପୁଲିସ ସ୍କୁଲ ଉପରେ ଚଢାଉ କରି ୭ କେଜିରୁ ଊର୍ଦ୍ଧ୍ୱ ଆଲପ୍ରାଜୋଲାମ୍, ନଗଦ ୨୧ ଲକ୍ଷ ଟଙ୍କା, ବହୁ ପରିମାଣରେ ରାସାୟନିକ ପଦାର୍ଥ ଓ ଉତ୍ପାଦନକାରୀ ଜିନିଷ ଓ ପଦାର୍ଥ ଜବତ କରିଛି। ପୁଲିସ ଏକ କେମେଷ୍ଟ୍ରୀ ଲାବ ମଧ ଦେଖିବାକୁ ପାଇଛି। ଏଠାରେ ବହୁ ପରିମାଣର ଡ୍ରଗ୍ସ ଉତ୍ପାନଦ କରିବା ପାଇଁ ବ୍ୟବହାର କରାଯାଉଥିଲା ବୋଲି ପୁଲିସ କହିଛି। ଏହି ଲାବ୍‌ରେ ୮ଟି ରିଆକ୍ଟର ଓ ଡ୍ରାୟର ଲଗାଯାଇଥିଲା। ସ୍କୁଲ ନିର୍ଦ୍ଦେଶକ ମାଲେଲା ଗୁରୁବେଢ୍ଡୀ ନାମକ ଜଣେ ଲୋକଠାରୁ ଡ୍ରଗ୍ସ ତିଆରି ପ୍ରକ୍ରିୟା ଶିକ୍ଷା କରିଥିଲା ବୋଲି ପୁଲିସ୍ କହିଛି।

## ଆସାମରେ ୫.୯ ତୀବ୍ରତାର ଭୂକମ୍ପ

- ଭୁଟାନ, ପଶ୍ଚିମବଙ୍ଗରେ ମଧ୍ୟ ଝଟ୍‌କା
- ମୃତାହତ, କ୍ଷୟକ୍ଷତି ନେଇ ସୂଚନା ନାହିଁ

ଗୌହାଟୀ,୧୪।୯(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମରେ ରବିବାର ସନ୍ଧ୍ୟାରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ୟୁନାଇଟେଡ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଏ ନେଇ ସୂଚନା ଦେଇଛି। ଅପରାହ୍ଣ ୪.୪୧ରେ ଏହି ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଉଦଲଗୁରି ଜିଲ୍ଲାର ପୂର୍ବକୁ ୧୪ କିମି ଦୂରରେ ଭୂକମ୍ପର ଏପିସେଣ୍ଟର ଅର୍ଥାତ କେନ୍ଦ୍ର ଥିଲା ଓ ଏହା ଭୂପୃଷ୍ଠର ୧୦କମି ଗଭୀରରେ ଥିଲା ବୋଲି ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ତେବେ ଭାରତର ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜୀରେ ଭୂକମ୍ପର ତୀବ୍ରତା ୫.୮ ଥିଲା ଓ ଏହାର ଗଭୀରତା ୫.୫ କିମି ଥିଲ ବୋଲି କହିଛି। ଭୂକମ୍ପ ପରେ ଏହି ଅଞ୍ଚଳରେ ୩.୧ ଓ ୨.୯ ତୀବ୍ରତାର ପରବର୍ତ୍ତୀ ଭୂକମ୍ପ ଝଟ୍‌କା ଯଥାକ୍ରମେ ସନ୍ଧ୍ୟା ୪.୫୮ ଓ ୫.୨୧ରେ ଅନୁଭୂତ ହୋଇଥିଲା ବୋଲି କୁହାଯାଇଛି। ଏହି ଭୂକମ୍ପ ମଧ୍ୟ ଭୁଟାନ ଓ ପଶ୍ଚିମବଙ୍ଗର କିଛି ଅଞ୍ଚଳରେ ଅନୁଭୂତ ହୋଇଛି। ଭୂକମ୍ପ ଝଟ୍‌କା ପରେ ଗୌହାଟୀରେ ଲୋକମାନେ ଜୀବନ ବଞ୍ଚାଇବାକୁ ଘର ଓ ଅଫିସ ବାହାରକୁ ଦୌଡ଼ୁଥିବାର ଲକ୍ଷ୍ୟ କରାଯାଇଥିଲା। ଉଲ୍ଲେଖଥାଉ କି, ଭାରତର ଉତ୍ତରପୂର୍ବାଞ୍ଚଳ ହାଇ ସେସ୍‌ମିକ ଜୋନ ଅର୍ଥାତ ଭୂକମ୍ପ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ତେଣୁ ଆସାମ ସମେତ ଅନ୍ୟ ଉତ୍ତରପୂର୍ବ ରାଜ୍ୟରେ ବାରମ୍ବାର ଭୂକମ୍ପର ଝଟ୍‌କା ଅନୁଭୂତ ହେଉଛି। ପୂର୍ବରୁ ୨୦୨୧ରେ ଆସାମର ସୋନିତପୁର ଜିଲ୍ଲାରେ ୬.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଧନଜୀବନର କୌଣସି କ୍ଷୟକ୍ଷତି ହୋଇନାହିଁ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି। ରାଜ ସରକାର ଓ ପ୍ରଶାସନ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ମଧ୍ୟ ସ୍ଥିତିକୁ ନେଇ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

- ଏନ୍‌ଡିଏ ଉପରେ ଚାପ ପକାଉଛନ୍ତି ମାନ୍‌ଝୀ

## ୨୦ ସିଟ୍ ନ ଦେଲେ ୧୦୦ରେ ଲଢ଼ିବୁ

ପାଟନା, ୧୪।୯ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ତଥା ହାମ୍ ମୁଖ୍ୟ ଜିତନ ରାମ ମାନଝୀ ନିଜକୁ ଏବଂ ପୁଅ-ବୋହୂଙ୍କ କ୍ୟାରିୟର ଗଠନ କରିବା ପରେ ଦଳକୁ ଆଞ୍ଚଳିକରୁ ଜାତୀୟ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଏନ୍‌ଡିଏ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ୧୫ରୁ ୨୦ ଆସନ ନ ମିଳିଲେ ୫୦ରୁ ୧୦୦ ଆସନରେ ଲଢ଼ିବୁ ବୋଲି କହିଛନ୍ତି। ସେ ଗୟାଜୀରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଏହି ଟିପ୍ପଣୀ ଦେଇଥିଲେ। ମାନ୍‌ଝୀ କହିଥିଲେ ଯେ ହମ୍ ଛୋଟମୋଟ ଦଳ ନୁହେଁ। ଏହା ୧୦ ବର୍ଷ ପୁରୁଣା ଦଳ। ଏହା ଜାତୀୟ ସ୍ତରୀୟ ଦଳ ହେଉ ବୋଲି ସେ ଚାହୁଁଛନ୍ତି। ଏଥିପାଇଁ ଦୁଇଟି ମାନଦଣ୍ଡ ଅଛି। ଗୋଟିଏ ବିଧାନସଭାରେ ୬୦% ଆସନ ଜିତିବାକୁ ପଡିବ। ଯଦି ଆମେ ୧୫ ରୁ ୨୦ ଆସନ ପାଇବୁ, ତେବେ ଆମେ ୮-୯ ଆସନ ଜିତିବୁ। କିମ୍ବା ମୋଟ ୬% ଭୋଟ ପାଇବାକୁ ହେବ। ସେହି ଅନୁସାରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଆମର ୧୦ ରୁ ୧୫ ହଜାର ଭୋଟ ଅଛି। ଯଦି ଏନ୍‌ଡିଏ ମେଣ୍ଟ ମୋତେ ୧୫ ରୁ ୨୦ ଆସନ ନ ଦିଏ, ତେବେ ଆମେ ୫୦ ରୁ ୧୦୦ ଆସନରେ ଏକା ଲଢ଼ିବୁ। ସେହି ଅନୁସାରେ ଦଳ ମୋଟ୍ ଭୋଟରୁ ୬% ପାଇପାରିବ। ଏହା ପରେ ହାମ୍‌କୁ ଜାତୀୟ ଦଳର ମାନ୍ୟତା ମିଳିବ।

## 'ଅପରେସନ ସିନ୍ଦୂର' ବେଳେ ମୁନୀର ବଙ୍କରରେ ଲୁଚିଥିଲେ: ପୂର୍ବତନ ଲେଫ୍ଟନାଣ୍ଟ ଜେନେରାଲ

ପାକିସ୍ତାନ ଆମ ମିସାଇଲକୁ ରୋକିପାରି ନଥିଲା

ନୂଆଦିଲ୍ଲୀ,୧୪।୯(ଏଜେନ୍ସି): ଅପରେସନ ସିନ୍ଦୂର ଚାଲିଥିବା ବେଳେ ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିର ଏକ ବଙ୍କରରେ ଲୁଚି ରହିଥିଲେ ବୋଲି ଭାରତୀୟ ସେନାବାହିନୀର ପୂର୍ବତନ ଲେଫ୍ଟନାଣ୍ଟ ଜେନେରାଲ କନୱାଲ ଜିତ୍ ସିଂ ଧିଲନ କହିଛନ୍ତି। ୪ ଦିନର ଏହି ଛୋଟିଆ ଯୁଦ୍ଧ ପରେ ଜନତାଙ୍କ ରୋଷରୁ ବଞ୍ଚିବା ପାଇଁ ସେ ନିଜକୁ ଫିଲ୍ଡ ମାର୍ଶାଲ ପଦରେ ଅଧିଷ୍ଠିତ କରାଇଥିଲେ ବୋଲି ଧିଲନ ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତାକାର ଦେବା ଅବସରରେ କହିଛନ୍ତି। ମେ' ୧୦ରେ ଭାରତ ପାକିସ୍ତାନର ୧୧ଟି ଏୟାର ବେସ୍ ଉପରେ ସଠିକତାର ସହ ଆକ୍ରମଣ କରିଥିଲା। ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ ଏତେ ଦୁର୍ବଳ ଥିଲା ଯେ, ଆମର ଗୋଟିଏ ହେଲେ ବି ମିସାଇଲକୁ ରୋକିବାରେ ସମର୍ଥ ହୋଇ ନଥିଲା ବୋଲି ସେ କହିଛନ୍ତି। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ଭାରତର ୨୬ ଲୋକ ପ୍ରାଣ ହରାଇଥିଲେ। ଫଳରେ ଏହାର ପ୍ରତିଶୋଧ ନେବାକୁ ଯାଇ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କାବାଦୀ ଠିକଣାକୁ ଭାରତୀୟ ବାୟୁସେନା ଧ୍ୱଂସ କରିବାରେ ସମର୍ଥ ହୋଇଥିଲା। ମେ' ୧୦ରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଘୋଷିତ ହୋଇଥିଲା। ପାକିସ୍ତାନ ଯୁଦ୍ଧବିରତି ପାଇଁ ଭିକ୍ଷା କରିଥିଲା ବୋଲି ଧିଲନ କହିଛନ୍ତି। ମେ ୧୦ରେ ପାକିସ୍ତାନ ଡିଜିଏମ୍‌ଓ ଅପରାହ୍ଣ ୩ଟା ୩୫ରେ ଭାରତର ଡିଜିଏମ୍‌ଓଙ୍କୁ ଫୋନ କରି ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲେ। ତେଣୁ ଏହି ଯୁଦ୍ଧରେ ଭାରତ ବିଜୟୀ ହୋଇଥିଲା ବୋଲି ସେ କହିଛନ୍ତି। ଯେତେବେଳେ ପାକିସ୍ତାନ ମଧ୍ୟସ୍ଥତା ଓ ଅସ୍ତ୍ରବିରତି ପାଇଁ ଆମେରିକା ଓ ସାଉଦି ଆରବ ଶରଣ ପଶେ ତାହାକୁ ଓ ଯଦି ଆମେ ନୀତିଗତ ଭାବେ ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ପ୍ରତ୍ୟାଖାନ କରିଥାଉ ତାହାକୁ ଆମର ବିଜୟ କୁହାଯିବ ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରରେ ଭାରତ ପାକିସ୍ତାନରେ ୯ଟି ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିବା ସହ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିପାତ କରିଥିଲା।

ବେଆଇନ ପ୍ରବାସୀଙ୍କୁ ନେଇ ବ୍ରିଟେନ୍‌ରେ ବିକ୍ଷୋଭ

# ସଂସଦ ଭଙ୍ଗ କରିବାକୁ ଏଲନ ମସ୍କଙ୍କ ଦାବି

- ଲୋକଙ୍କୁ କହିଲେ ସଂଘର୍ଷ କର କିମ୍ବା ମର
- ସରକାର ବଦଳାଇବାକୁ ହେବ



ଲଣ୍ଡନ, ୧୪।୯ (ଏଜେନ୍ସି): ଆମେରିକା ରାଜନୀତିରେ ବିଫଳ ହୋଇଥିବା ଶିଳ୍ପପତି ତଥା ଟେସ୍‌ଲା ମାଲିକ ଏଲନ ମସ୍କ ବ୍ରିଟେନ ରାଜନୀତିରେ ପ୍ରବେଶ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ପୂର୍ବତନ ବନ୍ଧୁ ବଇରୀ ପାଲଟିବା ପରେ ନୂଆ ସହଯୋଗୀ ସନ୍ଧାନରେ ଲାଗି ପଡ଼ିଛନ୍ତି। ସେ ବ୍ରିଟେନରେ ଆରମ୍ଭ ହୋଇଥିବା ବେଆଇନ ପ୍ରବାସୀ ବିରୋଧୀ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଆଉ ବ୍ରିଟେନ ସରକାରଙ୍କୁ ବଦଳାଇବା ପାଇଁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ସୂଚନା ଅନୁଯାୟୀ ଶନିବାରଲଣ୍ଡନରେ ବଡ଼ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ଲକ୍ଷାଧିକ ଲୋକେ ବେଆଇନ ପ୍ରବାସୀଙ୍କୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି। ଏହି ବିକ୍ଷୋଭର ନାମ 'ୟୁନାଇଟ ଦ କିଙ୍ଗଡମ୍' ରଖାଯାଇଛି। ଆଣ୍ଟି-ଇମିଗ୍ରେସନ ନେତା ଟମି ରବିନସନ୍ ଏହାର ନେତୃତ୍ୱ ନେଇଛନ୍ତି। ଏହାକୁ ଦେଶର ସବୁଠୁ ବଡ଼ ଦକ୍ଷିଣପନ୍ଥୀ ରାଲି କୁହାଯାଉଛି। ଭିଡିଓ କନଫରେନ୍ସି ମାଧ୍ୟମରେ ଶିଳ୍ପପତି ଏଲନ ମସ୍କ ଏହି ବିକ୍ଷୋଭରେ ସାମିଲ ହୋଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ ଟମିଙ୍କ ସହ ଆଲୋଚନା କରିଛନ୍ତି। ମସ୍କ କହିଥିଲେ ଯେ ହିଂସା ତୁମ ନିକଟକୁ ଯାଉଛି। ସଂଘର୍ଷ କର କିମ୍ବା ମର। ବେଆଇନ ପ୍ରବାସୀ ବ୍ରିଟେନକୁ ବିନାଶ ଅଭିମୁଖେ ନେଉଛନ୍ତି। ବ୍ରିଟେନ ଦ୍ରୁତ ଗତିରେ କ୍ଷୟ ହେବାରେ ଲାଗିଛି। ଏହା ସହିତ ବ୍ରିଟେନ ସଂସଦ ଭଙ୍ଗ କରିବା ପାଇଁ ମସ୍କ ଦାବି କରିଛନ୍ତି। ସରକାର ବଦଳାଇବାକୁ ପଡ଼ିବ ବୋଲି ସେ କହିଛନ୍ତି।

ଲଣ୍ଡନରେ ଏହି ବିକ୍ଷୋଭ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଫୁଟ୍‌ବଲ୍ ମ୍ୟାଚ ଦେଖୁଥିଲେ। ସେ ନିଜ ପୁଅ ସହିତ ଲଣ୍ଡନର ଏମିରେଟ୍ସ ଷ୍ଟାଡିୟମରେ ଥିଲେ। ଏହି ସହରରେ ହିଂସା ହୋଇଥିଲା। ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀ ପୁଲିସ ସହ ମୁହାଁମୁହିଁ ହୋଇଥିଲେ। ଅଧିକାରୀଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଅନେକ ଆହତ ହୋଇଥିବା ସୂଚନା ମିଳିଛି। ଏହାକୁ ନେଇ ୧୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିଲା। ଲକ୍ଷାଧିକ ଲୋକେ ବେଆଇନ ପ୍ରବାସୀଙ୍କୁ ରୋକିବା ଦାବିରେ ବ୍ରିଟେନ ସଂସଦ ଅଭିମୁଖେ ରାଲି ବାହାର କରିଥିଲେ। ବ୍ରିଟେନରେ ପ୍ରବାସୀ ରହୁଥିବା ହୋଟେଲ ବାହାରୁ ଏହି ବିକ୍ଷୋଭ ଆରମ୍ଭ ହୋଇଥିଲା। ଏଥିରେ ସାମିଲ ଲୋକେ ୟୁନିଅନ ଜ୍ୟାକ୍ ଏବଂ ଲାଲ-ଧଳା ରଙ୍ଗର ସେଣ୍ଟ ଜର୍ଜ କ୍ରସ୍ ପତାକା ଉଡ଼ାଇ ଥିଲେ। ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବେଆଇନ ପ୍ରବାସୀଙ୍କୁ ଘରକୁ ପଠାଇବାକୁ ଦାବି କରିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୨୮ ହଜାରରୁ ଅଧିକ ବେଆଇନ ପ୍ରବାସୀ ଇଂଲିଶ ଚ୍ୟାନେଲ ଦେଇ ବ୍ରିଟେନରେ ପହଞ୍ଚିଛନ୍ତି।



‘ଦୃଶ୍ୟମ୍ ୩’ର ରିଲିଜ୍ ଡେଟ୍ ଫାଇନାଲ

▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-82 ◆MONDAY ◆15 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୨ ◆ସୋମବାର ◆୧୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦







### ମାଫିଆଙ୍କ ସାହାରା ଅଖ୍ୟାତ ରାଜନୈତିକ ଦଳ

# ଧଳା ହେଉଛି କଳା ଟଙ୍କା

■ **ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି):** ଦେଶରେ ୬ଟି ଜାତୀୟ ଓ ୬୭ଟି ଆଞ୍ଚଳିକ ଦଳ ରହିଛି। ୨୦୨୪ ଲୋକସଭା ନିର୍ବାଚନରେ ୨୮୦୦ରୁ ଅଧିକ ଅଣ-ମାନ୍ୟତାପ୍ରାପ୍ତ ରାଜନୈତିକ ଦଳ ମଧ୍ୟରୁ ମାତ୍ର ୬୯୦ଟି ଦଳ ନିର୍ବାଚନ କରିଛନ୍ତି। ବିଡ଼ମ୍ବନା ହେଉଛି ରାଜନୈତିକ ଭାବରେ ସକ୍ରିୟ ନ ଥିବା ଦଳ ସଂଖ୍ୟା ଦେଶରେ ବଢ଼ି ଚାଲିଛି ଏବଂ ଏଗୁଡ଼ିକ ମାଧ୍ୟମରେ କିଛି ଦୁର୍ନୀତିଗ୍ରସ୍ତ ବ୍ୟକ୍ତି, ଅନୁଷ୍ଠାନ ଓ ଶିଳ୍ପପତି ନିଜ କଳାଧନକୁ ଧଳା କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଆଗତ ଏକ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଏକ ଗମ୍ଭୀର ମାମଲା ବୋଲି ଉଲ୍ଲେଖ କରି ନିର୍ବାଚନ କମିଶନ (ଇସି) ଓ କେନ୍ଦ୍ର ସରକାରଙ୍କୁ ପକ୍ଷ ରଖିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ନିକଟରେ ଏଭଳି ଏକ ରାଜନୈତିକ ଦଳ ଧରା ପଡ଼ିଥିଲା ଯିଏ ୨୦ ପ୍ରତିଶତ କମିଶନ ନେଇ ଅସାଧୁ ଲୋକଙ୍କ କଳା ଧନକୁ ଧଳା କରୁଥିଲା କରୁଥିବା

**ଇସି ଓ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ**

- ୧୪୦ ଭୋଟ ପାଇଥିବା ଦଳକୁ ୨୦୦ କୋଟି ଟଙ୍କା ଚାନ୍ଦା
- ୧୦୪୨ ଭୋଟ ପାଇଥିବା ଦଳ ପାଇଛି ୪୧୬ କୋଟି ଟଙ୍କା
- ୯୦୨୯ ଭୋଟ ପାଇଥିବା ଦଳ ଠୁଳ କରିଛି ୬୦୮ କୋଟି
- ୧୧୪୯୬ ଭୋଟ ପାଇଥିବା ଦଳ ପାଇଛି ୯୫୭ କୋଟି



ସଂକ୍ରାନ୍ତରେ ଏକ ମାମଲା ସୁପ୍ରିମକୋର୍ଟରେ ରୁଜୁ ହୋଇଛି। ଏଥିରେ କୁହାଯାଇଛି ଯେ ଅପରାଧୀ ଓ ଅସାଧୁ ବ୍ୟବସାୟୀଙ୍କଠାରୁ ଅର୍ଥ ନେଇ କିଛି ରାଜନୈତିକ ଦଳଗୁଡ଼ିକ ସେମାନଙ୍କୁ ଭିନ୍ନଭିନ୍ନ ପଦରେ ନିଯୁକ୍ତି ଦେଉଛନ୍ତି। କିଛି ବିଚ୍ଛିନ୍ନତାବାଦୀ ଓ ଦେଶ ବିରୋଧୀ ମଧ୍ୟ ରାଜନୈତିକ ଦଳ ଗଠନ କରି ଚାନ୍ଦା ଆଦାୟ କରୁଛନ୍ତି। ସେହିପରି ଏହି ଆବେଦନରେ ଏଡ଼ିଆର୍ ଦ୍ୱାରା ପ୍ରଦତ୍ତ ତଥ୍ୟକୁ ମଧ୍ୟ ସଂଲଗ୍ନ କରାଯାଇଛି। ଦେଶରେ ନାମକୁମାତ୍ର ଭୋଟ ପାଉଥିବା ପଞ୍ଜିକୃତ ଅଣମାନ୍ୟତାପ୍ରାପ୍ତ ରାଜନୈତିକ ଦଳ (ଆରୟୁପିପି) ଗୁଡିକର ଆୟର ୨୦୨୨-୨୩ରେ ୨୨୩ ପ୍ରତିଶତ ବୃଦ୍ଧି ପାଇଥିବା ଉଲ୍ଲେଖ ▶ପୃଷ୍ଠା-୭

### ରାଜସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ

## ଅକ୍ଟୋବରରୁ ଓଡ଼ିଶା ଛାଡ଼ିବ

■ **ଭୁବନେଶ୍ୱର,୧୪।୯ (ସମିସ):** ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଛି। ରବିବାର ରାଜସ୍ଥାନର କିଛି ଅଞ୍ଚଳରୁ ମୌସୁମୀ ଅପସରି ଯାଇଛି। ସେପ୍ଟେମ୍ବର ୧୭ ଅର୍ଥାତ ସ୍ୱାଭାବିକ ତାରିଖର ୩ ଦିନ ପୂର୍ବରୁ ମୌସୁମୀ ଅପସାରଣ ଆରମ୍ଭ ହୋଇଛି। ଆଗାମୀ ୨-୩ ଦିନ ମଧ୍ୟରେ ରାଜସ୍ଥାନର ଆଉ କିଛି ଅଞ୍ଚଳ ସହ ପଞ୍ଜାବ ଓ ଗୁଜୁରାଟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହେବାକୁ ପାଗ ଅନୁକୂଳ ରହିଛି। ଏହାସହ ଆସନ୍ତା ଅକ୍ଟୋବର ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀ ଓଡ଼ିଶା ଛାଡ଼ିବା ନେଇ ସମ୍ଭାବନା ରହିଛି। ତେବେ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ପରେ ବାତ୍ୟା ଋତୁ ଆରମ୍ଭ ହୋଇଯାଉଥିବାରୁ ଏହାକୁ ନେଇ ମଧ୍ୟ ଏବେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। କାରଣ ଚଳିତ ବର୍ଷ ଲା-ନିନା ସ୍ଥିତି ଯୋଗୁଁ ବାତ୍ୟା ସୃଷ୍ଟି ନେଇ ପାଗ ଅନୁକୂଳ ରହୁଥିବା ବେଳେ ଏବର୍ଷ ଅକ୍ଟୋବର-ନଭେମ୍ବର ମଧ୍ୟରେ ବାତ୍ୟା ସୃଷ୍ଟି ହେବାର ୭୦ ପ୍ରତିଶତରୁ ଅଧିକ ସମ୍ଭାବନା ଥିବା ଆକଳନ କରାଯାଉଛି। ଯେଉଁଥିପାଇଁ ରାଜ୍ୟବାସୀଙ୍କ ମନରେ ଚିନ୍ତା ବଢ଼ିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସମ୍ଭାବ୍ୟ ଲା-ନିନା ଯୋଗୁଁ ବାତ୍ୟା ସୃଷ୍ଟି ଉପରେ ପ୍ରଭାବ ପକାଇବ। ▶ପୃଷ୍ଠା-୭

## ବୀମାରେ ୧୦୦% ଏଫ୍‌ଡିଆଇ

### ଶୀତ ଅଧିବେଶନରେ ଆସିବ ବିଲ୍

■ **ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି):** ଭାରତୀୟ ବଜାରରେ ବଢ଼ିବ ବିଦେଶୀ ବୀମା କମ୍ପାନୀଙ୍କ ଦବ୍‌ଦବା। କାରଣ ଦେଶର ବୀମା କ୍ଷେତ୍ରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ସଂସଦର ଆଗାମୀ ଶୀତ ଅଧିବେଶନରେ ଏ ସମ୍ପର୍କରେ ଏକ ବିଲ୍ ଆଗତ ହେବାର ସମ୍ଭାବନା ରହିଛି। ରବିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ବୀମା କ୍ଷେତ୍ରରେ ଏଫ୍‌ଡିଆଇ ସୀମା ଶେଷ ଥର ପାଇଁ ୨୦୨୧ରେ ୪୯%ରୁ ୭୪%କୁ ବୃଦ୍ଧି କରାଯାଇଥିଲା। ସେହିପରି ୨୦୧୫ରେ ମଧ୍ୟ ସରକାର ଏଫ୍‌ଡିଆଇ ସୀମା ୨୬% ରୁ ୪୯% କୁ ବୃଦ୍ଧି କରିଥିଲେ। ଚଳିତବର୍ଷର ବଜେଟ୍ ଭାଷଣରେ, ଅର୍ଥମନ୍ତ୍ରୀ ନୂତନ ପିଢ଼ିର




ଆର୍ଥିକ କ୍ଷେତ୍ର ସଂସ୍କାର ଅଧୀନରେ ବୀମା କ୍ଷେତ୍ରରେ ବିଦେଶୀ ନିବେଶ ସୀମାକୁ ବର୍ତ୍ତମାନର ୭୪% ରୁ ୧୦୦%କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ବର୍ଦ୍ଧିତ ସୀମା ସେହି କମ୍ପାନୀଗୁଡ଼ିକ ପାଇଁ ଉପଲବ୍ଧ ହେବ ଯେଉଁମାନେ ସେମାନଙ୍କର ସମ୍ପୂର୍ଣ୍ଣ ପ୍ରିମିୟମ୍ ଭାରତରେ ନିବେଶ କରନ୍ତି। ସଂସଦର ଶୀତକାଳୀନ ଅଧିବେଶନ ସାଧାରଣତଃ ନଭେମ୍ବର ଶେଷ ଭାଗରେ ଆରମ୍ଭ ହୁଏ ଏବଂ ଖ୍ରୀଷ୍ଟମାସ ପୂର୍ବରୁ ଶେଷ ▶ପୃଷ୍ଠା-୭

### ଗୁମର ଖୋଲିଦେଲେ ବାଲେଶ୍ୱର ସାଂସଦ

# ପୁଲିସ-ତହସିଲ-ଖଣି ବିଭାଗ ଅସାଧୁ ମେଣ୍ଟ

■ **ଭୁବନେଶ୍ୱର, ୧୪।୯ (ସମିସ):** ସାରା ରାଜ୍ୟରେ ସୀମା ଟପିଛି ଲଘୁ ଖଣିଜ ସାମଗ୍ରୀ ବାଲି, ପଥରର ଚୋରା ଚାଲାଣ। ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ ଏପରି ଅଭିଯୋଗ ଆସୁଛି, ମାତ୍ର ସରକାର ଓ ବିଭାଗୀୟ ମନ୍ତ୍ରୀମାନେ ଏହାକୁ ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି। ଗଣମାଧ୍ୟମ ପ୍ରଶ୍ନ କଲେ ରାଜସ୍ୱ ମନ୍ତ୍ରୀ ପ୍ରମାଣ ମାଗୁଛନ୍ତି। ମାତ୍ର ଏହି କଳା ସତ ଓ ସରକାରଙ୍କ ମିଛକୁ ପଦାରେ ପକାଇଛନ୍ତି ଖୋଦ ଶାସକ ଦଳର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଭୋଗରାଇର ସୁବର୍ଣ୍ଣରେଖା ନଦୀପଠାକୁ ନିଜେ ସାଂସଦ ଅଚାନକ ଗସ୍ତରେ ଯାଇ ବାଲିଚୋରା ଚାଲାଣ ଆଖିରେ ଦେଖିଛନ୍ତି।

- ରାଜ୍ୟରେ ପଥର-ବାଲି ଚୋରି ଅଣାୟତ୍ତ
- ଆଖି ବୁଜିଦେଇଛନ୍ତି ଏସ୍‌ପି-ଜିଲ୍ଲାପାଳ
- ତୁରନ୍ତ ମାମଲା ରୁଜୁ କରିବାକୁ ପରାମର୍ଶ



ଘଟଣାସ୍ଥଳରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଫୋନ କରି ଶ୍ରୀ ଷଡ଼ଙ୍ଗୀ ପୁଲିସ-ତହସିଲ-ଖଣି ବିଭାଗ ମିଳିତ ଭାବେ ଟଙ୍କା ଖାଇ ବାଲି ଚୋରିକୁ ପ୍ରଶ୍ରୟ ଦେଉଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି। ଏପରି ଅପରାଧ ଦେଶଦ୍ରୋହ ସହ ସମାନ ଓ ଏଥିପାଇଁ ସରକାର ବିପୁଳ ରାଜସ୍ୱ ହରାଉଥିବାରୁ ସଂପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇଁ ସେ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଭୋଗରାଇ ସୁବର୍ଣ୍ଣରେଖା ନଦୀପଠାରୁ ବାଲି ଚୋରି କେବଳ ଏକ ଉଦାହରଣ ମାତ୍ର। ନିଜେ ସାଂସଦ ତାହା ଦେଖିବା ପରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର କେବଳ ବାଲେଶ୍ୱର ନୁହେଁ, ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବାଲିଚୋରି ବେଧଡ଼କ ଭାବରେ ଚାଲିଛି ଓ ସରକାର ଏଥିପାଇଁ ବିପୁଳ ରାଜସ୍ୱ ହରାଉଛନ୍ତି। ଅନେକ ସ୍ଥାନରେ ପୁଲିସ ସ୍ଥାନୀୟ କୁଜି ନେତାମାନଙ୍କ କଲେକ୍ସନ ଏଜେଣ୍ଟ ପାଲଟିଥିବା ଅଭିଯୋଗ ହୋଇଛି। ଗଞ୍ଜାମ, ଗଜପତି, ରାଗଡା, କଳାହାଣ୍ଡି, କୋରାପୁଟ, କଟକ, ଖୋର୍ଦ୍ଧା, ସୁନ୍ଦରଗଡ, ନୟାଗଡ, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ ପରି ଜିଲ୍ଲାଗୁଡ଼ିକରେ ବାଲି ଚୋରି ସ୍ଥିତି ଅଣାୟତ୍ତ। ▶ପୃଷ୍ଠା-୭

# ଲକ୍ଷ୍ନୌ ବିମାନବନ୍ଦରରେ ଟଳିଲା ବଡ଼ ଦୁର୍ଘଟଣା

### ଅଳ୍ପକେ ବର୍ତ୍ତିଲେ ଡିମ୍ପଲ ଯାଦବଙ୍କ ସମେତ ୧୫୧ ଯାତ୍ରୀ

■ **ଲକ୍ଷ୍ନୌ, ୧୪।୯ (ଏଜେନ୍ସି):** ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ବିମାନ ବନ୍ଦରରେ ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ଲକ୍ଷ୍ନୌରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିବା ଇଣ୍ଡିଗୋ ବିମାନ (୬-ଇ-୨୧୧୧)କୁ ଏମର୍ଜେନ୍ସି ବ୍ରେକ୍ ଲଗାଇ ପାଇଲଟ ଅଟକାଇ ଦେଇଛନ୍ତି। ଏହା ଦେଖି ଯାତ୍ରୀ ଭୟଭୀତ ହୋଇ ଯାଇଥିଲେ। ଶନିବାର ସକାଳ ୧୧.୧୦ରେ ବିମାନ ରନୱେରେ ଦ୍ରୁତଗତିରେ ଯାଉଥିବାବେଳେ ଏହି ଅଘଟଣ ଘଟିଥିଲା। ଇଞ୍ଜିନକୁ ଥ୍ରଷ୍ଟ ତଥା ଚାପ ନ ମିଳିବାରୁ ପାଇଲଟ ଉପସ୍ଥିତ ବୁଦ୍ଧି ଖଟାଇ ଉଡ଼ିବା ପୂର୍ବରୁ ବିମାନକୁ ରୋକି



ରନ୍‌ୱେରେ ବ୍ରେକ୍ ଲଗାଇ ରୋକିଲେ ପାଇଲଟ୍

ଦେଇଥିଲେ। ଏଥିଯୋଗୁଁ ୧୫୧ ଯାତ୍ରୀଙ୍କ ଜୀବନ ବଞ୍ଚି ଯାଇଛି। ଏହି ଯାତ୍ରୀଙ୍କ ମଧ୍ୟରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ପତ୍ନୀ ଡିମ୍ପଲ ଯାଦବ ସାମିଲ ଥିଲେ। ପରେ ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଥିଲା। ଆମକୁ ଭଗବାନ ବଞ୍ଚାଇ ଦେଲେ, ନ ହେଲେ ଏକ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତୁ ବୋଲି ଜଣେ ଯାତ୍ରୀ କହିଥିଲେ। ପରେ ଅନ୍ୟଏକ ▶ପୃଷ୍ଠା-୭

### ବାଇକ୍‌କୁ ଧକ୍କା ଦେଲା ଟ୍ରେଲର

## ସ୍ତ୍ରୀ ଆଗରେ ଚାଲିଗଲେ ସ୍ୱାମୀ

ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ



■ **ସାରସକଣା,୧୪।୯ (ସମିସ):** ସ୍ତ୍ରୀ ଆଖି ଆଗରେ ଚାଲିଗଲା ସ୍ୱାମୀଙ୍କ ଜୀବନ। ସାରସକଣା ବ୍ଲକ୍ ଝାରପୋଖରିଆ ଥାନା ଅଧୀନ ୧୮ ଓ ୪୯ ନଂ. ଜାତୀୟ ରାଜପଥର ମିଳନସ୍ଥଳ ବମ୍ବେ ଛକ ଓଭରବ୍ରିଜ୍ ତଳ ସର୍ଭିସ୍ ରୋଡ୍‌ରେ ଆଜି ଏହି ଅଘଟଣ ଘଟିଛି। ମୃତକ ହେଲେ, ଚାନ୍ଦୁଆ ଥାନା ଅନ୍ତର୍ଗତ ରଜାବସା ଗ୍ରାମର ସୁରେଶ ବିନ୍ଧାଣି (୩୫)।

ସୂଚନାନୁସାରେ, ସୁରେଶଙ୍କ ଶ୍ୱଶୁରଘର ଝାଡ଼ଖଣ୍ଡ ରାଜ୍ୟ ଘୋଡ଼ାବାନ୍ଧା ଥାନା ମାଙ୍କଡି ଗ୍ରାମରେ। ଆଜି ସେ ଶ୍ୱଶୁରଘରୁ ସ୍ତ୍ରୀଙ୍କୁ ନେଇ ବାଇକ୍‌ରେ ଫେରୁଥିବା ବେଳେ ବମ୍ବେ ▶ପୃଷ୍ଠା-୭

### ଦୁର୍ଘଟଣାରେ ୨ ମୃତ

■ **ଯୋଡ଼ା, ୧୪।୯ (ସମିସ):** କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ବାରବାଙ୍କ ଘାଟି ଜଙ୍ଗଲ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କୋଇଡ଼ା ଥାନା କାଦଡିହି ଗ୍ରାମର ରାମ ମୁଣ୍ଡା(୨୦) ଓ ସାମୁଏଲ ମୁଣ୍ଡା(୧୬)। ଦୁହେଁ ଏକ ଜନ୍ମଦିନ କାର୍ଯ୍ୟକ୍ରମରେ ଯୋଗଦେଇ ବଡ଼ବିଲରୁ ଘରକୁ ▶ପୃଷ୍ଠା-୭

# ଭଗବାନଙ୍କ ଭରସାରେ ଉପକୂଳ ସୁରକ୍ଷା

### ତଟ ଜଗିବାକୁ ନାହାନ୍ତି ପୁଲିସ ବାବୁ ■ ୩ ଥାନା ଦାୟିତ୍ୱରେ ଜଣେ ଅଧିକାରୀ

■ **ଭୁବନେଶ୍ୱର, ୧୪।୯ (ସମିସ):** ପଡ଼ୋଶୀ ଦେଶମାନଙ୍କରେ ଅରାଜକତା ଏବେ ଦେଶର ଉପକୂଳ ରାଜ୍ୟଗୁଡ଼ିକ ପାଇଁ ସମସ୍ୟା ପାଲଟିଛି। ସମୁଦ୍ର ପଥରେ ଉପକୂଳବର୍ତ୍ତୀ ରାଜ୍ୟରେ ଅନୁପ୍ରବେଶର ଆଶଙ୍କା ବଢ଼ିଛି ଓ କୌଣସି ସମୟରେ ବି ଆତଙ୍କବାଦୀମାନେ ଏହି ରାଜ୍ୟରେ ପ୍ରବେଶ କରି କିଛି ବି ଅଘଟଣ ଘଟାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ଏପରି ସମୟରେ ଉପକୂଳ ସୁରକ୍ଷାକୁ ଓଡ଼ିଶା ପୁଲିସ ଗୁରୁତ୍ୱ ଦେଉଛି ବୋଲି



ପୁଲିସ ଅଧିକାରୀମାନେ କରୁଥିବା ଦମ୍ଭର ବାସ୍ତବିକତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାର ଦୀର୍ଘ ମୁକ୍ତଳା ଉପକୂଳ ଦେଇ ଅନୁପ୍ରବେଶ ରୋକିବାକୁ

- ୫୪ ସବ୍‌ଇନ୍ସପେକ୍ଟର ପଦରେ କାର୍ଯ୍ୟ କରୁଛନ୍ତି ୯ ଜଣ
- ଡ୍ରାଇଭର ନ ଥିବାରୁ ଖତ ଖାଉଛି ସାମୁଦ୍ରିକ ଥାନା ଗାଡ଼ି

ନା ଅଛନ୍ତି କର୍ମଚାରୀ ନା ଅଛି ପାଟ୍ରୋଲିଂ ପାଇଁ ଅନୁରୂପ ବ୍ୟବସ୍ଥା। ଓଡିଶା ତଟକୁ ଜଗିବାପାଇଁ ଥିବା ସାମୁଦ୍ରିକ ଥାନାରେ କିନ୍ତୁ ଆବଶ୍ୟକ ସୁରକ୍ଷାକର୍ମୀ ନାହାନ୍ତି। ଏହିସବୁ ଥାନାପାଇଁ ଯେତିକି ମଞ୍ଜୁରୀପ୍ରାପ୍ତ ପଦ ରହିଛି ତାହାଠାରୁ ଢେର କମ୍ କର୍ମଚାରୀ ଅଛନ୍ତି ଓ ଥାନାକୁ ମିଳିଥିବା ଯାନବାହନ ବି ଅଚଳ ହୋଇ ପଡ଼ିଛି। ଏପରି ସ୍ଥିତିରେ ଉପକୂଳ ସୁରକ୍ଷା କେବଳ ଘୋଷଣାରେ ଅଟକି ଯାଇଥିବା ଅଭିଯୋଗ ହୋଇଛି।

ରାଜ୍ୟର ୪୮୦ କିଲୋମିଟର ବ୍ୟାପ ସମୁଦ୍ର ତଟର ସୁରକ୍ଷା ପାଇଁ ୧୮ଟି ଉପକୂଳ ଥାନା ସ୍ଥାପନ ▶ପୃଷ୍ଠା-୭

## କଳିଙ୍ଗ ଭାରତୀ ଚିର ସବୁଜ ସଂଗୀତ ସନ୍ଧ୍ୟା ଉଦ୍‌ଘାଟିତ



ଯାଜପୁର,୧୪।୯ (ସମିସ): ଯାଜପୁର ଟାଉନ ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ କଳିଙ୍ଗ ଭାରତୀ ଫୋକ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଆୟୋଜିତ ଚିର ସବୁଜ ସଂଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତଥା ସାମ୍ବାଦିକ ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆୟୁକ୍ତ ଭୂଲେଖ ବନ୍ଦୋବସ୍ତ ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବିଶିଷ୍ଟ ଅତିଥି ଭାବେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବଟକୃଷ୍ଣ ସ୍ୱାଇଁ ଓ ଅନୁଷ୍ଠାନର ଉପଦେଷ୍ଟା ଡ. ସୁବାଷ ଚନ୍ଦ୍ର ପାଣି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଡ. କୈଳାଶ ଚନ୍ଦ୍ର ବେହେରା ବିବରଣୀ ପାଠ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। ମୁଖ୍ୟଅତିଥି ଶ୍ରୀ ମଲ୍ଲିକ ବକ୍ତବ୍ୟରେ କହିଥଲେ ଯାଜପୁର ହେଉଛି କଳା, ସାହିତ୍ୟ, ସଂସ୍କୃତିର ମାଟି। ସଂଗୀତ ସାଧନା ବଳରେ ଯାଜପୁରର କଳାକାର ମାନେ ଓଡିଶାର ବିଭିନ୍ନ ପ୍ରାନ୍ତରେ ଉତ୍କୃଷ୍ଟ କଳା ପ୍ରଦର୍ଶନ ସହ ଓଡିଶା ବାହାରେ ମଧ ଯାଜପୁର ତଥା ମା' ବିରଜାଙ୍କ ଏତିହ୍ୟ ସମ୍ପର୍କରେ ପ୍ରଚାରପ୍ରସାର କ୍ଷେତ୍ରରେ ଅଗ୍ରଣୀ ଭୂମିକା କଳିଙ୍ଗ ଭାରତୀ ଅନୁଷ୍ଠାନ କରିଥିବାରୁ ପ୍ରଶଂସା କରିଛନ୍ତି। ଆଜିର ଚିର ସବୁଜ ଗୀତ ସଂଗୀତ କାର୍ଯ୍ୟକ୍ରମରେ ରାଜ୍ୟର ପ୍ରତିଷ୍ଠିତ ଗାୟକ, ଗାୟିକା ମାନେ ସୁନ୍ଦର ଗୀତ ଗାନ କରି ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ମୁଖ୍ୟବକ୍ତା ଭାବେ ବିରଜା ରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ପୁରୁଣା ନୂଆ ସଂଗୀତ ଲୋକଙ୍କ ମନକୁ ପ୍ରଫୁଲିତ କରିବା ସହିତ ଯାଜପୁରର ଅଗଣିତ ଦର୍ଶକଙ୍କୁ ଏକତ୍ରିତ କରି ସଂଗୀତ କାର୍ଯ୍ୟକ୍ରମ କଳିଙ୍ଗ ଭାରତୀ ପକ୍ଷରୁ ଆୟୋଜିତ କରୁଥିବାରୁ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିବା ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଅନୁଷ୍ଠାନର ଉତ୍ତୋରତର କାମନା କରିବା ସହିତ ଏଭଳି କାଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ଡ. ସୁବାଷ ପାଣି, ଡ. କୈଳାଶ ଚନ୍ଦ୍ର ବେହେରା, ମିସ ମିନାକ୍ଷୀ, ସୀମାରାଣୀ, ମୋନାଲିସା, ଅର୍ଚ୍ଚିତା ପ୍ରମୁଖ ସଂଗୀତ ପରିବେଷଣରେ ଦର୍ଶକ ଝୁମିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ସେନା ସଂଘର ସଭାପତି ରବି ନାରାୟଣ ସାହୁ, ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାମ୍ବାଦିକା ମନୀଷା ରାଉତ ମାନପତ୍ର ପାଠ କରିଥିଲେ। ଶେଷରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ସ୍ମୃତି କର ଧନ୍ୟବାଦ ଦେଇଥିଲେ।

■ ଟିଏସ୍‌ଡିପିଏଲ୍ କଳିଙ୍ଗନଗର ପ୍ଲାଣ୍ଟ

## ଓଡ଼ିଶା ଏସ୍‌ଏଚ୍‌ଇ ଏକ୍ସଲେନ୍ସ ଆୱାର୍ଡରେ ସମ୍ମାନିତ



ଦାନଗଦୀ,୧୪।୯ (ସମିସ): ଟାଟା ଷ୍ଟିଲ ଡାଉନଷ୍ଟ୍ରିମ୍ ପ୍ରଡକ୍ଟସ୍ ଲିମିଟେଡ୍ (ଟିଏସଡିପିଏଲ)ର କଳିଙ୍ଗନଗର ପ୍ଲାଣ୍ଟକୁ ୨୦୨୪-୨୫ ବର୍ଷ ପାଇଁ ଓଡ଼ିଶାର ମଧମସ୍ତରୀୟ ଉତ୍ପାଦନ କ୍ଷେତ୍ରରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ (ଏସ୍‌ଏଚ୍‌ଇ) ଏକ୍ସଲେନ୍ସ ଆୱାର୍ଡର ପ୍ରଥମ ପୁରସ୍କାରରେ ସମ୍ମାନିତ କରାଯାଇଛି। କଲକାତାରେ ଅନୁଷ୍ଠିତ ସେଫ୍ଟି ସିମ୍ପୋଜିଅମ୍ ଏବଂ ଏକ୍ସପୋଜିସନ୍‌ରେ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ପୂର୍ବାଞ୍ଚଳ ଶାଖା ଦ୍ୱାରା ପ୍ରଦାନ କରାଯାଇଥିଲା। ଚିଫ୍ ଟିଏସଡିପିଏଲ୍ କଳିଙ୍ଗନଗର ରାଜେଶ ଚୌଧୁରୀ ଏହି ପୁରସ୍କାରଟି ଗ୍ରହଣ କରିଥିଲେ। ଶ୍ୟାମ ମାଇନିଙ୍ଗ୍ ଗ୍ରୁପ୍‌ର ପରାମର୍ଶଦାତା ଏବଂ ସିଆଇଆଇ ସିନିଅର୍ ଏକ୍ସେକ୍ୟୁଟିଭ୍ ଲୋକେଶ ରାୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏଥିରେ ଟାଟା ଷ୍ଟିଲର ସେଫ୍ଟି, ହେଲ୍ଥ ଏବଂ ସଷ୍ଟେନିବିଲିଟିର ଉପାଧକ୍ଷ ଏବଂ ସିଆଇଆଇ ପୂର୍ବାଞ୍ଚଳ ସେଫ୍ଟି ସବ୍‌କମିଟିର ଅଧକ୍ଷ ରାଜୀବ ମଙ୍ଗଳ ମଧ ଉପସ୍ଥିତରେ ଏହା ପ୍ରଦାନ କରାଯାଇଥିଲା। ସମ୍ମାନଟି ଟିଏସଡିପିଏଲ୍‌ର କାର୍ଯ୍ୟକାରୀ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ କର୍ମଚାରୀଙ୍କ କଲ୍ୟାଣ ପ୍ରତି ଦୃଢ଼ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ୧୦୦ରୁ ଅଧିକ କମ୍ପାନୀ ଏହି ପୁରସ୍କାର ସମାରୋହରେ ଭାଗ ନେଇଥିଲେ। ଟିଏସଡିପିଏଲ୍‌ର ଶୀର୍ଷସ୍ଥାନ ଏହାର ଅନୁକରଣୀୟ ଏସଏଚଇ ଅଭ୍ୟାସ ଏବଂ ନିରନ୍ତର ବିକାଶ ସଂସ୍କୃତିର ପ୍ରମାଣ ଅଟେ।

# କୁସୁନପୁର ନୂଆସାହି ବନୀକରଣ ଅଞ୍ଚଳରୁ ମୋରମ ଲୁଟ୍

କବାଟବନ୍ଧ,୧୪।୯ (ସମିସ):



■ ରୋପଣ ହୋଇଥିବା ଚାରା ନଷ୍ଟ ହେବାକୁ ବସିଲାଣି
■ ବନବିଭାଗ ପକ୍ଷରୁ ଦୃଷ୍ଟିଦେବାସହ କାର୍ଯ୍ୟାନୁଷ୍ଠାନ ଦାବି

ଧର୍ମଶାଳା ବ୍ଲକ୍ ଅଧୀନ ଜେନାପୁର ଥାନା ଅନ୍ତର୍ଗତ କୁସୁନପୁର ନୂଆସାହି ନିକଟରୁ ମୋରମ ଲୁଟ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏହାଦ୍ୱାରା ବନବିଭାଗ ପକ୍ଷରୁ ରୋପଣ ହୋଇଥିବା ଚାରା ନଷ୍ଟ ହେବାକୁ ବସିଲାଣି। ସରକାର ତଥା ଜଙ୍ଗଲ ବିଭାଗ ବନୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଉପଯୁକ୍ତ ସୁରକ୍ଷା ଅଭାବରୁ ଏହା ସଫଳ ହୋଇପାରୁନାହିଁ। ସ୍ଥାନୀୟ ଲୋକମାନେ ମଧ ମାଫିଆଙ୍କ ଭୟରେ ଚୁପ ରହିବାକୁ ବାଧ ହେଉଛନ୍ତି। ଏହା ଦ୍ୱାରା ମୋରମ ମାଫିଆମାନେ ଦିନକୁ ଦିନ ସକ୍ରିୟ ହେଉଥିବା ବେଳେ ସେମାନଙ୍କ ଦୌରାତ୍ମ୍ୟ ଶୀର୍ଷରେ ପହଞ୍ଚିଲାଣି ବୋଲି ଅଭିଯୋଗ ହେଉଛି। ଲଗାତାର ଜେନାପୁର ଥାନା ଅଞ୍ଚଳରୁ ଲଘୁ ଖଣିଜ ସମ୍ପଦ ଲୁଟ ହେବା ଦୈନିକ ଦେଖିବାକୁ ମିଳିଛି; ମାତ୍ର ଏସବୁରେ ରୋକ ଲଗାଇବା ପାଇଁ ଜେନାପୁର ପୁଲିସ ହେଉ କିମ୍ବା ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଅଭିଯୋଗ ହେଉଛି। କଟକ ବନଖଣ୍ଡ ଅଧୀନ ବୈରୀ-ଡାଲିଯୋଡ଼ା ରେଞ୍ଜ ଗଡମଧୁପୁର ବନାଞ୍ଚଳ ଅଧୀନ ଏହି କୁସୁନପୁର ନୂଆସାହି ଅଞ୍ଚଳରେ ବନ ବିଭାଗ ପକ୍ଷରୁ ପ୍ରାୟ ୫୦ ହେକ୍ଟର ଜମିରେ ବନୀକରଣ କରାଯାଇଛି। ମାତ୍ର ବିଭାଗର ଅବହେଳା ପାଇଁ ସେସବୁ ନଷ୍ଟ ହେବାକୁ ଯାଉଛି। ବନୀକରଣ ହୋଇଥିବା ଅଞ୍ଚଳରୁ ମୋରମ ମାଫିଆମାନେ ମେସିନ ସାହାଯ୍ୟରେ ଦୈନିକ ରାତିରେ ମୋରମ ଲୁଟ କରି ଚୋରାଚାଲାଣ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏହି ସ୍ଥାନରୁ ମୋରମ ଲୁଟ ହେଉଥିବା ବେଳେ ଗଛ ଗୁଡ଼ିକର ସୁରକ୍ଷାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଲଗାତାର ମୋରମ ଲୁଟ ହେଉଥିଲେ ମଧ କାର୍ଯ୍ୟାନୁଷ୍ଠାନ ନହେବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଲଘୁ ଖଣିଜ ସମ୍ପଦ ଲୁଟକୁ ରୋକିବା ତଥା ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ଗଠନ କରିଥିବା ଟାସ୍କଫୋର୍ସ ମୃତ କି ଜୀବିତ ତାହା ମଧ ଜଣା ପଡୁନାହିଁ। ଜିଲ୍ଲାର ବିଭିନ୍ନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନେଇ ଗଠନ କରାଯାଇଥିବା ଟାସ୍କଫୋର୍ସ କେବଳ ନାମକୁ ମାତ୍ର ଏବଂ ଏହା ଜନସାଧାରଣଙ୍କୁ ଭ୍ରମିତ କରିବାର ଏକ ବାହାନା ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଥିବା ମୋରମ ମାଫିଆ ମାନେ ଗତ ୯ ମାସ ମଧ୍ୟରେ ପ୍ରାୟ ୮ କୋଟିରୁ ଅଧିକ ଟଙ୍କାର ମୋରମ ଲୁଟ କରିଥିବା ଅନୁମାନ କରାଯାଉଛି। ଯଦି ଏହିପରି ଭାବରେ ଉକ୍ତ ସ୍ଥାନରୁ ମୋରମ ଲୁଟ କରାଯାଏ ଆଉ ଅଳ୍ପଦିନ ପରେ ସେ ସ୍ଥାନରେ ଗଛ ବଞ୍ଚି ରହିବ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ତୁରନ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ମଣ୍ଡଳ ଶିକ୍ଷାଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବିଞ୍ଝାରପୁର,୧୪।୯ (ସମିସ): ବିଞ୍ଝାରପୁର ସ୍ଥିତ କଲ୍ୟାଣମଣ୍ଡପ ପରିସରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ପରିବାର ପକ୍ଷରୁ ମଣ୍ଡଳ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷକ ସଙ୍ଘର ସଭାପତି ରବୀନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବିଧାୟିକା ତଥା ବିରୋଧି ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଯୋଗଦେଇ ଶ୍ରୀ ବିଶ୍ୱାଳ ଜଣେ ଛାତ୍ରବତ୍ସଳ, ପରୋପକାରୀ ବ୍ୟକ୍ତି ଥିଲେ ବୋଲି ମତବ୍ୟକ୍ତ କରି ତାଙ୍କ ଚାକିରୀ କାଳର ଲମ୍ବା ଜୀବନକୁ ଆଲୋକପାତ କରିବା ସହ



ଆଗାମୀ ଦିନଗୁଡିକ ସୁସ୍ଥ ଓ ନିରାମୟ ହେବା ନିମନ୍ତେ କାମନା କରିଥିଲେ। ଏହି ଅବସରରେ ଉପସ୍ଥିତ ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ରଞ୍ଜିତ କୁମାରୀ ଦାସ, ଅନ୍ୟତମ ଅତିଥି ଭାବେ ଶିକ୍ଷକ ନେତା ମନୋରଞ୍ଜନ ଧଳ, ବିଞ୍ଝାରପୁର ସମବାୟ ସମିତିର ସଭାପତି ଅଶୋକ କୁମାର ସାହୁ, ଭରତ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ସେକ ନିଜାମୁଦ୍ଦିନ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ଇଂ ସୁଶାନ୍ତ କୁମାର ମିଶ୍ର, କୁମାରସେନ ସେନାପତି ପ୍ରମୁଖ ଉପସ୍ଥିତ ରହି ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଭାରେ ଉପସ୍ଥିତ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଦୁର୍ଘଟଣା ଯୋଗୁଁ ବାପାଙ୍କ ଶବ ସତ୍କାର କରି ପାରିଲାନି ପୁଅ

ପାଣିକୋଇଲି,୧୪।୯ (ସମିସ): ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଯାଜପୁରରୋଡ ରାସ୍ତାର ପଥରପଦା ପଞ୍ଚାୟତ ନୂଆପଦା ଗ୍ରାମ ନିକଟସ୍ଥ କଳିଙ୍ଗ ହୋଟେଲ ନିକଟରେ ଆମ୍ବୁଲାନ୍ସ ରଖି ନିତ୍ୟକର୍ମ ପାଇଁ ଠାକୁରମୁଣ୍ଡା ଥାନା ଅଧୀନ ଦିଗମ୍ବର ମିଟୁଆଣି ଗ୍ରାମର ଶୁଭ ପ୍ରକାଶ ନାୟକ ତଳକୁ ଓହ୍ଲାଇଥିଲେ। ଏହି ସମୟରେ ପଛରୁ ଏକ ପିକଅପ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କାଦେଇ ପରେ ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଖବରପାଇ ପାଣିକୋଇଲି ପୁଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟମାନେ ତାଙ୍କୁ ଗାଡିରେ ଯାଜପୁରରୋଡ ଏକ ଘରୋଇ ଚିକିତ୍ସାଳୟକୁ ନେଇଯାଇଥିଲେ। ପୁଲିସ ଗାଡି ଦୁଇଟିକୁ ଜବତ କରି କୋରେଇ ପୁଲିସକୁ ହସ୍ତାନ୍ତର କରିଥିଲା। ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ପାଠାଗାର ଆଜୀବନ ସଦସ୍ୟଙ୍କ ସ୍ମୃତିସଭା

ଯାଜପୁର,୧୪।୯ (ସମିସ): ପୂର୍ଣ୍ଣାନନ୍ଦ ସ୍ମୃତି ପାଠାଗାରରେ ପାଠାଗାରର ଆଜୀବନ ସଭ୍ୟ, କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ତଥା କୋଷାଧକ୍ଷ ବିଷ୍ଣୁଚରଣ ବିହାରୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା ସଭାପତି କହ୍ନାଇ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି। ବିଶ୍ୱମ୍ଭର ମିଶ୍ର, ବନବିହାରୀ ମହାପାତ୍ର, କ୍ଷୀରୋଦ ଚନ୍ଦ୍ର ପାଠୀ, ନିରୂପମା ମହାନ୍ତି, ଅଶୋକ କୁମାରୀ ବିହାରୀ, ଧନଞ୍ଜୟ କେଶରୀ ରାଉତରାୟ, ସୁବାସ ଚନ୍ଦ୍ର ମହାପାତ୍ର, ନୀଳମଣି ପ୍ରଧାନ, ଶରତ ଚନ୍ଦ୍ର ସାମଲ, କୃଷ୍ଣ ଚନ୍ଦ୍ର ମିଶ୍ର, ପୁଷ୍ପକାନ୍ତ ମଲ୍ଲିକ, ଭରତ ଚନ୍ଦ୍ର ସାହୁ, ଗଦାଧର ରାଉତ, ଅଜୟ କୁମାର ଦାସ, ସଂଜୟ କୁମାର ସାହୁ, ରାମକୃଷ୍ଣ ବେହୁରିଆ, କହ୍ନାଇ ଚରଣ ମହାନ୍ତି, ସମ୍ପାଦକ ନୃସିଂହ ଚରଣ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସେହିପରି ଅନ୍ୟ ଦୁଇ ଜଣ ଆଜୀବନ ସଭ୍ୟ ବିଚାରପତି ସୁଜିତ୍ କୁମାର ମିଶ୍ର ଓ ବସନ୍ତ କୁମାର ଦାସଙ୍କର ମୃତ୍ୟୁରେ ମଧ ଶୋକ ପ୍ରକାଶ ପାଇଥିଲା।

## ବୁଢ଼ାନଦୀ କୂଳରୁ ବୃଦ୍ଧ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ପାଣିକୋଇଲି,୧୪।୯ (ସମିସ): ପାଣିକୋଇଲି ଥାନା ଅଧୀନ ମାଳଆନ୍ଦପୁର ପଞ୍ଚାୟତ ବୁଢାନଦୀର ରୁଢିଆ ନିକଟରୁ ବୃଦ୍ଧଙ୍କ ଶବ ଉଦ୍ଧାର କରାଯାଇଛି। ଶବ ଭାସୁଥିବା ଦେଖି ପାଣିକୋଇଲି ଥାନାକୁ ଖବର ଦିଆଯାଇଥିଲା। ଥାନା ସବଇନ୍ସପେକ୍ଟର ସୁମିତ କୁମାର କୁଜୁର, ହାବିଲଦାର ସୁଲୋଚନ ବେହେରା ସଦଳବଳେ ନଦୀକୂଳରେ ପହଞ୍ଚିଥିଲେ। ପୁଲିସ ଘଟଣାସ୍ଥଳେ ପହଞ୍ଚି ଶବ ଉଦ୍ଧାର କରିବା ପରେ ଏହା ମାଳଆନ୍ଦପୁର ପଞ୍ଚାୟତ ବ୍ରଜନଗର ଗ୍ରାମର ନାଗା ମଳିକଙ୍କ ମୃତଦେହ ବୋଲି ପରିବାର ଲୋକ ପହଞ୍ଚି ଚିହ୍ନଟ କରିଥିଲେ। ମୃତଦେହ ମିଳିବା ପରେ ପୁଲିସ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି।

## ଏସ୍‌ୟୁସିଆଇ ନେତା ଗୟାଧର ଜେନାଙ୍କ ସ୍ମୃତିସଭା

ପ୍ରିତିପୁର,୧୪।୯ (ସମିସ): ବିଞ୍ଝାରପୁର ବ୍ଲକର ପଦାସାହିଠାରେ ଏସୟୁସିଆଇ(କମ୍ୟୁନିଷ୍ଟ) ନେତା ଗୟାଧର ଜେନାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର ନାଥଶର୍ମାଙ୍କ ସଭାପତିତ୍ୱରେ ସଭାରେ ଏସ୍‌ୟୁସିଆଇ(କ)ର ନେତା ସୁରେନ୍ଦ୍ର ମଲ୍ଲିକ, ନୃସିଂହ ଚରଣ ପଣ୍ଡା, କ୍ଷୀରୋଦ ଚନ୍ଦ୍ର କର, ଅଚ୍ୟୁତ ପ୍ରଧାନ, ସୁବାସ ମଲ୍ଲିକ, ତରଙ୍ଗିଣୀ ଦାସ, ବିଷ୍ଣୁଚରଣ ବେହେରା, କୃପାସିନ୍ଧୁ ଜେନା, ରାଧାବଲ୍ଲଭ ମଲ୍ଲିକ, ବିଜୟ କୁମାର ସାମଲ, ସୀତାକାନ୍ତ ସାମଲ, ବ୍ରହ୍ମାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ତାଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ଏଅଞ୍ଚଳର ବିଶିଷ୍ଟ ବୃଦ୍ଧିଜୀବୀ ପ୍ରଫୁଲ୍ଲ ସାମଲ, ପିତାମ୍ବର ସ୍ୱାଇଁ, ପଞ୍ଚାନନ ଜେନା, ଭାଗିରଥୀ ଜେନା, ବଟକୃଷ୍ଣ ପରମାଣିକ, ନରେନ୍ଦ୍ର କୁମାର ମଲ୍ଲିକ, ରବିନ୍ଦ୍ର ବେହେରା, ସବ୍ୟସାଚୀ ଜେନା, ରମାକାନ୍ତ ସାମଲ ପ୍ରମୁଖ ଶ୍ରୀ ଜେନାଙ୍କର ସ୍ମୃତିଚାରଣ କରିଥିଲେ।

## ରୋଲରରେ ପିଟିହୋଇ ବାଇକ୍ ଚାଳକ ଗୁରୁତର

ଦଶରଥପୁର,୧୪।୯ (ସମିସ): କୁଆଖିଆ-କଁୟାଗୋଲା ୨୦ ନଂ ଜାତୀୟ ରାଜପଥ ଅଧୀନ ସିନ୍ଦୁରାଇମୁଁହ ଶ୍ରୀବତ୍ସପୁର ରିଂରୋଡରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକ ଗୁରତର ହୋଇଥିବା ଜଣାପଡ଼ିଛି। ଗୁରୁତର ବ୍ୟକ୍ତି ହେଲେ ଦଶରଥପୁର ବ୍ଲକ ତଳିହା ପଞ୍ଚାୟତ ସିଦ୍ଧେଶ୍ୱର ଅଞ୍ଚଳର ଅବସରପ୍ରାପ୍ତ ସୈନିକ ପୀତବାସ ଦିକ୍ଷିତ(୭୦)। ଯାଜପୁର ଟାଉନରୁ ସେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ କୁଆଖିଆ-କଁୟାଗୋଲା ୨୦ନଂ ଜାତୀୟରାଜପଥ ଅଧୀନ ଶ୍ରୀବତ୍ସପୁର ନିକଟ ରିଂରୋଡ ନିର୍ମାଣଧୀନ ରାସ୍ତା ଉପରେ ରଖାଯାଇଥିବା ରୋଲର ଗାଡି ସହିତ ଧକ୍କା ହୋଇ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁଭମଙ୍କୁ ନିଯୁକ୍ତି



ବ୍ରହ୍ମବରଦା,୧୪।୯ (ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ବେଲଗୁଡି ଗ୍ରାମର ଶୁଭମ୍ ବେହେରା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଭାବେ ନିଯୁକ୍ତି ପାଇଛନ୍ତି। ଶୁଭମ୍ ଜଣେ ମେଧାବୀ ଡାକ୍ତରୀ ଛାତ୍ର ଭାବେ ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲ କଲେଜରୁ ଏମ୍‌ବିବିଏସ ପାଠ୍ୟକ୍ରମ ଶେଷପରେ ଚଳିତ ବର୍ଷ ନିଟର ସ୍ନାତକୋତ୍ତର (ପିଜି) ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୫୪୨ତମ ସ୍ଥାନରେ ରହି ସଫଳତାର ଉତ୍ତୀର୍ଣ୍ଣ ହୋଇଥିଲେ। ଶୁଭମଙ୍କ ବାପା ଡ. ବିବେକାନନ୍ଦ ବେହେରା ଜଣେ ସଫଳ ଚିକିତ୍ସକ ହୋଇଥିବା ବେଳେ ମା' ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଅଟନ୍ତି।




## ବ୍ୟାସ ପ୍ରିଣ୍ଟ୍ ମିଡିଆ ଆସୋସିଏସନ୍‌ର ସପ୍ତମ ବାର୍ଷିକ ଉତ୍ସବ

# ସାମ୍ବାଦିକ ସମାଜର ଦର୍ପଣ ଓ ଜାଗ୍ରତ ପ୍ରହରୀ



ବ୍ୟାସନଗର,୧୪।୯ (ସମିସ):

ଯାଜପୁର ଜିଲ୍ଲାର ଅନ୍ୟତମ ଗଣମାଧ୍ୟମ ସଂଗଠନ ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏସନ୍ ପକ୍ଷରୁ ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଶିଷ୍ଟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ ଏବଂ ସମ୍ମାନିତ ଅତିଥି ଭାବେ ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଏବଂ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରିଥିଲେ। ଆସୋସିଏସନ୍‌ର ବରିଷ୍ଠ ଉପଦେଷ୍ଟା ହାରାଧନ ବାନାର୍ଜୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଡ. ଚିନ୍ତାମଣି ପାଢୀ ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏସନ୍‌ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏପରିକି ସାମ୍ବାଦିକମାନଙ୍କ ଅସୁବିଧା ବିଷୟରେ କହିବା ସହିତ ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏସନ୍ ପାଇଁ ଏକ ଜମି ଯୋଗାଇଦେଲେ ଆସୋସିଏସନ୍ ନିଜର ସ୍ଥାୟୀ ଗୃହ କରିପାରିବ ବୋଲି କହିଥିଲେ। ଏଥିସହ ବ୍ୟାସନଗର ସହରକୁ କିପରି ସରସ ସୁନ୍ଦର କରିବା ପାଇଁ ଅତିଥିଙ୍କ ନିକଟରେ ଦାବି ମଧ ରଖିଥିଲେ। ସୁବାସ ଚନ୍ଦ୍ର ବଳ ତାଙ୍କ ବକ୍ତବ୍ୟରେ ସାମ୍ବାଦିକମାନଙ୍କ ସାହସ ଏବଂ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଡିଏମ୍ କଳିଙ୍ଗନଗର ସପନ କୁମାର ନନ୍ଦ ତାଙ୍କ ଅଭିଭାଷଣରେ ସାମ୍ବାଦିକତା ଓ ସମ୍ବିଧାନ ବିଷୟରେ ଆଲୋକପାତ କରିଥିଲେ। ସାମ୍ବାଦିକମାନେ କିପରି ଅଧିକରୁ ଅଧିକ ସୁବିଧା ସୁଯୋଗ ପାଇବେ ସରକାରଙ୍କ ଉଦ୍ଦେଶ୍ୟରେ ବିଧାନସଭାରେ କଥା ଉଠାଇବେ ବୋଲି ବିଧାୟକ ଆକାଶ ଦାସ ନାୟକ କହିଥିଲେ। ସାମ୍ବାଦିକମାନେ ସବୁଠାରୁ ଦଳିତ, ବଞ୍ଚିତ ବ୍ୟକ୍ତି। ସାମ୍ବାଦିକମାନେ ସବୁଠାରୁ ଚାପର ବଶବର୍ତ୍ତୀ ହୋଇ କାମ କରିଥାନ୍ତି। ସାମ୍ବାଦିକମାନେ କ୍ଷମତା ପାଖରେ ସମର୍ପଣ କରିବା ଉଚିତ୍ ନୁହେଁ ବୋଲି ମୁଖ୍ୟବକ୍ତା ଅର୍ଦ୍ଧେନ୍ଦୁ ଦାସ କହିଥିଲେ। ଏପରିକି ସାମ୍ବାଦିକମାନଙ୍କୁ କେହି ବ୍ୟବହାର କରି ଫୋପାଡି ପାରିବେ ନାହିଁ ବୋଲି ମଧ କହିଥିଲେ। ଶେଷରେ ମୁଖ୍ୟ ଅତିଥି ବ୍ୟାସ ପ୍ରିଣ୍ଟ ମିଡିଆକୁ ଧନ୍ୟବାଦ ଦେଇଥିଲେ। ସାମ୍ବାଦିକ ସମାଜର ଦର୍ପଣ ଆଉ ଜାଗ୍ରତ ପ୍ରହରୀ ବୋଲି କହିଥିଲେ। ବାର୍ଷିକ ଉତ୍ସବରେ ସମାଜର କିଛି ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରଶଂସା ଲାଭ କରିଥିବା ଶିକ୍ଷକ, ବ୍ୟବସାୟ, କ୍ରୀଡ଼ା, ସମାଜସେବୀ, ଖବରକାଗଜ ବିତରକ, ସାମ୍ବାଦିକ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭବ୍ୟ ଉତ୍ସବରେ ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏସନ୍ ର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏସନ୍‌ର ସଭାପତି ଶରତ କୁମାର ପଥାଳ ମଞ୍ଚକୁ ପରିଚାଳନା କରିଥିବା ବେଳେ ସଭ୍ୟ ପବିତ୍ର ରଞ୍ଜନ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ଯଜ୍ଞଦତ୍ତ ତ୍ରିପାଠୀ, ପ୍ରଦ୍ୟୁମ୍ନ ବୋଇତାଇ, ସୁଦୀପ କୁମାର ମିଶ୍ର, କୈଳାସ ରାଉତ, ବିଶ୍ୱରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ବ୍ରହ୍ମ, ପ୍ରଶାନ୍ତ ପାତ୍ର, ଉମାକାନ୍ତ ରାଉତ, ଚିନ୍ତାମଣି ପାଢ଼ୀ, ଶରତ ପଥାଳ, ହାରାଧନ ବାନାର୍ଜୀ, ଦେବେନ୍ଦ୍ର ନାୟକ, ଦୁଷ୍ମନ୍ତ ରାଉତ, ଭରତ ରାଉତ, ବାବୁରାମ ଜେନା, ଜ୍ଞାନ ରାଉତ, ପବିତ୍ର ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

JOB OPPORTUNITY
Ev mechanic -3 nos, Experience -3 years
Salary -Rs 8,000/- with Lunch
Service incharge -1 nos, experience- 1year
Salary -Rs 10,000/- With lunch
IF INTRESTED...
SEND YOUR BIODATA & CONTACT WITH
SATYA ENTERPRISES
WARD NO-13, SRIPADGANJ, NEAR SDPO OFFICE,
STATION BAZAR, PALABANI, BARIPADA
Phone No-8144751467, E-Mail:- dealereve@gmail.com

## ମୁଣ୍ଡ ଉପରେ ପରୀକ୍ଷା

# ଶିକ୍ଷକ ଅଭାବ; ଚିନ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ

**ସୁକିନ୍ଦା, ୧୪।୯ (ସମିସ)**




ମୁଣ୍ଡ ଉପରେ ପରୀକ୍ଷା, ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ନେଇ ଚିନ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ। ସୁକିନ୍ଦା ସଦର ମହକୁମାରେ ଥିବା ଖଣ୍ଡୁରାଇ ବାଳିକା ଉଚ୍ଚ ବିଦ୍ୟାଳୟ ଅବସ୍ଥାକୁ ନେଇ ଏଠାରେ ଅଧ୍ୟୟନ କରୁଥିବା ଛାତ୍ରୀ ଓ ଅଭିଭାବକ ଏବେ ଚିନ୍ତାରେ। ଚଳିତ ଶିକ୍ଷାବର୍ଷର ଅର୍ଦ୍ଧବାର୍ଷିକ ପରୀକ୍ଷାକୁ ଆଉ ମାତ୍ର ଦିନ କେତୋଟି ଥିବା ବେଳେ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଅଭାବ ଚିନ୍ତାର କାରଣ ପାଲଟିଛି। ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ ଓ ଅନ୍ୟ ବିଭାଗର ଶିକ୍ଷକ ନଥିବାରୁ ସେହି ବିଭାଗର ବହି ଏପର୍ଯ୍ୟନ୍ତ ଖୋଲାଯାଇ ନାହିଁ। ଆସନ୍ତା ୧୯ତାରିଖ ଠାରୁ ଅର୍ଦ୍ଧବାର୍ଷିକ ପରୀକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ପରୀକ୍ଷାକୁ ନେଇ ଚିନ୍ତାରେ ଛାତ୍ରୀ ଓ ଅଭିଭାବକ। ବିଦ୍ୟାଳୟର ଏଭଳି ସ୍ଥିତି ଥିବା ବେଳେ ସେଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଆଶା କରିବା ଦିବା ସ୍ୱପ୍ନ ଦେଖିବା ସହ ସମାନ ବୋଲି ଆଲୋଚନା ହେଉଛି। ଏହି ସବୁ କାରଣ ପାଇଁ ଏବେ ଅଭିଭାବକ ମାନେ ସରକାରୀ ବିଦ୍ୟାଳୟକୁ ଭୁଲି ଏବେ ଘରୋଇ ଶିକ୍ଷା ଅନୁଷ୍ଠାନକୁ ଆଦରି ନେଉଥିବା ଦେଖିବାକୁ ମିଳୁଛି। ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ, ଏଲିମେଣ୍ଟାରି ଓ ପ୍ରଧାନଶିକ୍ଷୟିତ୍ରୀ ପଦ ଖାଲିପଡ଼ିଛି। ଏହି କାରଣରୁ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ଏହି ବାଳିକା ବିଦ୍ୟାଳୟରେ କ୍ରୀଡା ବିଭାଗରେ ଜଣେ ଶିକ୍ଷୟିତ୍ରୀଙ୍କ ସ୍ଥାନରେ ଶିକ୍ଷକ ଥିବାରୁ ଛାତ୍ରୀମାନେ ଖେଳକୁଦ ସମୟରେ ସହଜ ଅନୁଭବ କରୁନାହାନ୍ତି, ଯେଉଁଥି ପାଇଁ ଛାତ୍ରୀମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାରେ ବାଧକ ସାଜିଛି ବୋଲି ଅଭିଯୋଗ ହେଉଛି। ଏଣୁ ଏହି ବିଦ୍ୟାଳୟରେ ଜଣେ କ୍ରୀଡା ଶିକ୍ଷୟତ୍ରୀ ଓ ଖାଲି ପଡ଼ିଥିବା ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷୟତ୍ରୀ ଏବଂ କର୍ମଚାରୀ ନିଯୁକ୍ତି କରିବା ପାଇଁ ଛାତ୍ରୀ ଓ ଅଭିଭାବକ ମହଲରେ ଦାବି ହେଉଛି।

# କବାଟବନ୍ଧ ଅଞ୍ଚଳରେ ଭାଲୁ ଆତଙ୍କ



**କବାଟବନ୍ଧ, ୧୪।୯ (ସମିସ):** ଧର୍ମଶାଳା ବ୍ଲକ ଅଧୀନ ବୈରୀ-ଡାଳିଯୋଡ଼ା ରେଞ୍ଜ ଅଧୀନ ଗଡ଼ମଧୁପୁର ବନାଞ୍ଚଳ ବିଭିନ୍ନ ଜନବସତି ଅଞ୍ଚଳରେ ବନ୍ୟଜନ୍ତୁଙ୍କ ଚଳାଚଳ ଅତି ସାଧାରଣ ଭାବେ ଦେଖିବାକୁ ମିଳୁଛି। ରବିବାର ପୂର୍ବାହ୍ନରେ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତ ଦଲଗାଁ ନିକଟରେ ଏକ ଭାଲୁ ଦେଖିବାକୁ ମିଳିଥିଲା।ଗ୍ରାମର କିଛି ଲୋକ ଘାସ କାଟିବାକୁ ଯାଇଥିବା ବେଳେ ଦଲଗାଁ ପୋଖରୀ ନିକଟରେ ଏକ ଲତାବୁଦାରେ ଭାଲୁକୁ ଦେଖିବାକୁ ପାଇଥିଲେ।। ତେବେ ସ୍ଥାନୀୟ ଜେନାପୁର ଥାନା ଅଞ୍ଚଳରେ ଭାଲୁ ବାହାରିବା ଏକ ସାଧାରଣ କଥା। କେବଳ ଭାଲୁ ନୁହେଁ ବାରହା, ହରିଣ, ଖୁରିଙ୍ଗ, ଠେକୁଆ ଏବଂ ଅନେକ ପ୍ରକାର ସାପ ମଧ୍ୟ ଲୋକ ମାନେ ଦେଖିବାକୁ ପାଉଛନ୍ତି। ଦିନରାତି ପାହାଡ଼ ବେଆଇନ ବ୍ଲାଷ୍ଟିଂ ଏବଂ ପ୍ରଚଣ୍ଡ ଶବ୍ଦ ପାଇଁ ବନ୍ୟଜନ୍ତୁମାନେ ଜନବସତି ମୁହାଁ ହୋଇଛନ୍ତି। ପାହାଡ଼ ଜଙ୍ଗଲରେ ରହିବା ବନ୍ୟଜନ୍ତୁ ମାନେ ନିଜ ବାସସ୍ଥାନକୁ ସୁରକ୍ଷିତ ନ ଭାବି ଜନବସତି ମୁହାଁ ହେଉଛନ୍ତି। ଯାହାଫଳରେ ନିରୀହ ଲୋକଙ୍କ ଜୀବନ ଯାଉଛି। ତେବେଏହି ଭାଲୁକୁ ଦେଖିବା ପରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। ଏହାକୁ ଘଉଡାଇବା ପାଇଁ ଗଡ଼ମଧୁପୁର ବନ ବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ମାତ୍ର ରାତି ପର୍ଯ୍ୟନ୍ତ ବନ ବିଭାଗ ଅଧିକାରୀ ପହଞ୍ଚି ନଥିଲେ। ଯାହା ଫଳରେ ସ୍ଥାନୀୟ ଲୋକମାନେ ଭୟଭୀତ ଅବସ୍ଥାରେ ରହିବା ସହିତ ବନ ବିଭାଗର ଏଭଳି ଖାମଖିଆ ମନୋଭାବ ପାଇଁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈରୀ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳ ସଦଳବଳେ ରାତି ପ୍ରାୟ ୮ ସମୟରେ ପହଞ୍ଚି ଡାକବାଜି ଯନ୍ତ୍ର ଦ୍ୱାରା ଜନସାଧାରଣଙ୍କୁ ସତର୍କ ରହିବାକୁ ସୂଚନା ଦେଇଥିଲେ।

# ଗଞ୍ଜେଇ ଓ ସିଗାରେଟ୍ ଜବତ; ଦୋକାନୀ କୋର୍ଟ ଚାଲାଣ

**ଦାନଗଦି, ୧୪।୯ (ସମିସ):** କଳିଙ୍ଗନଗର ପୁଲିସ ଆଜି ଟାଟା କାରଖାନା ଗେଟ ନଂ ୧ ସାମ୍ନାରେ ଥିବା ଏକ ପାନ ଦୋକାନ ଉପରେ ଚଢ଼ଉ କରିଛି। ଚଢ଼ଉ ସମୟରେ କ୍ୟାବିନରୁ ୨କେଜି ୪୫୦ ଗ୍ରାମ ଗଞ୍ଜେଇ ଓ ୪୪ଟି ବ୍ଲାଙ୍କ କୋନ ସିଗାରେଟ ସହ ୧୩ ହାଜର ୩୮୫ ନଗଦ ଟଙ୍କା ଜବତ କରିଛି। ଘଟଣାରେ ସମ୍ପୃକ୍ତ ଦୋକାନୀ ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଆନନ୍ଦପୁରର ବିଜୟ କୁମାର ବେହେରା (୨୪)ଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ବିଜୟ କଳିଙ୍ଗନଗର ଥାନା ଅନ୍ତର୍ଗତ ଢୋଲପଥର ଗାଁରେ ରହି ଟାଟା ଗେଟ ସାମ୍ନାରେ ପାନ ଦୋକାନ କରିଥିଲେ। କିଛିଦିନ ହେବ ସେଠାରେ ଗଞ୍ଜେଇ ବିକ୍ରି ହେଉଥିବା ନେଇ ଲୋକେ ଅଭିଯୋଗ କରିଥିଲେ। ଯାହାଫଳରେ ପୁଲିସ ଆଜି ସେଠାରେ ଚଢ଼ଉ କରିଥିଲା।

# ସାମ୍ବାଦିକଙ୍କ ପତ୍ନୀଙ୍କ ବିୟୋଗରେ ଶୋକ

**ଧର୍ମଶାଳା, ୧୪।୯ (ସମିସ):** ବରିଷ୍ଠସାମ୍ବାଦିକ ତଥା 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନର ଉପଦେଷ୍ଟା ପ୍ରଦୋଷ ପଟ୍ଟନାୟକଙ୍କ ଧର୍ମପତ୍ନୀ ଇନ୍ଦିରା ପଟ୍ଟନାୟକଙ୍କର ବିୟୋଗରେ ଶୋକପ୍ରକାଶ ପାଇଛି। ସ୍ୱର୍ଗୀୟା ପଟ୍ଟନାୟକ ଜଣେ ସମାଜସେବୀ, ଧର୍ମପ୍ରାଣା, ସ୍ନେହୀ ତଥା ପରୋପକାରୀ ମହିଳା ଥିଲେ। ରାଜ୍ୟ ଗୃହିଣୀ ସମାଜର ସମ୍ପାଦିକା ଭାବେ ଦୀର୍ଘଦିନ ଧରି କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ଅପୂରଣୀୟ କ୍ଷତି ଘଟିଲା ବୋଲି ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶ ଓ ସମ୍ପାଦକ ଅଇନଜୀବୀ ଶ୍ୟାମପ୍ରସାଦ ଦାଶ ପ୍ରକାଶ କରିଛନ୍ତି। ଏଥିସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟକି ସେ ଗତ କିଛିଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ବେଳେ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଶନିବାର ତାଙ୍କର ପରଲୋକ ଘଟିଥିଛି।

# ୧୦ ଫୁଟ୍ ଲମ୍ବର ଅଜଗର ସାପ ଉଦ୍ଧାର

**ବଡ଼ଚଣା, ୧୪।୯ (ସମିସ):** ସୁଙ୍ଗୁଡା ଗ୍ରାମର ମୁସଲିମ ବସ୍ତି ନିକଟ ଦେଇଯାଇଥିବା ହାଇଲେବୁଲ କେନାଲ ବନ୍ଧରୁ ଶନିବାର ବିଳମ୍ବିତ ରାତିରେ ଏକ ୧୦ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି। ସୂଚନା ମୁତାବକ ଏହି ହାଇଲେବୁଲ କେନାଲ ବନ୍ଧ ଉପରେ ଯାଉଥିବା ଏହି ଅଜଗର ସାପକୁ ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଚଣ୍ଡିଖୋଲ ବନପାଳ କୃଷ୍ଣଚନ୍ଦ୍ର ଟୁଡୁ ଘଟଣାସ୍ଥଳକୁ ଆସି ସାପଟିକୁ ଧରି ପରେ ତାକୁ ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।

# ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ସ୍ୱତନ୍ତ୍ର ଶିକ୍ଷକ ମାନ୍ୟତା ଦାବି

**କୁଆଖିଆ, ୧୪।୯ (ସମିସ):** ରସୁଲପୁର ବ୍ଲକ ଅଧୀନ କୁଆଖିଆ ବଜାର ସ୍ଥିତ ମା' ତାରିଣୀଙ୍କ ପୀଠରେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଜିଲା ସଂଘର କାର୍ଯ୍ୟକାରୀ ସଭାପତି ସନ୍ତୋଷ ପତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅର୍ନ୍ତନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ସ୍ୱତନ୍ତ୍ର ଶିକ୍ଷକ ମାନ୍ୟତା ଦାବି କରାଯାଇଛି। ସଂଘର ସମ୍ପାଦକ ସୁକାନ୍ତ ମହାରଣା ସଂଘର ଦାବି ଓ ସ୍ୱେଚ୍ଛାସେବୀମାନଙ୍କର ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ବିଧାନସଭା ବୈଠକରେ ସେମାନଙ୍କ ସମସ୍ୟାକୁ ଉତ୍ଥାପନ କରାଯାଇ ଶିକ୍ଷକ ମାନ୍ୟତା ଦିଗରେ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଉ ବୋଲି ଦାବିପତ୍ର ଜରିଆରେ କୋରେଇ ବିଧାୟକ ଆକାଶ ଦାସନାୟକ, ବଡଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପ୍ରମୁଖ ଅନୁରୋଧ କରିଛନ୍ତି। ଏହି ଅବସରରେ ଜିଲ୍ଲାର କୋଷାଧ୍ୟକ୍ଷ ପ୍ରଶାନ୍ତ ସ୍ୱାଇଁ, ସହ-ସମ୍ପାଦକ ମିନାକ୍ଷୀ ସ୍ୱାଇଁ, ସଂଯୋଜକ ଅଦିତ୍ୟ ବରାଳ, ସହ-ସଂଯୋଜକ ଦିପ ସୁନ୍ଦର ପୃଷ୍ଟି, ମଧୁସୂଦନ ଲେଙ୍କା, ପ୍ରଶାନ୍ତ ପାଲ, ତ୍ରିଲୋଚନ ସେଠୀ, ଡମ୍ବରୁଧର ଓଝା, ବିନୋଦ ନାୟକ, କବିତା ମହାପାତ୍ର, ନିରୁପମା ବିଶ୍ୱାଳ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

# ଏଡିଇଓଙ୍କୁ ମାଡ଼ ମାରିବା ଘଟଣାରେ ମାମଲା ରୁଜୁ

**ମଙ୍ଗଳପୁର, ୧୪।୯ (ସମିସ):** ଦଶରଥପୁର ବ୍ଲକର ଜଣେ କାର୍ଯ୍ୟରତ ଏଡିଇଓଙ୍କୁ ମାଡ଼ମାରିବା ଘଟଣାରେ ପୁଲିସ ମାମଲା ରୁଜୁ କରୁଛି। ସୂଚନାନୁଯାୟୀ, ଦଶରଥପୁର ବ୍ଲକସ୍ଥ ଦୁଦୁରାଅନ୍ତା ପଞ୍ଚାୟତ ଦାୟିତ୍ୱରେ ଥିବା ଏଡିଇଓ ବାଲାଜୀ ମହନ୍ତ ସାହୁ ସରକାରୀ କାର୍ଯ୍ୟକ୍ରମରେ ଫଟୋ ଉଠେଇବା ପାଇଁ ଅର୍ଦ୍ଧାଉଳିଆ ଗ୍ରାମକୁ ଯାଇଥିଲେ। କେନ୍ଦ୍ର ଯୋଜନାରେ ଚାରାରୋପଣ ପାଇଁ ଚିହ୍ନଟ ସ୍ଥାନ ଉପରେ ପହଁଚିବା ରାସ୍ତାରେ ବାବୁ ବିଶ୍ୱାଳ ନାମକ ଜଣେ ଯୁବକ ହଠାତ ଶ୍ରୀ ସାହୁଙ୍କୁ ଅଟକାଇ ମାଡ଼ ମାରିଥିଲେ। ଏନେଇ ଶ୍ରୀ ସାହୁ ଦଶରଥପୁର ବ୍ଲକ ବିଡିଓଙ୍କ ଅନୁମତି କ୍ରମେ ମଙ୍ଗଳପୁର ଥାନାରେ ଏତଲା ଦେଇଥିଲେ। ମଙ୍ଗଳପୁର ପୁଲିସ ଏତଲା ଗ୍ରହଣ କରିବା ସହ ମାମଲା ରୁଜୁ କରିଛି।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**କବାଟବନ୍ଧ/ଜଖପୁରା, ୧୪।୯ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ସାହୁ(୮୧)ଙ୍କ ପରଲୋକ ଘଟିଛି। ଶ୍ରୀ ସାହୁ ଦାନଗଦି ବ୍ଲକ କୁମ୍ଭୀରଗାଡ଼ିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲରେ ସେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ, ମାତ୍ର କବାଟବନ୍ଧ ହାଇସ୍କୁଲରେ ୧୯୭୧ ମସିହା ଠାରୁ ୨୦୦୩ ମସିହା ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିବା ସହିତ ସ୍ଥାନୀୟକବାଟବନ୍ଧଅଞ୍ଚଳରେସ୍ୱତନ୍ତ୍ରପରିଚୟ ସୃଷ୍ଟି କରିଥିଲେ। ଶନିବାର ତାଙ୍କ ମୃତ୍ୟୁ ପରେ



ନିଜ ଗ୍ରାମ ସହିତ କବାଟବନ୍ଧ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ମୃତ୍ୟୁ ସମୟରେ କବାଟବନ୍ଧ ହାଇସ୍କୁଲର ଛାତ୍ର ଧରଣୀ ସାହୁ, ନନ୍ଦ କିଶୋର ସାହୁ, ବିଦ୍ୟାଧର କୁଣ୍ଟି, ମହେନ୍ଦ୍ର ବେହେରା, ଘନଶ୍ୟାମ ପଲେଇ, ପ୍ରବୀର କୁମାର ନାୟକ, ବୀରକିଶୋର ବେହେରା, ସମେତ ବହୁ ଛାତ୍ର ଉପସ୍ଥିତ ଥିଲେ। ପୁତ୍ର ଚନ୍ଦ୍ରମଣି ସାହୁ ମୁଖାଗ୍ନି ଦେଇଥିଲେ।

# ବିଜେଡି ସୋସିଆଲ ମିଡିଆ ଶାଖା ପକ୍ଷରୁ ବୈଠକ



**ବଡଚଣା, ୧୪।୯ (ସମିସ):** ଚଣ୍ଡିଖୋଲ ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଆଜି ସତ୍ୟବ୍ରତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ଲକ ବିଜେଡି ସୋସିଆଲ ମିଡିଆର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତି ପଞ୍ଚାୟତର ସୋସିଆଲ ମିଡିଆ ମେମ୍ବର ଓ ବ୍ଲକସ୍ତରୀୟ ଆକ୍ଟିଭ ମେମ୍ବରମାନେ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇଥିଲେ। ଆସନ୍ତା ୧୮ ତାରିଖ ଗୁରୁବାର ବ୍ଲକ ବିଜେଡ଼ି ପକ୍ଷରୁ ବାଲିଚନ୍ଦ୍ରପୁର ଥାନା ଘେରଉ କାର୍ଯ୍ୟକ୍ରମ ବିଷୟରେ ଆଲେଚନା ହେବାସହ ବଡ଼ଚଣାର ସମସ୍ତ ପଞ୍ଚାୟତରେ ଦୁର୍ନିତୀ ବିରୋଧରେ ସାମାଜିକ ଗଣମାଧ୍ୟମରେ ବିରୋଧ କରିବା ପାଇଁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ସଞ୍ଜୀବ ସାମଲ, ଅକ୍ଷୟ କୁମାର ଲେଙ୍କା, ଜୟପ୍ରକାଶ ସାମଲ, ନିରଞ୍ଜନ ସାମଲ, ଏମ୍‌ଡି ଇମ୍ରାନ, ଶଶି ଦାସ, ପ୍ରୀତିରଞ୍ଜନ ସାହୁ, ଜନ୍ମେଞ୍ଜୟ ତରାଇ, ମିହିର ରାଉତ, ଆଶିଷ ମାହାନ୍ତି, ସତ୍ୟଜିତ ସାମଲ, ତ୍ରିନାଥ ସାମଲ, ଶ୍ରୀକାନ୍ତ ସାମଲ, ଚିକୁନ ମହାରଣା, ରଶ୍ମିରଞ୍ଜନ ବେହେରା, ସୌଭାଗ୍ୟ ବେହେରା, ପରେସ ବେହେରା, ଅଜୟ ବଳ, ସନ୍ତୋସ ମାହାଲା, ଅଭିମନ୍ୟୁ ପ୍ରଧାନ, ଜ୍ୟୋତିରଞ୍ଜନ ସ୍ୱାଇଁ, ସମୀର ସାହୁ, ସେକ ତାରିକୁଦ୍ଦୀନ, ସଞ୍ଜୟ ସିଂ, ରାଜା ମାହାନ୍ତି, ପ୍ରଭୁଦତ୍ତ ଜେନା, ଅମରେନ୍ଦ୍ର ମହାପାତ୍ର, ଦେବବ୍ରତ ଜେନା, ପ୍ରୀୟଜ୍ୟୋତି ମହାପାତ୍ର, ସନ୍ତୋଷ ପାଲ, ସେକ ରଜାକ, ସକ୍ତିକାନ୍ତ ମଲିକ, ଅବିନାଶ ସ୍ୱାଇଁ, ଦୀପ୍ତିମାନ ରାଉତ, ଦୀପକ ରାଉତଙ୍କ ସମେତ ଅନେକ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆଦର୍ଶ ଅଭିଭାବକ ସଂଘର ଉପଦେଷ୍ଟା କମିଟି ଗଠିତ



**ଧର୍ମଶାଳା, ୧୪।୯ (ସମିସ):** ଧର୍ମଶାଳା ବ୍ଲକ ଦେଉଳିପାଳ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘର ବୈଠକ ଦେଉଳି ସ୍ଥିତ ମା' ଶାରଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ବୈଠକରେ ଯୋଗଦେଇଥିଲେ। ବୈଠକରେ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଅବିଭାବକମାନଙ୍କ କମିଟି ଗଠନ କରାଯାଇଥିଲା। ଯେଉଁଥିରେ ଉପଦେଷ୍ଟା କମିଟିରେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗବନ୍ଧୁ ସ୍ୱାଇଁ ଓ ସଂଘର ପୂର୍ବତନ ସମ୍ପାଦକ କରୁଣାକର ବରାଳଙ୍କୁ ଉପଦେଷ୍ଟା ଭାବରେ ଚୟନ କରାଯାଇଥିଲା। ଏଥିସହ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ବିଭିନ୍ନ ଶ୍ରେଣୀର ଅଭିଭାବକ ମାନଙ୍କ ମଧ୍ୟରୁ ଲକ୍ଷ୍ମୀଧର ବରାଳ, ବିରୁପାକ୍ଷ କର, ଦୀପକ କୁମାର ମହାନ୍ତି, ଲମ୍ବୋଦର ନାୟକ, ସୁଶାନ୍ତ ବେହେରା, ସତ୍ୟନାରାୟଣ ମଲ୍ଲିକ, ପ୍ରଫୁଲ୍ଲ ରାଉତ ଓ ପ୍ରଦୀପ କୁମାର ସେଠୀଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ଚୟନ କରାଯାଇଥିଲା। କମିଟିର ପରାମର୍ଶ କ୍ରମେ ଓ ସମସ୍ତ ଅଭିଭାକଙ୍କ ମତାମତ ଆଧାରରେ ସଂଘ କାର୍ଯ୍ୟ କରିବା ଏବଂ ଶିକ୍ଷାଦାନ ଠାରୁ ଆରମ୍ଭ କରି ବିଭିନ୍ନ ମୌଳିକ ସୁବିଧା ଅସୁବିଧା ଦିଗରେ ସଂଘ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ସୁନାକର ଧିର, ଶୁଭ୍ରାଂଶୁ ଶେଖର ସାମଲ, ବସନ୍ତ ସ୍ୱାଇଁ, ବିଶ୍ୱଜିତ୍ ମିଶ୍ର, ରଞ୍ଜନ ଦଲାଇ, ଅଜୟ ସାମଲ, ସଂଗ୍ରାମ କେଶରୀ ପାଳ, କାଳନ୍ଦୀ ଚରଣ ପଣ୍ଡା, କେଶବ ଚନ୍ଦ୍ର ଖିଲାର, ପ୍ରତାପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜଗଦୀଶ ବରାଳ ଧନ୍ୟବାଦ୍ ଦେବା ସହିତ ସଭା ସାଙ୍ଗ ହୋଇଥିଲା।

# ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଚଣ୍ଡିଖୋଲ ବଜାର ଉଚ୍ଛେଦ

**ବଡ଼ଚଣା, ୧୪।୯ (ସମିସ):** ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଚଣ୍ଡିଖୋଲ ଛକ ବଜାରକୁ ଉଚ୍ଛେଦ କରାଯାଉଛି। ଫଳରେ ଦୀର୍ଘବର୍ଷ ଧରି ବିଭିନ୍ନ ବ୍ୟବସାୟ କରି ନିଜ ପରିବାର ଚଳାଇ ଆସୁଥିବା ଅସ୍ଥାୟୀ ବ୍ୟବସାୟୀମାନଙ୍କ ମଧ୍ୟରେ ହତାଶା ଭାବ ସୃଷ୍ଟି ହୋଇଛି। କେତେକ ବ୍ୟବସାୟୀ ଏଥିପାଇଁ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ କେମିତି ସେମାନେ ନିଜ ନିଜର ପରିବାର ପ୍ରତି ପୋଷଣ କରିବେ ଏନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ସୂଚନା ମୁତାବକ ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥକୁ ସମ୍ପ୍ରସାରଣ ପୂର୍ବକ ଏହାକୁ ୮ ଥାକିଆ ଭାବେ ନିର୍ମାଣ କରାଯାଉଛି। ତେବେ ଏହି ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଚଣ୍ଡିଖୋଲ ବଜାର ଠାରେ ଏହି ରାଜପଥ କଡ଼ରେ ଥିବା ସ୍ଥାନକୁ ବେଆଇନ ଭାବେ ଜବରଦଖଲ ପୂର୍ବକ ବିଭିନ୍ନ କିସମର ବ୍ୟବସାୟକରିଆସୁଥିବା ଦୋକାନୀମାନଙ୍କର ଗୃହକୁ ଉଚ୍ଛେଦ କରାଯାଇଛି। ତେବେ ଆଜିର ଏହି ଦୋକାନ ଗୃହ ଉଚ୍ଛେଦ ସମୟରେ ଦର୍ପଣ ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟ, ବଡ଼ଚଣା ଥାନାଧିକାରୀ ସୁରେନ୍ଦ୍ର କୁମାର ଜେନା ଓ ଚଣ୍ଡିଖୋଲ ଫାଣ୍ଡିରୁ ଏଏସଆଇ ଶ୍ରୀନିବାସ ପଙ୍ଗାରିଙ୍କ ସମେତ ବହୁ ପୁଲିସ ଫୋର୍ସ ଉପସ୍ଥିତ ଥିଲେ।

# ଗୁଣାତ୍ମକ ଜୀବନଚର୍ଯ୍ୟା ଓ ଈଶ୍ୱର ସେବା ବୈଷ୍ଣବର ମୂଳମନ୍ତ୍ର



**ସିଂହପୁର, ୧୪।୯ (ସମିସ):** ବିଞ୍ଝାରପୁର ବ୍ଲକ ଅଧୀନ ନରୁଆ ଗ୍ରାମରେ ଶ୍ରୀ ଚୈତନ୍ୟ ସେବା ସଂସଦ ପକ୍ଷରୁ ଗୌରୀୟ ବୈଷ୍ଣବ ପରମ୍ପରାର ବିଗତ ସପ୍ତଦଶ ଶତାବ୍ଦୀରୁ ପ୍ରତିଷ୍ଠିତ ଶ୍ରୀ ମୋହନ ରାୟଜୀଉଙ୍କ ସେବା ଅନୁଷ୍ଠାନର ପଞ୍ଚମ ଅଧସ୍ତନ ସେବାଧ୍ୟକ୍ଷ ସଙ୍କୀର୍ତ୍ତନ ଶିରୋମଣି ଗୋସ୍ୱାମୀ ସୁବଳ ଚରଣ ଦାଶଙ୍କ ୩୫ତମ ପୁଣ୍ୟ ତିରୋଧାନ ଦିବସ ଉପଲକ୍ଷେ ବୈଷ୍ଣବ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଭୁ ନିତ୍ୟାନନ୍ଦ କୃପାମୂର୍ତ୍ତି, ପ୍ରଭୁପାଦ ଗୋସ୍ୱାମୀ, ଗୋପାଳଚରଣ ଦାଶ ଓ ଭକ୍ତିଭୂଷଣ ମହାରାଜ ସଭାପତିତ୍ୱ କରିଥିଲେ। ଏହି ବୈଷ୍ଣବ ସମ୍ମିଳନୀରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ସାଧୁ ସନ୍ଥ ଏବଂ ବୈଷ୍ଣବମାନେ ଯୋଗଦେଇଥିଲେ। ଉପସ୍ଥିତ ବକ୍ତାମାନେ ଗୋରୀୟ ବୈଷ୍ଣବମାନଙ୍କର ଗଣ ସଂସ୍କାର ଉପଯୋଗୀ ଗୁଣାତ୍ମକ ଜୀବନଚର୍ଯ୍ୟା, ସାମ୍ପ୍ରତିକ ସମାଜରେ ଆଦର୍ଶ ଭାବେ କିଭଳି ଗୋସ୍ୱାମୀ ଚିରକାଳ ଅପାସୋରା ହୋଇରହିଥିବେ ସେ ଉପରେ ବିଶେଷ ଭାବେ ଆଲୋକପାତ କରିଥିଲେ। ବୈଷ୍ଣବ ପରମ୍ପରାରେ ବୈଷ୍ଣବ ସଂସ୍କୃତି ଏକ ଅନନ୍ୟ ଅନବଦ୍ୟ ଗୁଣମଣ୍ଡିତ 'ତୁଳସୀ ମଞ୍ଜରୀ' ରୂପେ ଉପସଂହାର ପୂର୍ବକ ସଭାପତି ଭକ୍ତିଭୁଷଣ ମହାରାଜ ଭକ୍ତିନିକେତନ ପକ୍ଷରୁ ପ୍ରକାଶିତ ତ୍ରୈମାସିକ ପତ୍ରିକା 'ଭକ୍ତିପ୍ରଭା'କୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଣ୍ଡିତ ଯଶୋଦାନନ୍ଦନ ଦାଶ, ହରିଭୂଷଣ ଦାସ, ସମିହନ ଦାସ, ପଣ୍ଡିତ ନିମେଇ ଚରଣ କର, ରାମାନନ୍ଦୀ ବାଳକ ରାମଦାସ, ନବକିଶୋର ଦାସ, ଅନନ୍ତ ଚରଣ ମହାନ୍ତି, ମୁରାରୀ ଚୈତନ୍ୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ଗୋସ୍ୱାମୀ ଅଭୟ ଗୋପୀ ବଲ୍ଲଭ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ବିରଜାଙ୍କ ଶାରଦୀୟ ପୂଜା ଆରମ୍ଭ





**ଯାଜପୁର, ୧୪।୯ (ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷର ଶାରଦୀୟ ଦୁର୍ଗୋତ୍ସବ ପାଇଁ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ଆଜି ଠାରୁ ମା' ବିରଜା ଦେବୀଙ୍କ ଶାରଦୀୟ ପୂଜା ଆରମ୍ଭ ହୋଇଛି। ଷୋଡ଼ଶୋପଚାର ପୂଜାର ପଥମ ଦିନରେ ଘଟ ନିମଜ୍ଜନ ହୋଇ କଳସ ସ୍ଥାପନ ହୋଇଛି। ଆଜି ନିତ୍ୟସ୍ନାନ, ବେଶ ଓ ନିତୀ ପରେ ପହଡ଼ କରାଯାଇଥିଲା। ପହଡ଼ ଖୋଲା ହେବା ପରେ ସନ୍ଧ୍ୟା ଆଳତୀ କରାଯାଇଥିଲା। ପରେ ଆରମ୍ଭ ହୋଇଥିଲା ଆଜିର ପୂଜା ଆୟୋଜନ। ୭ଟା ୪୫ ମିନିଟରେ ମନ୍ଦିର ଗର୍ଭଗୃହରୁ ମୁଖ୍ୟ ପୂଜକ, ପୁରୋଧା, ଆର୍ଶା, ସମୀଦ୍ଧ, ଛତ୍ର, ତରାଶ, ଘଣ୍ଟ ବାଦ୍ୟ ସହିତ ସମସ୍ତେ ଏକ ଶୋଭାଯାତ୍ରାରେ ଯାଇ ବ୍ରହ୍ମାକୁଣ୍ଡରେ ପହଞ୍ଚିଥିଲେ। ଶୋଭାଯାତ୍ରା ସମୟରେ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଏଥିରେ ସାମିଲ ହୋଇଥିଲେ। ଚଳିତ ବର୍ଷର ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସୁଜିତ୍ କୁମାର କର ସ୍ନାନ, ତର୍ପଣ, ସଂକଳ୍ପ କରି ସାରିବା ପରେ ଏକ କଳସରେ ଜଳଧରି କଳସଟିକୁ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ରାତ୍ର ୯ଟା ୩୦ମିନିଟ୍‌ରେ ମହାସ୍ନାନର ଆୟୋଜନ କରାଯାଇ ମହାସ୍ନାନ ଓ ବଡ଼ ସିଂହାର ବେଶ କରାଯାଇଥିଲା। ପରେ ଷୋଡ଼ଶୋପଚାର ପୂଜାର ଆୟୋଜନ ଓ ପରେ ବଡ଼ ନିତୀର ବ୍ୟବସ୍ଥା କରାଯାଇଛି। ଷୋଡ଼ଶୋପଚାର ପୂଜା ପରେ ଘଟ ପୂଜା ଓ ଯଜ୍ଞ କରାଯାଇଛି। ଆଜିର ପୂଜା କାର୍ଯ୍ୟରେ ମନ୍ଦିରର ସମସ୍ତ ପୁରୋଧା ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଆର୍ଶା ପାଳିଆ ଭାବେ ରଞ୍ଜନ କୁମାର ପାଣି, ସମୀଧ ପାଳିଆ ଭାବେ ଚନ୍ଦ୍ରଶେଖର ପାଣି, ଚରୁ ପାଳିଆ ନଳିନୀକାନ୍ତ ପାଣି, ଲାଖ ପାଳିଆ ଧନଞ୍ଜୟ ପାଣି ଉପସ୍ଥିତ ରହି ନିଜ ନିଜର ଦାୟିତ୍ୱ ସମ୍ପାଦନ କରିଥିଲେ। କଳସ ଯାତ୍ରା ଆରମ୍ଭ ସମୟରୁ ମନ୍ଦିର ପରିଚାଳନା କମିଟି ତରଫରୁ ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିବା ବେଳେ ସେବାୟତ ପରିଷଦ ତରଫରୁ ସମସ୍ତ ସହଯୋଗ କରାଯାଇଥିଲା। ଦୈନନ୍ଦିନ ପ୍ରଚଳିତ ନିତୀ ଓ ପୂଜା ବ୍ୟବସ୍ଥାରେ ଆଜିଠାରୁ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପାଳିଆ ସେବାୟତ ଦୈନନ୍ଦିନ ନିତୀ ଓ ପୂଜାକାର୍ଯ୍ୟ ତୁଲାଇ ଆସୁଥିବା ବେଳେ ଆଜିଠାରୁ ପୂଜକ ପୂଜା କାର୍ଯ୍ୟ, ପୁରୋଧା ପୁସ୍ତକା କାର୍ଯ୍ୟ, ଓ ରୋଷିଆ ସେବାୟତ ଭାବେ କୃପାସିନ୍ଧୁ ପାଣିଗ୍ରାହୀ ଓ ଅଜୟ କୁମାର ପାଣିଗ୍ରାହୀ ଦାୟିତ୍ୱ ଗ୍ରହଣ କରିଥିବାର ଜଣାଯାଇଛି। ପରମ୍ପରା ଅନୁଯାୟୀ ଏହି ବ୍ୟବସ୍ଥା ଦଶହରା ପର୍ଯ୍ୟନ୍ତ ଚାଲୁ ରହିବ। ମନ୍ଦିର ସିଂହଦ୍ୱାର ଖୋଲା ରହିଥିବାରୁ ମନ୍ଦିର ସମ୍ମୁଖରେ ଓ ଭିତରେ ପୁଲିସ ବ୍ୟବସ୍ଥା କରାଯାଇଥିବା ବେଳେ ମନ୍ଦିରର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପୂଜା କାର୍ଯ୍ୟରେ ସହଯୋଗ କରିବାକୁ ମୁଖ୍ୟ ପରିଚାଳକ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି। ରାତି ୮ଟା ୧୫ରୁ ବ୍ରହ୍ମାକୁଣ୍ଡରୁ କଳସ ଯାତ୍ରା କରାଯାଇ ୯ଟା ମନିଟରେ ମନ୍ଦିର ପ୍ରବେଶ କରାଯାଇଥିଲା। ପରେ ୧୦ଟାରେ ମହାସ୍ନାନ କରାଯାଇ ୧୧ଟା ୩୦ ମିନିଟରେ ଷୋଡ଼ଶୋପଚାର ପୂଜା ଆରମ୍ଭ କରାଯାଇଛି। ମନ୍ଦିରର କର୍ମଚାରୀ ମଳୟ କୁମାର ପଣ୍ଡା, ସୁଧାରଞ୍ଜନ ପଣ୍ଡା, ପ୍ରଭାତ କୁମାର ପତି ଉପସ୍ଥିତ ରହି କଳସ ଯାତ୍ରା ଓ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ମନ୍ଦିର ପରିସରରେ ପୂଜା କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ପାଇଁ ବ୍ୟାପକ ପୁଲିସ ମଧ୍ୟ ମୁତୟନ ହୋଇଛନ୍ତି।


## ମା' ବିରଜାଙ୍କ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଢ଼ିଲା

# ଜୋତା ପିନ୍ଧି ମନ୍ଦିର ଭିତରେ ଶ୍ରଦ୍ଧାଳୁ



**ଯାଜପୁର:** ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠରେ ଚାଲିଛି ପିତୃପୁରୁଷଙ୍କୁ ପିଣ୍ଡଦାନ। ବିରଜା ମନ୍ଦିର ପରିସରରେ ଥିବା ନାଭିଗୟାରେ ପିତୃ ପୁରୁଷଙ୍କୁ ପିଣ୍ଡଦାନ ପାଇଁ ସାରା ଦେଶରୁ ଲୋକଙ୍କ ସୁଅଛୁଟିଛି। ବିଶ୍ୱାସ ରହିଛି ଏହି ସମୟରେ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ୨୧ପୁରୁଷ ପର୍ଯ୍ୟନ୍ତ ମୋକ୍ଷ ପ୍ରାପ୍ତି ହୋଇଥାଏ। ଏଥିପାଇଁ ମନ୍ଦିର ପରିସରରେ ପ୍ରବଳ ଜନସମାଗମ ହୋଇଛି। କିନ୍ତୁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନଥିବାରୁ ମନ୍ଦିର ପରିସରରେ ନାନା ବିଶୃଙ୍ଖଳା ଦେଖିବାକୁ ମିଳିଛି। ମନ୍ଦିର ଭିତରକୁ ଶ୍ରଦ୍ଧାଳୁ ମାନେ ଜୋତା ପିନ୍ଧି ଯାଇଥିବା ଫଟୋ ଆଜି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମନ୍ଦିର ଦ୍ୱାରରେ ଶ୍ରଦ୍ଧାଳୁ ମାନଙ୍କୁ ଠିକଣା ଯାଞ୍ଚ କରାଯାଉନଥିବାରୁ ଏଭଳି ବ୍ୟତିକ୍ରମ ଦେଖାଦେଇଛି। ଯାହାକୁ ନେଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସାଧାରଣ ରେ ଦାବି ହେଉଛି।

# ସମ୍ପାଦକୀୟ



ଧର୍ମଧାରଣା ବିଶ୍ୱାସରୁ ଜନ୍ମନିଏ ଏବଂ ବିଶ୍ୱାସ ଜନ୍ମନିଏ ସୀମାବଦ୍ଧ ଚିନ୍ତାଧାରାରୁ ।
-ଜିଡୁ କ୍ରିଷ୍ଣମୂର୍ତ୍ତି

ସକାଳ THE SAKALA

## ବାଣ ବିପଦ

ବାଣ କେବଳ ଆଉ ପାର୍ବଣର ମନୋରଞ୍ଜନ କିମ୍ବା ଉତ୍ସବ ପାଳନରେ ସୀମିତ ନାହିଁ । ଏହା ଏକ ପ୍ରାଣଘାତୀ ପ୍ରତିଯୋଗିତାରେ ପରିଣତ ହୋଇସାରିଛି । ଦୀପାବଳୀ ସମୟରେ ଦେଶର ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳ ବିଷପ୍ରକୋଷ୍ଠ ଭଳି ହୋଇଯାଉଥିବା ବେଳେ କ୍ରମଶଃ ଅନ୍ୟାନ୍ୟ ମେଟ୍ରୋସହରର ଆତସବାଜୀ ଜନିତ ପ୍ରଦୂଷଣସ୍ଥିତି ସେହି ସ୍ତରକୁ ଚାଲିଗଲାଣି । ଏହାଛଡ଼ା ବାଣର ବୁକୁଫଟା ଶବ୍ଦରେ କେତେ ଯେ ପ୍ରାଣ ଯାଉଛି ତାହାର ସରକାରୀ ହିସାବ ନାହିଁ । ବାଣର ଏହି ପ୍ରାଣଘାତୀ ପରିଣାମକୁ ଗୁରୁତ୍ୱ ଦେବାକୁ କେହି ପ୍ରସ୍ତୁତ ଥିବା ଭଳି ଲାଗୁନାହିଁ । ଏହି ପରିପ୍ରେକ୍ଷୀରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉଦ୍‌ବେଗ ପ୍ରକାଶ ଏବଂ ସମଗ୍ର ଦେଶରେ ବାଣକୁ ନିଷେଧ କରିବା ଲାଗି ଦେଇଥିବା ପରାମର୍ଶ ଯଥାର୍ଥ ଓ ସ୍ୱାଗତଯୋଗ୍ୟ ।

ବାଣ ଫୁଟା ଜନିତ ଭୟଙ୍କର ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ନିୟନ୍ତ୍ରଣ କରିବା ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଗତବର୍ଷ ଦିଲ୍ଲୀ ମହାନଗରରେ ସମ୍ପୂର୍ଣ୍ଣ କଟକଣା ଜାରି କରିଥିଲେ । କଟକଣା ମାନିବା ଦୂରେ ଥାଉ ଦିଲ୍ଲୀ ସମେତ ଦେଶରେ ରେକର୍ଡ ସଂଖ୍ୟକ ବାଣ ଫୁଟିଥିଲା । ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ି ନଥିଲା । ଦ୍ୱୈତନଗରୀରେ ଦୀପାବଳୀ ଦିନ ରାତି ତିନିଟା ପରେ, ଏପରିକି ଦୀପାବଳୀ ଆଗଦିନ ରାତି ୧୨ଟା ପର୍ଯ୍ୟନ୍ତ ବାଣ ଫୁଟିବା ଶୁଣିବାକୁ ଓ ଦେଖିବାକୁ ମିଳିଥିଲା । ସତେଯେମିତି ସର୍ବୋଚ୍ଚ ଅଦାଲତଙ୍କ ଉଦ୍‌ବେଗ ପ୍ରତି ବାଣପ୍ରେମୀଙ୍କ କୌଣସି ଆନ୍ତରିକତା ନଥିଲା । ଏହାପଛର କାରଣ ଦର୍ଶାଗଲା ଯେ ଅଦାଲତଙ୍କ ନିର୍ଦ୍ଦେଶ ଆସିବାର ଯଥେଷ୍ଟ ପୂର୍ବରୁ ଆତସବାଜି ବଜାର ଓ ଗ୍ରାହକଙ୍କ ହାତକୁ ଚାଲିଯାଇଥିଲା । ବାଣ ବିକ୍ରେତାମାନେ ମଧ୍ୟ ଲାଇସେନ୍ସ ପାଇ ସାରିଥିଲେ । ତେଣୁ ଚଳିତ ବର୍ଷ ଯଥେଷ୍ଟ ସମୟ ପୂର୍ବରୁ ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ସତର୍କ ସୂଚନା ଦେଇସାରିଛନ୍ତି । ଏହାର କାର୍ଯ୍ୟକାରିତା ଲୋକ ମାନସିକତା ଉପରେ ନିର୍ଭର କରେ ।

ବାଣ ପ୍ରସ୍ତୁତି, ଚାଲାଣ ଓ ବିକ୍ରିବଟା ଉପରେ ସରକାରୀ କଟକଣା ବା ନିଷେଧାଦେଶ ଆଗୁଆ ରହିଲେ ଏହାର ବ୍ୟବହାର କମି ପାରନ୍ତା କିମ୍ବା ଆଦୌ ହୁଅନ୍ତା ନାହିଁ । କିନ୍ତୁ ବାଣ ବଜାର ସହିତ ଜଡ଼ିତ ଅର୍ଥନୀତିକୁ ଦ୍ୱାହି ଦେଇ ଏଭଳି ପଦକ୍ଷେପ ନେବାରେ କୁଣ୍ଠା ପ୍ରକାଶ ପାଉଛି । ଜୀବନ ଥିଲେ ବେପାର ଓ ବଜାର ତିଷ୍ଠି ରହିବ - ଏ କଥା ବାଣପ୍ରେମୀମାନେ ସ୍ମରଣକୁ ଆଣିବା ଦରକାର । ସର୍ବୋପରି ବାଣବଜାର-ଅର୍ଥନୀତି ତୁଳନାରେ ଜୀବନର ମୂଲ୍ୟ କାହିଁ କେତେ ଅଧିକ ମୂଲ୍ୟବାନ - ଏ କଥା ହିଁ ସର୍ବୋଚ୍ଚ ନ୍ୟାୟାଳୟ ପରୋକ୍ଷରେ ପୁଣି ଥରେ ଚେତାଇ ଦେବାକୁ ଚାହିଁଛନ୍ତି । ଆମେ ଯଦି ପରମ୍ପରା ଆଳରେ ସଂଯମର ସୀମା ଉଲ୍ଲଂଘନ କରିବା ଅଦାଲତ କିମ୍ବା ସରକାର ତାହାକୁ ବନ୍ଦ କରିପାରିବେ ନାହିଁ । ଆମ ଚରିତ୍ରର ମନୋରଞ୍ଜନ ଓ ପ୍ରତିଯୋଗିତା ପ୍ରତି ଥିବା ଦୁର୍ବଳ ଦିଗ ସହିତ ଆମକୁ ଅନ୍ୟ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ତା' ନହେଲେ ଆମ ମନୋରଞ୍ଜନର ପ୍ରତିଯୋଗିତା ଅର୍ଥହୀନ ହୋଇ ଗଣମୃତ୍ୟୁର ଘଣ୍ଟି ବଜାଇବ । ଏବେ ସମୟ ଆସିଛି ଆମକୁ ପ୍ରାଣ କିମ୍ବା ବାଣ ମଧ୍ୟରୁ ଗୋଟିଏକୁ ଆପଣେଇ ନେବାକୁ ପଡ଼ିବ ।

## ଖବର ତନଖି ଚିନ୍ତା

ନେପାଳର ସଦ୍ୟତମ ଶାସକ ବିରୋଧୀ ବିକ୍ଷୋଭରେ ସାମାଜିକ ଗଣମାଧ୍ୟମର ଭୂମିକାକୁ ନେଇ ବିଶ୍ୱ ଶାସକବର୍ଗ ଚିନ୍ତିତ । ସ୍ୱାଭାବିକ ଭାବେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଓ ସର୍ବାଧିକ ଜନବହୁଳ ଦେଶ ଭାରତ ମଧ୍ୟ ଏହାକୁ ଗୁରୁତ୍ୱର ସହ ନେଇଛି । ସାମାଜିକ ଗଣମାଧ୍ୟମ ଗୁଜବରେ ଭାରତରେ ନେପାଳ ସଦୃଶ ବିକ୍ଷୋଭର ସମ୍ଭାବନା ନଥିଲେ ମଧ୍ୟ ଅଧୁନା କ୍ରମବର୍ଦ୍ଧିଷ୍ଣୁ ବିଭ୍ରାନ୍ତିକର ଓ ମିଥ୍ୟା ଖବର ପ୍ରଚାର ଓ ପ୍ରସାରଣ ଉଦ୍‌ବେଗର କାରଣ ହୋଇଛି । ଦେଶର ସଂହତି, ସାର୍ବଭୌମ, ଅଖଣ୍ଡତା, ସାମ୍ପ୍ରଦାୟିକ ସଦ୍‌ଭାବନା ଓ ଏକତା ପ୍ରତି ମିଥ୍ୟା ଓ ବିଭ୍ରାନ୍ତିକର ଖବରର ନକାରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ଭାରତ ସରକାର ଏ ସଂକ୍ରାନ୍ତ ଆଇନ ଓ କଟକଣା ଜାରି କରିଛନ୍ତି । ତଥାପି ସେଥିରେ ରହିଯାଉଥିବା ବିଭିନ୍ନ ଗଳାବାଟ ଯୋଗୁଁ ଅବୈଧ ଓ ଅନିୟନ୍ତ୍ରିତ ମିଥ୍ୟା ଖବର ପ୍ରଚାର ପ୍ରସାର ବଢ଼ିବାରେ ଲାଗିଛି ଏବଂ ବିଭିନ୍ନ ସମୟରେ ବିଭ୍ରାଟ ସୃଷ୍ଟି କରୁଛି । ଏବେ ପୁଣି ଥରେ ନେପାଳ ଘଟଣାକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ଖବର ଉପରେ କଡ଼ା କଟକଣା ଜାରି କରିବା ପାଇଁ ସଂସଦୀୟ ସ୍ଥାୟୀ କମିଟି ସରକାରଙ୍କୁ ସୁପାରିସ କରିଛି । ଏଥିରେ ସାମାଜିକ ଗଣମାଧ୍ୟମ ସହିତ ପାରମ୍ପରିକ ମୁଖ୍ୟସ୍ରୋତର ଗଣମାଧ୍ୟମକୁ ଉତ୍ତରଦାୟୀ କରିବା ସହିତ ପ୍ରସାରିତ/ମୁଦ୍ରିତ ଖବର ଯଦି ମିଥ୍ୟା, ମନଗଢ଼ା କିମ୍ବା ବିଭ୍ରାନ୍ତିକର ପ୍ରମାଣିତ ହୁଏ ତେବେ ସମ୍ପୃକ୍ତ ସଂସ୍ଥାର ସମ୍ପାଦକ ଓ ପ୍ରକାଶକ, ମୁଦ୍ରାକର ଓ ମାଲିକଙ୍କୁ ଯେପରି ଦଣ୍ଡିତ କରାଯାଇପାରିବ ସେଥିଲାଗି ଆଇନରେ ସଂଶୋଧନ ଆଣିବା ଲାଗି କମିଟି ପରାମର୍ଶ ଦେଇଛି ।

ଗଣମାଧ୍ୟମରେ ମିଥ୍ୟା ଖବର ପ୍ରସାରଣ ଅଭିଯୋଗ ଏବଂ ତନଖି(ଫ୍ୟାକ୍ଟ ଚେକିଂ) ବ୍ୟବସ୍ଥା ସପକ୍ଷରେ ଯୁକ୍ତି ନୂଆ ନୁହେଁ । ସମୟସମୟରେ କୌଣସି ଖବର ବିଭ୍ରାଟ ବା ସଙ୍କଟ ସୃଷ୍ଟି କଲେ ଏଭଳି ମତାମତ ପ୍ରକାଶ ପାଏ ଏବଂ ସରକାର ତାହାକୁ ଗୁରୁତ୍ୱର ସହ ନିଅନ୍ତି । ଆଇନ୍ କାନୁନ ଓ କଟକଣାକୁ ମାନିବା ପାଇଁ କେତେକ ସଂସ୍ଥା ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ମଧ୍ୟ ଆପଣେଇଛନ୍ତି । କିନ୍ତୁ ସରକାରୀ ତଦାରଖ ବ୍ୟବସ୍ଥାର ଅନୁପସ୍ଥିତି ଯୋଗୁଁ କିଛିଦିନ ପରେ ତାହା ପ୍ରହସନରେ ପରିଣତ ହୋଇଯାଉଛି ।

ବସ୍ତୁତଃ ଫ୍ୟାକ୍ଟଚେକିଂ ସହଜସାଧ୍ୟ ବ୍ୟାପାର ନୁହେଁ । ଏଥିରେ ଆଇନଗତ ଜଟିଳତା ସାଙ୍ଗକୁ ପ୍ରଚୁର ମାନବ ସମ୍ବଳ ଓ ଅର୍ଥଶକ୍ତିର ଆବଶ୍ୟକତା ରହିଛି । ଯାହା ପାଖରେ ସ୍ମାର୍ଟଫୋନ୍ ଅଛି ସେ ଯଦି ସାମାଜିକ ଗଣମାଧ୍ୟମରେ କିଛି ବିଷୟରେ ଲେଖିବାକୁ ଇଚ୍ଛା କରେ ଏବଂ ପରିପ୍ରକାଶ କରେ ତାହାକୁ ତନଖି କରିବ କିଏ? ଏସବୁ ବିଷୟବସ୍ତୁ ପ୍ରସାରିତ କରୁଥିବା ମଞ୍ଚ କେତେ ସତର୍କ ହୋଇପାରିବ ଏବଂ କିଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବ ତାହା ଉପରେ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ନିର୍ଭର କରେ । ମିଥ୍ୟା ଖବର କେବଳ ଦେଶ ପ୍ରତି ନୁହେଁ, ସମ୍ପୃକ୍ତ ସଂସ୍ଥା ଓ ସାମଗ୍ରିକ ଭାବେ ଗଣମାଧ୍ୟର ବିଶ୍ୱସନୀୟତା ପ୍ରତି ବିପଦ ହୋଇଥିବାରୁ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ରହିବା ଜରୁରୀ । କିନ୍ତୁ କେବଳ ଆଇନ ଏହାକୁ ସମ୍ଭବ କରିପାରିବ ନାହିଁ । ତେଣୁ ଆନୁସଙ୍ଗିକ ବିକଳ୍ପ ବ୍ୟବସ୍ଥା ବିଷୟରେ ନୀତିନିର୍ଦ୍ଧାରକମାନେ ଚିନ୍ତା କରନ୍ତୁ ।

# ଦାମ୍ଭିକ ହାତେ ବିଶ୍ୱ-ଭାଗ୍ୟଡୋରି

ଡ. ମନୋଜ କୁମାର ମହାନ୍ତି



ବିଶ୍ୱ ଏକ ଜଟିଳ ପରିସ୍ଥିତି ଦେଇ ଏବେ ଗତି କରୁଛି । ପ୍ରାୟ ସବୁଠି ଯୁଦ୍ଧର ଘନଘଟା । ଶାନ୍ତି-ମୈତ୍ରୀ-ପ୍ରେମ, ଦୟା-କରୁଣା-ଅନୁକମ୍ପାର ସ୍ୱର ଧୀରେଧୀରେ ଉଭେଇଯିବାରେ ଲାଗିଛି । ଲୁହ-ଲହୁ ଏକାସାଥିରେ ବୋହିଚାଲିଛି । ଅହଂକାର ଓ ଜିଦ୍‌ଖୋର ମନୋବୃତ୍ତିର ବୀଜ କେଉଁକାଳରୁ ବିଶ୍ୱର କୋଣଅନୁକୋଣରେ ବପନ ହୋଇସାରିଛି । ସମୟ ସହିତ ତାହା ଅଙ୍କୁରୋଦଗମ୍ ହୋଇ ମହାବୃକ୍ଷର ରୂପ ନେଉଛି । ବିଗତ ଦୁଇରୁ ତିନି ଦଶନ୍ଧି ଧରି ବିଶ୍ୱର ମାନବିକତା ନଷ୍ଟହୋଇ ନରସଂହାର ଭଳି ଘଟଣାମାନ ବଢ଼ିବାରେ ଲାଗିଛି । ରାଜତନ୍ତ୍ରର ସ୍ୱେଚ୍ଛାଚାରୀ ନରସଂହାର ମନୋବୃତ୍ତି ଆଜି ମଧ୍ୟ ଗଣତନ୍ତ୍ରରେ ଦେଖିବାକୁ ମିଳୁଛି ।

୨୦୦୧ରୁ ଆରମ୍ଭ ହେଇଥିବା ଆଫଗାନିସ୍ତାନ ଯୁଦ୍ଧର ସୂତ୍ରପାତ ହୋଇଥିଲା ଅଲକାଏଦା ଆତଙ୍କୀଗୋଷ୍ଠୀର ମୁଖ୍ୟ ଓସେମା ବିନ୍ ଲାଦେନ ଦ୍ୱାରା ୯/୧୧ରେ ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ ପରେ । ପ୍ରତିଶୋଧ ପାଇଁ ଆମେରିକା ଦୀର୍ଘଦିନ ପର୍ଯ୍ୟନ୍ତ ଆଫଗାନିସ୍ତାନରେ ଲାଦେନର ଲୁଚିଥିବା ବିଭିନ୍ନ ଠିକଣା ଉପରେ ବୋମା ନିକ୍ଷେପ କରି ଧ୍ୱଂସସାଧନ କରିବାର କାହାଣୀ ଏବେବି ମନେପଡୁଛି । ଇରାକ ସହ ଆମେରିକାର ୨୦୦୩-୨୦୧୧ ପର୍ଯ୍ୟନ୍ତ ଲଢ଼େଇର ପରିଣାମ ହେଲା ଇରାକ ଶାସନଗାଦିରୁ ସଦ୍ଦାମ ହୁସେନଙ୍କୁ ଗାଦିଚ୍ୟୁତ ଏବଂ ପରିଶେଷରେ ଫାଶୀଦଣ୍ଡ । ୨୦୧୧ରୁ ସିରିଆରେ ଲାଗି ରହିଥିବା ଗୃହଯୁଦ୍ଧ ଏଯାଏଁ ବଳବତ୍ତର । ୟେମେନ, ସୁଦାନ, ମିଆଁମାର, ଇଥୋପିଆ, ବାଂଲାଦେଶ ଓ ନେପାଳ ଅଦି ଦେଶରେ ଚାଲିଛି ଗୃହଯୁଦ୍ଧ । ୨୦୨୨ରୁ ଏଯାବତ ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଇସ୍ରାଏଲ୍-ପାଲେଷ୍ଟାଇନ, ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧର ପରିଣାମ ଅତ୍ୟନ୍ତ ଭୟଙ୍କର । କେହି ଯୁଦ୍ଧରୁ ନିଜକୁ ନିବୃତ୍ତ ରଖିବାକୁ ଚାହୁଁନାହାନ୍ତି ।

ରୁଷର ଭୟଙ୍କର ଆକ୍ରମଣ ସହ ୟୁକ୍ରେନର ପ୍ରତିଆକ୍ରମଣ ଯୁଦ୍ଧକୁ ଆହୁରି ଲମ୍ବିତ କରୁଛି । ନିଜର ସର୍ବସ୍ୱକୁ ହରେଇଲା ପରେ ବି ୟୁକ୍ରେନ କୌଣସି ପରିସ୍ଥିତିରେ ନା ପରାଜୟକୁ ସ୍ୱୀକାର କରୁଛି ନା ଆତ୍ମସମର୍ପଣ ପାଇଁ ଇଚ୍ଛା ପ୍ରକାଶ କରୁଛି । ଆମେରିକା ଓ ନାଟୋ ସଦସ୍ୟ ଦେଶର ସହଯୋଗରେ ରୁଷର ଅହଙ୍କାରକୁ ଭାଙ୍ଗିବା ପାଇଁ ୟୁକ୍ରେନର ପ୍ରଚେଷ୍ଟା ଜାରିରହିଛି । ଅପରପକ୍ଷେ ଶକ୍ତିଶାଳୀ ରୁଷ ତା'ନିଜ ଲକ୍ଷ୍ୟରେ ଅଟଳ । ସେହିପରି ପାଲେଷ୍ଟାଇନର ଅତାଙ୍କୀସଂସ୍ଥା ହମାସର ବାରମ୍ବାର ଇସ୍ରାଏଲ ଉପରେ ଆକ୍ରମଣ ଏବଂ ପ୍ରତ୍ୟୁତ୍ତରରେ ଇସ୍ରାଏଲ ପାଲେଷ୍ଟାଇନର ଗାଜାକୁ ନର୍କରେ ପରିଣତ କରିବା ପରେ ମିଳିତ ଜାତିସଂଘ ଗାଜାରେ ଦୁର୍ଭିକ୍ଷ ଘୋଷଣା କରିଛି । ଏସିଆ ମହାଦେଶର ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ର ଚୀନର ମଧ୍ୟ ବିସ୍ତାର ନୀତି ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି । ଉଭୟ ଗୃହଯୁଦ୍ଧ ଓ ସୀମାବିବାଦରେ ଲିପ୍ତଥିବା ଆର୍ଥିକ ଶକ୍ତିଶାଳୀ ଦେଶମାନଙ୍କ ମଧ୍ୟରେ ଏବେ ବିଶ୍ୱାସର ଘୋର ଅଭାବ । ଦାରିଦ୍ର୍ୟ, ଅଶିକ୍ଷା, ରୋଗ ନିରାକରଣ ପରିବର୍ତ୍ତେ କୂଟନୀତି, ସାମରିକ ଓ ଆଣବିକ ଶକ୍ତି ବିକାଶରେ ଅଧିକାଂଶ ଦେଶ ଲିପ୍ତ ।

ଲୋକତନ୍ତ୍ର ଶାସନ ବ୍ୟବସ୍ଥାକୁ ଶେଷ ବିକଳ୍ପଭାବେ ଗ୍ରହଣ କରି ଗଣତନ୍ତ୍ର ରାଷ୍ଟ୍ର ସ୍ଥାପନ ଲାଗି ବିଶ୍ୱ ପ୍ରୟାସ ଆରମ୍ଭ କଲା । ୨୪, ଅକ୍ଟୋବର ୧୯୪୫ରେ ୫୧ଦେଶର ମିଳିତ ଉଦ୍ୟମରେ ସ୍ଥାପିତ ହେଲା ମିଳିତ ଜାତିସଂଘ । ମିଳିତ ଜାତିସଙ୍ଘର ଦୁଇ ଅଙ୍ଗ ନିରାପତ୍ତା ପରିଷଦ ଓ ସାଧାରଣ ସଭା ସମଗ୍ର ବିଶ୍ୱର କଲ୍ୟାଣକୁ ଅଗ୍ରାଧିକାର ଦେବେ ବୋଲି ବୁଦ୍ଧଜୀବୀମାନେ ଆଶାପୋଷଣ କରିଥିଲେ । ଯଦିଓ ମିଳିତ ଜାତିସଂଘର ପ୍ରଧାନ ଅଙ୍ଗ ଭାବେ ସାଧାରଣ ସଭାର ସଦସ୍ୟ ୧୯୩ଟି ଦେଶ କାର୍ଯ୍ୟରତ, କିନ୍ତୁ ପନ୍ଦର ସଦସ୍ୟଭିତ୍ତିକ ନିରାପତ୍ତା ପରିଷଦ ହିଁ ଜାତିସଂଘର ମୁଖ୍ୟ ନିଷ୍ପତ୍ତି ଗ୍ରହଣକାରୀ ଅଙ୍ଗଭାବେ ଆରମ୍ଭରୁ ପରିଚିତ । ନିରାପତ୍ତା ପରିଷଦର ପନ୍ଦର ସଦସ୍ୟ ମଧ୍ୟରୁ ଦଶ ଅସ୍ଥାୟୀ, ଯେଉଁଥିରେ ଭାରତ ଅନ୍ତର୍ଭୁକ୍ତ ।

ରୁଷ୍, ଆମେରିକା, ଫ୍ରାନ୍ସ, ଇଂଲଣ୍ଡ ଓ ଚୀନ- ଏହି ପାଞ୍ଚ ଶକ୍ତିଶାଳୀ ଦେଶ ସ୍ଥାୟୀ ସଦସ୍ୟଭାବେ ଭିଟୋ ପ୍ରୟୋଗ କ୍ଷମତାର ଅଧିକାରୀ । ବିଶ୍ୱକୁ ନିୟନ୍ତ୍ରଣ କରିବାରେ ଏହି ପାଞ୍ଚ ସ୍ଥାୟୀ ସଦସ୍ୟ ସର୍ବେସର୍ବା । କିନ୍ତୁ ନିଜର ବିକାଶ, ଅଭିବୃଦ୍ଧି ସହ ବିଶ୍ୱକୁ ନିଜ ନିୟନ୍ତ୍ରଣରେ ରଖିବା ଲକ୍ଷ୍ୟରେ ଏମାନେ ସମସ୍ତେ ବ୍ୟସ୍ତ । ଯଦିଓ ପରସ୍ପର ମଧ୍ୟରେ ସମୟେ ସମୟେ ତିକ୍ତତା ସୃଷ୍ଟି ହୁଏ ତଥାପି କେହି କାହାକୁ ସିଧାସଳଖ ଆହ୍ୱାନ ଦେବାକୁ ସାହସ କରିପାରନ୍ତି ନାହିଁ । ସ୍ଥାୟୀ ସଦସ୍ୟ ଦେଶ ମଧ୍ୟରେ ନିଜ ସ୍ୱାର୍ଥରେ କାହାର କାଣିଚାଏ ବାଧା ଉପୁଜିଲେ ନିଜ ଅହଙ୍କାରରୂପକ ଭିଟୋ ପ୍ରୟୋଗ କରି ତା'ର ସର୍ବନାଶ କରିବାକୁ ସେମାନେ ପଛାନ୍ତି ନାହିଁ ।

ଜାତିସଂଘ ମାଧ୍ୟମରେ ଦାରିଦ୍ର୍ୟତା, ନିରକ୍ଷରତା, ସ୍ୱାସ୍ଥ୍ୟଗତ ସମସ୍ୟାରେ ଜର୍ଜରିତ ଦେଶମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ଗୁରୁତ୍ୱପୂର୍ଣ୍ଣ ସାମାଜିକ ସୁରକ୍ଷା ଓ ବିକାଶ ପାଇଁ ବୃହତ୍ ଆର୍ଥିକ ସହାୟତା ରାଶି ଏହି ପାଞ୍ଚ ସ୍ଥାୟୀ ଦେଶ ଦ୍ୱାରା ଅନୁଦାନ ରୂପେ ମିଳିଥାଏ । ଏଥିରେ ଆମେରିକାର ସହାୟତା ରାଶି ଅଧିକ ।

ସ୍ୱାଭାବିକ ଭାବେ ଆର୍ଥିକ ସହାୟତା କରୁଥିବା ବ୍ୟକ୍ତିମାନେ ଯୁଗେଯୁଗେ ସମାଜକୁ ନିଜ ନିୟନ୍ତ୍ରଣରେ ରଖିଥା'ନ୍ତି । ତେଣୁ ନିରାପତ୍ତା ପରିଷଦରେ ଥିବା ସ୍ଥାୟୀ ସଦସ୍ୟମାନେ ନିଜ ନିଜକୁ ଶ୍ରେଷ୍ଠଭାବି ଜାତିସଂଘର ସାଧାରଣ ପରିଷଦରେ ଗୃହୀତ କୌଣସି ନିଷ୍ପତ୍ତିକୁ ଗ୍ରହଣ କରନ୍ତି ନାହିଁ । ପୃଥିବୀର ସାର୍ବଜନୀନ କାର୍ଯ୍ୟକ୍ରମ ନିରାପତ୍ତା ପରିଷଦ ଉପରେ ନିର୍ଭରଶୀଳ । ସେମାନେ ହିଁ ନିର୍ଣ୍ଣୟ କରନ୍ତି ବିଶ୍ୱ ପାଇଁ ଭଲ / ମନ୍ଦ ଏବଂ ଉଚିତ୍ / ଅନୁଚିତ୍ । ଅନ୍ତର୍ଜାତୀୟ ନ୍ୟାୟାଳୟର ରାୟକୁ ମଧ୍ୟ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟମାନେ ଅମାନ୍ୟ କରିବାର ଅନେକ ନଜର ଆସିଛି । ଜାତିସଂଘର ମୁଖ୍ୟସଚିବ କେବଳ ନାମକୁ ମାତ୍ର । ତାଙ୍କର ବିଶ୍ୱକୁ ନିୟନ୍ତ୍ରଣ କରିବାର କୌଣସି କ୍ଷମତା ନାହିଁ । କହିବାକୁ ଗଲେ ମିଳିତ ଜାତିସଂଘ ଏକ ନିଃସହାୟ, ନିରୁପାୟ, ଜରାଜୀର୍ଣ୍ଣ ଥୁଣ୍ଟା ବରଗଛ ସଦୃଶ । ଏ ସବୁର ସୁଯୋଗ ନେଇ ବିଶ୍ୱ ଧୀରେଧୀରେ ଅଶାନ୍ତ ଓ ଧ୍ୱଂସାଭିମୁଖେ ଅଗ୍ରସର ।

ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ରର ଶାସକମାନେ ବିଶ୍ୱ ଜନସାଧରଣଙ୍କ ଜୀବନ ସହ ଲୁଚକାଳି ଖେଳି ଚାଲିଛନ୍ତି । ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଦେଶକୁ ବୈଶ୍ୱିକ ସଂସ୍ଥା ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ଦେବା କେଉଁ ମାନସିକତା ତାହା ବୁଝାପଡୁଛି । ନିଜ ସ୍ୱାର୍ଥ ଓ ଦାଦାଗିରି ଜାହିର କରିବାରେ କିଛି ଦେଶ ନିପୁଣ । ନିଜ ଅସ୍ତ୍ରଶସ୍ତ୍ର ବିକ୍ରିରେ ପ୍ରଚୁର ଅର୍ଥ ଉପାର୍ଜନ କରି ବିଶ୍ୱରେ ନିଜର ହାକିମଗିରି କରିବାର ନିଶାରେ ବୁଡ଼ି ରହିଥିବା ଦେଶ ଦିନେ ନିଜେ ସେଇ ନିଆଁରେ ଜାଳିପୋଡ଼ି ପାଉଁଶ ହୋଇଯିବ ନାହିଁ ତ? ଦାମ୍ଭିକମାନେ ସମସ୍ତଙ୍କ ଭାଗ୍ୟଡୋରୀ ନିଜନିଜ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି । କିନ୍ତୁ ସେମାନେ ଭୁଲିଯାଆନ୍ତି ଯେ ସେମାନଙ୍କ ଭାଗ୍ୟଡୋରି କାଳହାତେ ବନ୍ଧା ।

(ବିଭାଗୀୟ ମୁଖ୍ୟ, ବି. ଏନ. ଏମ୍.ଏ ମହାବିଦ୍ୟାଳୟ), ଭଦ୍ରକ, ମୋ:୮୮୯୫୩୪୧୦୩୩

# ଅନ୍‌ଲାଇନ୍ ଗେମ୍‌ର ମାୟାଜାଲ

ପ୍ରିୟତମା ତ୍ରିପାଠୀ



ମହାଭାରତର ଦ୍ୟୁତକ୍ରୀଡ଼ା ବା ପଶା ଖେଳ କେବଳ ଏକ ସାଧାରଣ ମନୋରଞ୍ଜନ ନୁହେଁ; ଏହା ଥିଲା ଏକ ନିଷ୍ଠୁର ପରୀକ୍ଷଣ । ଯୁଧିଷ୍ଠିରଙ୍କ ପଶା ପ୍ରତି ଅନିୟନ୍ତ୍ରିତ ଆସକ୍ତି, ଆତ୍ମସଂଯମର ଅଭାବ ଏବଂ ଶକୁନିଙ୍କ ଚତୁର ମାନସିକ କୌଶଳ ପାଣ୍ଡବମାନଙ୍କର ରାଜତ୍ୱ, ସାମାଜିକ ସମ୍ମାନ ଓ ପାରିବାରିକ ସ୍ୱାଧୀନତାକୁ ବିନାଶର ମୁହଁକୁ ଠେଲି ଦେଲା । ଏହା ଆମକୁ ଶିକ୍ଷା ଦିଏ ଯେ ଜୁଆରେ ଅତ୍ୟଧିକ ଆସକ୍ତି କିପରି ମାନବୀୟ ଦୁର୍ବଳତାକୁ ଶୋଷଣ କରି ଅନୈତିକ ଲାଭ ପାଇଁ ବ୍ୟବହାର କରେ ଏବଂ ବ୍ୟକ୍ତି ଓ ସମାଜର ମଙ୍ଗଳକୁ ବିପନ୍ନ କରେ । ଏହି ଶିକ୍ଷାର ପ୍ରାସଙ୍ଗିକତା ଆଜିର ଆଧୁନିକ ଓ ଇଣ୍ଟରନେଟ୍ ଯୁଗରେ ଅଧିକ ।

ମହାଭାରତ ଯୁଗର ସେହି ଦ୍ୟୁତକ୍ରୀଡ଼ାର ନିଷ୍ଠୁର ଛାୟା ଆଜିର ଡିଜିଟାଲ୍ ଯୁଗରେ ଅନଲାଇନ୍ ଗେମିଂ ଓ ଗ୍ୟାମ୍ବ୍ଲିଂ ଆପ୍‌ର ରୂପ ନେଇ ବିଶ୍ୱବ୍ୟାପୀ ମାୟାଜାଲ ବିସ୍ତାର କରିଚାଲିଛି । ଭର୍ଚୁଆଲ ରିୱାର୍ଡ ଓ ଆଲ୍‌ଗୋରିଦିମ୍ ଗୋଟିରେ ରୂପାନ୍ତରିତ ହୋଇ ଲକ୍ଷ ଲକ୍ଷ ମନକୁ ଅପ୍ରତିରୋଧ ଆକର୍ଷଣରେ ବାନ୍ଧି ରଖୁଛି । ଅନଲାଇନ୍ ଗେମିଂ ପ୍ଲାଟଫର୍ମଗୁଡ଼ିକ ଶକୁନିତୁଲ୍ୟ ନିଖୁଣ ଭାବେ ଡିଜାଇନ୍ କରାଯାଇଥିବା ରିୱାର୍ଡସିଷ୍ଟମ୍ ମାଧ୍ୟମରେ ଖେଳାଳିମାନଙ୍କର ମସ୍ତିଷ୍କରେ ଯୁଧିଷ୍ଠିର ତୁଲ୍ୟ ଡୋପାମାଇନ୍‌ର ଅନୁପମାନ୍ୟ ପ୍ରବାହ ସୃଷ୍ଟି କରୁଛନ୍ତି । ଅନେକ ଯୁବକ ଏହି ଜୁଆ ଆପ୍‌ଗୁଡ଼ିକ ପ୍ରତି ଆକର୍ଷିତ ହୋଇ ସଞ୍ଚୟ ହରାଉଛନ୍ତି, ଋଣରେ ବୁଡ଼ି ଯାଉଛନ୍ତି ଏବଂ ପାରିବାରିକ ସମ୍ପର୍କ ଓ ସାମାଜିକ ବନ୍ଧନକୁ ଭାଙ୍ଗି ଏକ ନିରବ ସଂଘର୍ଷର ଶିକାର ହେଉଛନ୍ତି । ଅନେକ ଯୁବକଯୁବତୀ ଏହି ଗେମ୍‌ଗୁଡ଼ିକରେ ଅତ୍ୟଧିକ ସମୟ ବିତାଇ ଶିକ୍ଷାଆହରଣରେ ପଛରେ ପଡୁଛନ୍ତି । ମାନସିକ ଚାପ, ଅନିଦ୍ରା ଓ ଆତ୍ମବିଶ୍ୱାସର ଅଭାବରେ ଜର୍ଜରିତ ହେଉଛନ୍ତି । ପାରିବାରିକ ଓ ସାମାଜିକ ସମ୍ପର୍କରେ ଏକ ଅନ୍ଧକାର ଦୂରତ୍ୱ ସୃଷ୍ଟି କରୁଛନ୍ତି ।

ପିଲାମାନଙ୍କର ମୋବାଇଲ୍ ପ୍ରତି ଅନିୟନ୍ତ୍ରିତ ଆକର୍ଷଣ ଏବଂ ପାଠପଢ଼ା ପ୍ରତି ଅନିଚ୍ଛା ପଛରେ ଯେତିକି ତାଙ୍କର ଦୁର୍ବଳତା ରହିଛି, ତା'ଠାରୁ ଅଧିକ ଦାୟିତ୍ୱହୀନତା ପିତାମାତାଙ୍କର ରହିଛି । ଛୋଟ ବୟସରୁ ପିଲାଙ୍କ ସହ ସମୟ ବିତାଇବା ବଦଳରେ ଖାଇବା ସମୟରେ ମୋବାଇଲ୍‌ରେ କାର୍ଟୁନ୍ ଭିଡିଓ ଚଲାଇ ଧରାଇ ଦେବା ଏକ ସହଜ ଉପାୟ ଲାଗେ ସତ, କିନ୍ତୁ ଏହା ଭବିଷ୍ୟତର ଏକ ମହାବିପତ୍ତିର ବୀଜ ରୋପଣ କରେ । ବୈଜ୍ଞାନିକ ଦୃଷ୍ଟିରୁ ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ପିଲାଙ୍କର ଭାଷା ବିକାଶରେ ବାଧା ସୃଷ୍ଟି କରିବା ସହିତ ଭାବ ଆଦାନପ୍ରଦାନର ଗୁଣବତ୍ତାକୁ ପ୍ରଭାବିତ କରେ ଏବଂ କଥା କହିବା ଶୈଳୀ ଓ ଶାଳୀନତାକୁ ପ୍ରଭାବିତ କରେ । ଏହା ମଧ୍ୟ ମେଦବହୁଳତା ଓ ସ୍ମରଣଶକ୍ତି ହ୍ରାସ ପରି ସମସ୍ୟା ସୃଷ୍ଟି କରେ । ମାନବୀୟ ମୂଲ୍ୟବୋଧ ଦୃଷ୍ଟିରୁ ପିତାମାତାଙ୍କର ଦାୟିତ୍ୱ ହେଉଛି ପିଲାଙ୍କ ସହ ଖେଳିବା, କଥାବାର୍ତ୍ତା କରିବା ଏବଂ ଆଚାର-ବ୍ୟବହାର ଶିଖାଇବା, ଯାହା ତାଙ୍କର ସାମାଜିକ ଓ ନୈତିକ ବିକାଶକୁ ସୁଦୃଢ଼ କରେ ।

ପ୍ରକୃତରେ ମୋବାଇଲ୍ ଫୋନ୍‌ର ପ୍ରଭାବ ଶିଶୁଟିଏ ଜନ୍ମ ହେବା ପୂର୍ବରୁ ପଡ଼ିଥାଏ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି । ମହାଭାରତରେ ଅଭିମନ୍ୟୁର ମାତୃଗର୍ଭରେ ଚକ୍ରବ୍ୟୂହର ଜ୍ଞାନ ଅର୍ଜନ ଏକ ଅଲୌକିକ ଆଧ୍ୟାତ୍ମିକ ଦୃଷ୍ଟାନ୍ତ, ଯାହା ଆଧୁନିକ ବିଜ୍ଞାନ ସହ ସାମଞ୍ଜସ୍ୟ ରଖେ । ବିଜ୍ଞାନ ଅନୁସାରେ, ଗର୍ଭାବସ୍ଥାର ଦ୍ୱିତୀୟ ଟ୍ରାଇମେଷ୍ଟର୍‌ରେ(୧୮-୨୦ ସପ୍ତାହ) ଶିଶୁର ଶ୍ରବଣ ଶକ୍ତି ବିକଶିତ ହୁଏ ଏବଂ ତୃତୀୟରେ(୨୭-୩୧ ସପ୍ତାହ) ଦୃଷ୍ଟି ଓ ଆଲୋକ ପ୍ରତି ସଂବେଦନଶୀଳତା ଗଢ଼ି ଉଠେ । ଅଭିମନ୍ୟୁ ଯେପରି ଗର୍ଭରେ ଜ୍ଞାନ ଗ୍ରହଣ କରିଥିଲେ, ସେହିପରି ଆଜିର ଶିଶୁମାନେ ମାତାଙ୍କ ଗର୍ଭକାଳୀନ ମୋବାଇଲ୍ ବ୍ୟବହାର ରିଲ୍‌ସ, ୟୁଟ୍ୟୁବ୍ ଓ ଅନ୍ୟାନ୍ୟ ଡିଜିଟାଲ୍ କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୁଅନ୍ତି । ଗବେଷଣା ଦର୍ଶାଏ, ଅତ୍ୟଧିକ ମୋବାଇଲ୍ ବ୍ୟବହାର ରେଡିଏସନ୍ ଓ ହର୍ମୋନ୍ ଅସନ୍ତୁଳନ ମାଧ୍ୟମରେ ଶିଶୁର ସ୍ୱାଭାବିକ ଓଜନ ହ୍ରାସ, ଅପରିପକ୍ୱ ଜନ୍ମ, ବ୍ୟବହାରଗତ ଅସ୍ୱାଭାବିକତା ଆଦି ସମସ୍ୟା ସୃଷ୍ଟି କରେ । ଆଧ୍ୟାତ୍ମିକ ଓ ମାନବୀୟ ଦୃଷ୍ଟିରୁ ଗର୍ଭକାଳ ଏକ ପବିତ୍ର ସମୟ, ଯେଉଁଠାରେ ମାଆର ଚିନ୍ତାଧାରା ଶିଶୁ ପ୍ରତି ଏକ ସକାରାତ୍ମକତା ସୃଷ୍ଟି କରେ । ବୈଦିକ ଚେତନା ଓ ସଂଯମ ଦ୍ୱାରା ମାଆମାନେ ଧ୍ୟାନ, ଗୀତା ପାଠ ଓ ସକାରାତ୍ମକ ଜୀବନଶୈଳୀ ମାଧ୍ୟମରେ ଶିଶୁର ମଙ୍ଗଳ ସୁନିଶ୍ଚିତ କରିପାରନ୍ତି । ଡିଜିଟାଲ୍ ନିଶାରୁ ମୁକ୍ତି ପାଇ ଆଧ୍ୟାତ୍ମିକ ଜାଗରଣ ଦ୍ୱାରା ସମାଜର ଭବିଷ୍ୟତ ସୁସ୍ଥ ଓ ସୁନ୍ଦର ହୋଇପାରେ ।

ମୋବାଇଲ୍ ଫୋନ୍‌ର ଯେତେ ନକାରାତ୍ମକ ପ୍ରଭାବ ରହିଲେ ମଧ୍ୟ, ତା'ର ଅନେକ ସକାରାତ୍ମକ ଗୁଣ ଯଥା ଶିକ୍ଷା, ସୂଚନା ଓ ଯୋଗାଯୋଗରେ ସୁବିଧା ଆଜିର ସମାଜରେ ଏହାକୁ ବହୁଳ ଆଦୃତ ଓ ପ୍ରଚଳିତ କରିପାରିଛି । କିନ୍ତୁ ପିଲାମାନଙ୍କୁ ବିପଥଗାମୀ ହେବାର ଆଶଙ୍କା ମଧ୍ୟ ସୃଷ୍ଟି କରିଛି । ତେଣୁ ମୋବାଇଲ୍ ଫୋନ୍‌ରେ ନିୟନ୍ତ୍ରଣ ସୁବିଧାକୁ ଉପଯୋଗ କରି ପିଲାଙ୍କ ପ୍ରତିଦିନର ମୋବାଇଲ୍ ଫୋନ୍ ବ୍ୟବହାର ସମୟ ନିର୍ଦ୍ଧାରଣ କରାଯାଇପାରିବ । ଏପରିକି ହଷ୍ଟେଲ୍‌ରେ ରହୁଥିବା ପିଲାଙ୍କ ମୋବାଇଲ୍ ଫୋନ୍‌ରେ କାର୍ଯ୍ୟକଳାପ ମଧ୍ୟ ଘରେ ଥାଇ ପିତାମାତା ଜାଣିପାରିବେ । ପିତାମାତାଙ୍କର ସଂଯମୀ ନିରୀକ୍ଷଣ ପିଲାଙ୍କୁ ନୈତିକ ଓ ଶିକ୍ଷାଗତ ପଥରେ ରଖି ବିପଥଗାମୀ ହେବାରୁ ରକ୍ଷା କରି ସମାଜର ମଙ୍ଗଳ ସୁନିଶ୍ଚିତ କରିପାରିବ ।

ନୂଆଗାଁ(ମୟୂରଭଞ୍ଜ), ମୋ: ୬୩୭୦୪୧୮୬୪

# ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

**ଗୋଖରା**

**ପ୍ରକୃତି-ପରିବେଶ**

ଗୋଖରା ଭାରତ ସମେତ ଶ୍ରୀଲଙ୍କା ଏବଂ ଉଭୟ ଗୋଲାର୍ଦ୍ଧର ସମସ୍ତ ଉଷ୍ମ ଅଞ୍ଚଳରେ ୩, ୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଦେଖାଯାଏ । ଏହା ଦକ୍ଷିଣ ୟୁରେସିଆ, ଆଫ୍ରିକା, ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆର ମୂଳ ଜାତ ଉଦ୍ଭିଦ । ଏହା ଚାରଣଭୂମି, ରାସ୍ତାପାର୍ଶ୍ୱ ଓ ଅନ୍ୟାନ୍ୟ ଅନାବାଦୀ ସ୍ଥାନଗୁଡ଼ିକର ଏକ ସାଧାରଣ ତୃଣ ଭାବେ ବଢ଼ିଥାଏ । ଘନ ଲୋମଯୁକ୍ତ ପତ୍ରଗୁଡ଼ିକ ପ୍ରାୟ ୩ ମିମି ପର୍ଯ୍ୟନ୍ତ ଲମ୍ବା ହୋଇଥାଏ । ଫୁଲଗୁଡ଼ିକ ହଳଦିଆ ରଙ୍ଗର ଓ ୪-୧୦ ମିମି ଚଉଡ଼ା । ପ୍ରତ୍ୟେକ ଫଳରେ ଅନେକ ବିହନ ଥାଏ । ବିହନଗୁଡ଼ିକ ତେଲିଆ । କଣ୍ଟକିତ ଫଳ ଖାଲି ପାଦରେ ଚାଲିବା ଲୋକଙ୍କ ପାଇଁ ଯନ୍ତ୍ରଣାଦାୟକ ଆଘାତ ମଧ୍ୟ ଦେଇଥାଏ ।

ଆୟୁର୍ବେଦରେ ଗୋଖରା ଏକ ଉତ୍ତମ ପୃଷ୍ଟପୋଷକ ଔଷଧୀୟ ଉଦ୍ଭିଦ । ଏହାର ଫଳ ଓ ମୂଳ ମୁଖ୍ୟତଃ ବିଭିନ୍ନ ରୋଗ, ବିଶେଷକରି ବୃକକ୍ ଚିକିତ୍ସା ପାଇଁ ଏକ ଲୋକଔଷଧ ଭାବରେ ବ୍ୟବହୃତ ହୁଏ । ଗୋଖରା ଶରୀରର ପ୍ରାକୃତିକ ଆରୋଗ୍ୟ ଶକ୍ତିକୁ ଶକ୍ତିଶାଳୀ କରେ । ମୂତ୍ର ରୋଗ, ମୂତ୍ରନଳୀ ସଂକ୍ରମଣ ସହିତ ସୌମ୍ୟ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ ପ୍ରତିକାର ପାଇଁ ଏହା ଏକ ଫଳପ୍ରଦ ପ୍ରାକୃତିକ ଉପଚାର । ପୌରୁଷ ଶକ୍ତି ବର୍ଦ୍ଧନ, ରକ୍ତ ସଞ୍ଚାଳନ ବୃଦ୍ଧି, ପେଟ ଯନ୍ତ୍ରଣା, ମଳ କଷ୍ଟ, ଫୁଲା ଏବଂ ଅନ୍ୟାନ୍ୟ ସମସ୍ୟା ଉପଶମରେ ସାହାଯ୍ୟ କରେ । ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ହେବା ହେତୁ ଏହା ହରମୋନରେ ସନ୍ତୁଳନ ରକ୍ଷା କରି ମନକୁ ଶାନ୍ତ କରିବାରେ ଏବଂ ସ୍ମୃତି, ଧ୍ୟାନ ଓ ଏକାଗ୍ରତା ବୃଦ୍ଧି କରିବାରେ ସାହାଯ୍ୟ କରେ । ଆଲଜାଇମର ରୋଗୀମାନଙ୍କ ପାଇଁ ଏହା ଏକ ଫଳପ୍ରଦ ପ୍ରାକୃତିକ ଔଷଧ । ଏଥିରେ ଟେଷ୍ଟୋଷ୍ଟୋରନ୍ ଥିବା ଯୋଗୁଁ ବୃତ୍ତିଗତ ଖେଳାଳିମାନେ ବ୍ୟବହାର କରନ୍ତି । ଗୋଖରାରେ ଗଚ୍ଛିତ ପ୍ରାରମ୍ଭିକ ଜୈବ ରସାୟନ ବା ଫାଇଟୋକେମିକାଲ୍ ଅଧ୍ୟୟନରୁ ସାପୋନିନ୍, ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍ସ, ଆଲକାଲଏଡ୍ସ ଏବଂ ଟାନିନ୍ସ ନାଇଟ୍ରେଟ୍ସ, ପୋଟାସିୟମ୍ ଉପସ୍ଥିତି ଜଣାପଡ଼େ ।

ପୂର୍ବ ଏସିଆରେ ଗୋଖରାର ପତ୍ର ଓ ଡାଳ ଖାଦ୍ୟ ଭାବେ ଗ୍ରହଣ କରାଯାଏ । ଅମିଶ୍ରିତ ବଟରମିଲ୍କ ବା ଚହ୍ଲା ପରି ଦେଖାଯିବା ପାଇଁ ଗୋଖରା ଡାଳକୁ ପତଳା ଚହ୍ଲାରେ ମିଶାଯାଇଥାଏ । ତାଜା କିମ୍ବା ଶୁଖିଲା ବ୍ୟବହାର କରାଯାଏ । ଗୋଖରା ପାଉଡର କିମ୍ବା ଟାବଲେଟ୍ ଆକାରରେ ଉପଲବ୍ଧ ଫଳର ଏକ ସୂକ୍ଷ୍ମ ପାଉଡର । ଶୁଖିଲା ଗୋଖରା ଫଳ କିମ୍ବା ପାଉଡରକୁ ପାଣିରେ ଫୁଟାଇ କାଢ଼ା କରାଯାଏ । ଗୋଖରାର କିଛି ପାର୍ଶ୍ୱ ପ୍ରତିକ୍ରିୟା ରହିଛି, ଯାହା ପତଳା ଝାଡ଼ା, ପେଟ ଯନ୍ତ୍ରଣା, ବାନ୍ତି, କୋଷ୍ଠକାଠିନ୍ୟ, ଏପରିକି ଚର୍ମଫୋଟକା ଇତ୍ୟାଦି ସୃଷ୍ଟି କରିପାରେ । ଗର୍ଭବତୀ, ପ୍ରସୂତିଙ୍କ ପାଇଁ ଏହା ବ୍ୟବହାର କ୍ଷତିକାରକ ।

ଯୁକ୍ତରାଷ୍ଟ୍ରର କିଛି ରାଜ୍ୟରେ ଏହାକୁ ଏକ କ୍ଷତିକାରକ ଅନାବନା କ୍ଷୁପ ବା ତୃଣ ଭାବରେ ବିବେଚନା କରାଯାଏ । ଦକ୍ଷିଣ ଅଷ୍ଟ୍ରେଲିଆରେ ଏହାକୁ କାଲଟ୍ରପ୍ (ସମାନ ଆକୃତିର ଏକ କଣ୍ଟାଯୁକ୍ତ ଅସ୍ତ୍ର 'କାଲଟ୍ରପ୍' ଅଧୀନରେ ବର୍ଣ୍ଣିତ ଆକ୍ରମଣ) ଭାବରେ ଘୋଷଣା କରାଯାଇଛି । ଯେଉଁ ଅଞ୍ଚଳରେ ଏହା ଏକ ଆକ୍ରମଣାତ୍ମକ ଜାତି, ସେଠାରେ ଗୋଖରାକୁ ପ୍ରାୟତଃ ନିପାତ କରିବାକୁ ଚେଷ୍ଟା କରାଯାଏ । ଏହାର ମଜବୁତ ପ୍ରଧାନ ମୂଳ ଏବଂ ଶାଖା ମୂଳ ହେତୁ ଶୁଖିଲା ତୃଣ ମଧ୍ୟ ଶକ୍ତ ଭାବରେ ଭୂମିରେ ସ୍ଥାନିତ ଥାଏ । ଏହାର ବିହନ ମଧ୍ୟ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥାଏ । ବିହନ ଗଠନକୁ ରୋକିବା ପାଇଁ ଫୁଲ ଫୁଟିବା ପୂର୍ବରୁ କିମ୍ବା ଫୁଲ ଧରିବା ସମୟରେ ଗଛକୁ ଅପସାରଣ କରାଯିବା ଉଚିତ । ତୃଣ ଗୁଡ଼ିକ ମାଟିରୁ ବାହାରିବା ପରେ ୨, ୪-ଡାଇକ୍ଲୋରୋଫେନୋକ୍ସାଏସେଟିକ୍ ଏସିଡ୍ (୨, ୪-ଡି), ଗ୍ଲାଇଫୋସେଟ୍ ସିଞ୍ଚନ କରିବା ଫଳରେ ନିୟନ୍ତ୍ରଣ ହୁଏ । ଗୋଖରାର ଜୈବିକ ନିୟନ୍ତ୍ରଣ ପାଇଁ ଦୁଇଟି ୱିଭିଲ୍ (ଏକ ଲମ୍ବା ନାକ ସହିତ ଏକ ଛୋଟ ପୋକ, ଯାହାର ଲାର୍ଭା ସାଧାରଣତଃ ବିହନ, କାଣ୍ଡ କିମ୍ବା ଅନ୍ୟାନ୍ୟ ଉଦ୍ଭିଦ ଅଂଶ ଭିତରେ ବିକଶିତ ହୁଏ ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଅବଶିଷ୍ଟାଂଶ

### ଧଳା ହେଉଛି...

କରାଯାଇଛି । ଗତ ନିର୍ବାଚନରେ ଗୁଜରାଟରେ ୧୧, ୪୯୬ ଭୋଟ ପାଇଥିବା ଭାରତୀୟ ନ୍ୟାସନାଲ ଜନତା ଦଳ ୯୫୭ କୋଟି ଟଙ୍କା ରାଜନୈତିକ ଚାନ୍ଦା ପାଇଥିବା ଦେଖାଯାଇଛି । ମାତ୍ର ୯୦୨୯ଟି ଭୋଟ ପାଇଥିବା ଅନ୍ୟଏକ ରାଜନୈତିକ ଦଳ ନ୍ୟୁ ଇଣ୍ଡିଆ ୟୁନାଇଟେଡ ପାର୍ଟି ୬୦୮ କୋଟି ଟଙ୍କା ନିର୍ବାଚନୀ ଚାନ୍ଦା ପାଇଛି । ୧୦୪୨ ଭୋଟ ପାଇଥିବା ସତ୍ୟବାଦୀ ରକ୍ଷକ ପାର୍ଟିକୁ ମିଳିଛି ୪୧୬ କୋଟି ଓ ମୋଟ ୪୮୦ ଭୋଟ ପାଇଥିବା ଜନ ମନ ପାର୍ଟି ୧୩୪ କୋଟି ଟଙ୍କା ଚାନ୍ଦା ଏକାଠି କରିଛି । ସବୁଠାରୁ କୌତୂହଳ କଥା ହେଉଛି ନିର୍ବାଚନରେ ମୋଟ ୧୪୦ ଭୋଟ ପାଇଥିବା ସୌରାଷ୍ଟ୍ର ଜନତା ପାର୍ଟି ୨୦୦ କୋଟି ଟଙ୍କାର ରାଜନୈତିକ ଚାନ୍ଦା ଠୁଳ କରିବାକୁ ସକ୍ଷମ ହୋଇଛି । ଏଡିଆର ରିପୋର୍ଟ ଅନୁଯାୟୀ ଦେଶରେ ୨୭୬୪ଟି ଅଣ ମାନ୍ୟତାପ୍ରାପ୍ତ ଦଳ ଅଛନ୍ତି । ଏଥିରୁ ୭୩ ପ୍ରତିଶତରୁ ଅଧିକ ଦଳ ୨୦୨୫ର ଆର୍ଥିକ ରେକର୍ଡ ସାର୍ବଜନୀନ କରିନାହାନ୍ତି । ଅନ୍ୟ ୭୩୯ଟି ଦଳ ଦେଇଥିବା ତଥ୍ୟର ବିଶ୍ଳେଷଣ କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ଆବେଦନକାରୀ ସୁପ୍ରିମକୋର୍ଟରେ ତଥ୍ୟ ରଖିଛନ୍ତି ।

ରାଜନୈତିକ ଭାବେ ସକ୍ରିୟ ନ ଥିବା ଦଳ ମାଧ୍ୟମରେ ଟିକସ ଚୋରି ଓ ମନି ଲଣ୍ଡରିଂକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଅତି ଗୁରୁତର ମାମଲା ବୋଲି ଉଲ୍ଲେଖ କରିଛନ୍ତି । କେନ୍ଦ୍ର ସରକାର, ଆଇନ କମିଶନ ଓ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି ସହ ରାଜନୈତିକ ଦଳଙ୍କ କାର୍ଯ୍ୟକୁ ନେଇ କଡ଼ା ନିୟମ ପ୍ରସ୍ତୁତି ସଂକ୍ରାନ୍ତରେ ରିପୋର୍ଟ ତଲବ କରିଛନ୍ତି ଓ ଚାରି ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜନୈତିକ ଦଳଙ୍କ ପଞ୍ଜିକରଣ ଏବଂ ପରିଚାଳନା ସମ୍ବନ୍ଧରେ କଠୋର ଆଇନ କାହିଁକି ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି ।

### ଅକ୍ଟୋବରରୁ ଓଡ଼ିଶା...

କିଛି ମାତ୍ରାରେ ସତ । ଗତ ୨୪ବର୍ଷର ତଥ୍ୟରୁ ଜଣାପଡୁଛି ଯେ ଲା-ନିନା ସମୟରେ ବଙ୍ଗୋପସାଗରୀୟ ବାତ୍ୟା ସଂଖ୍ୟା ସାମାନ୍ୟ ଅଧିକ । ୨୦୦୫ରୁ ୨୦୨୪ ମଧ୍ୟରେ ହୋଇଥିବା ୫୩ଟି ବଙ୍ଗୋପସାଗରୀୟ ବାତ୍ୟା ସୃଷ୍ଟି ହୋଇଛି । ଏହି ବାତ୍ୟା ମଧ୍ୟରୁ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମଧ୍ୟରୁ କେତେକ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଦକ୍ଷିଣ ଚାଇନା ଓ ଫିଲିପାଇନ୍ସ ଅଞ୍ଚଳରେ ସୃଷ୍ଟି ବାତ୍ୟାର ଅଂଶବିଶେଷ । ଆଣ୍ଡାମାନ ସାଗର ବା ସଂଲଗ୍ନ ଅଞ୍ଚଳରେ ପହଞ୍ଚି ଘନୀଭୂତ ହୋଇଥାଏ । ଏହାବ୍ୟତୀତ ଆଇଓଡି (ଇଣ୍ଡିଆନ୍ ଓସେନ୍ ଡାଇପୋଲ୍) ଓ ଏମ୍‌ଜେଓ (ମେଡେନ୍ ଜୁଲିଅନ୍ ଓସିଲେସନ) ମଧ୍ୟ ବାତ୍ୟା ସୃଷ୍ଟିର ସୃଷ୍ଟି ଏବଂ ଶକ୍ତିଶାଳୀ କରିଥାଏ । ଆଇଓଡି ନେଗେଟିଭ୍ ରହିଲେ, ବଙ୍ଗୋପସାଗରରେ ଜଳପୃଷ୍ଠର ତାପମାତ୍ରା ଅଧିକ ଗରମ ରହିଥାଏ । ସାଧାରଣତଃ ଏଲ୍-ନିନୋ ପରେ ଏହା ହୋଇଥାଏ । ବାତ୍ୟାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହା ବଳ ଯୋଗାଇଥାଏ । ଅକ୍ଟୋବରରେ ଏହା ନେଗେଟିଭ୍ ହେବାକୁ ସମ୍ଭାବନା ଥିବାରୁ ଏହା ମଧ୍ୟ ବାତ୍ୟା ସୃଷ୍ଟିପାଇଁ ଅନୁକୂଳ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି । ସେହିପରି ଏମ୍‌ଜେଓ ଯେତେବେଳ ବଙ୍ଗୋପସାଗର/ଭାରତ ମହାସାଗରରେ ସକ୍ରିୟ ରହେ, ବାତ୍ୟା ସୃଷ୍ଟି ପାଇଁ ପରିସ୍ଥିତି ଅନୁକୂଳ ହୋଇଥାଏ । ମେଘ ଗଠନ, ବାୟୁର ଊର୍ଦ୍ଧ୍ୱଗାମୀ ଗତି ଓ ଲଘୁଚାପ/ଅବପାତର ଚକ୍ରଗତି ଅଧିକ ହୋଇ ବାତ୍ୟା ସୃଷ୍ଟି ଓ ଶକ୍ତିଶାଳୀ ହେବା ପାଇଁ ଅନୁକୂଳ ହୋଇଥାଏ ।

ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ଓ କେତେବେଳ ପ୍ରତ୍ୟାବର୍ତ୍ତନ ସମୟରେ ବାତ୍ୟା ହୋଇଥାଏ । ମୌସୁମୀ ସମୟରେ ହୋଇ ନ ଥାଏ । କାରଣ ଊର୍ଦ୍ଧ୍ୱଗାମୀ ବାୟୁର ଗତିର ବେଗ ଘର୍ଷଣ ଯୋଗୁଁ କମ୍ ହୋଇଥାଏ । ଏହାସହ ମୌସୁମୀ ବାୟୁ ପ୍ରବାହ ହେତୁ ବାୟୁମଣ୍ଡଳ ଅସ୍ଥିର ହୋଇଥାଏ । ଯାହାକି ବାତ୍ୟା ପାଇଁ ଅନୁକୂଳ ହୋଇ ନ ଥାଏ । ତେବେ ମୌସୁମୀ ପ୍ରତ୍ୟାବର୍ତ୍ତନ ସମୟରେ ମୌସୁମୀ ଟ୍ରଫ୍ ବଙ୍ଗୋପସାଗରକୁ ଲମ୍ବିଥିଲେ, ଏହା ବାତ୍ୟା ପାଇଁ ଅନୁକୂଳ ହୋଇଥାଏ । ଓଡ଼ିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ଆହୁରି ପ୍ରାୟ ମାସେ ସମୟ ଅଛି । ମାତ୍ର ବଙ୍ଗୋପସାଗର ଓ ବାତ୍ୟାକୁ ପ୍ରଭାବିତ କରୁଥିବା କାରକଗୁଡ଼ିକୁ ଦେଖିଲେ, ଅକ୍ଟୋବର-ନଭେମ୍ବର ମଧ୍ୟରେ ବଙ୍ଗୋପସାଗରରେ ବାତ୍ୟା ହେବାର ୭୦ ପ୍ରତିଶତରୁ ଅଧିକ ରହିଛି ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି । ମାତ୍ର, ସେପ୍ଟେମ୍ବର ଶେଷ ବେଳକୁ ଏନେଇ କରାଯାଉଥିବା ଆକଳନରେ ଅଧିକ ସ୍ପଷ୍ଟତା ଆସିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି ।

ଅନ୍ୟପଟେ, ରାଜ୍ୟରେ ଜାରି ରହିଥିବା ବର୍ଷାର ପ୍ରଭାବ ଧୀରେଧୀରେ ହ୍ରାସ ପାଇବ । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶାଠାରୁ ଦୂରକୁ ଯିବା ସହ ରାଜ୍ୟ ଉପରେ ଏହାର ପ୍ରଭାବ କମିବ । ମାତ୍ର ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି ।

### ପୁଲିସ-ତହସିଲ-ଖଣି...

ଫଳରେ ବାଲି, ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ସରକାରୀ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟିକୁ ହ୍ରାସ ପାଇଥିବା ଜଣାପଡ଼ିଛି ।

ଗତ ମାର୍ଚ୍ଚ ମାସରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ବାଲି, ପଥର ଚୋରା ଚାଲାଣ ବିରୋଧରେ ଚଢ଼ଉ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପ୍ରତ୍ୟେକ ଜିଲ୍ଲାକୁ ସେମାନଙ୍କ ବର୍ତ୍ତମାନର ଉତ୍ସର ୧୫୦ ଗୁଣ ନୂଆ ଉତ୍ସ ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ । ମାତ୍ର ରାଜ୍ୟବ୍ୟାପୀ ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଜିଲ୍ଲାପାଳ, ଏସପିମାନେ ଯେ ମୁଖ୍ୟ ସଚିବଙ୍କ ପରାମର୍ଶକୁ ସଠିକ୍ ଭାବେ ଅନୁପାଳନ କରୁନାହାନ୍ତି, ତାହା ଜଳଜଳ ଦିଶୁଛି । ତେଣୁ ତୁରନ୍ତ ରାଜ୍ୟ ସରକାର ଏନେଇ ନିଜର ଆଭିମୁଖ୍ୟକୁ କଡ଼ାକଡ଼ି କରିବା ଆବଶ୍ୟକ । ବାଲି, ପଥର ଚୋରାଚାଲାଣକୁ ସରକାର ରୋକିବା ଆବଶ୍ୟକ ବୋଲି ବୁଦ୍ଧିଜୀବି ମହଲରେ ଦାବି ହେଉଛି । ସାଂସଦ ଶ୍ରୀ ଷଡ଼ଙ୍ଗୀ କେବଳ ବାଲେଶ୍ୱରକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ମାତ୍ର ଅନ୍ୟାନ୍ୟ ଏହା କେବଳ ବାଲେଶ୍ୱରର ଚିତ୍ର ନୁହେଁ । ସମ୍ପୂର୍ଣ୍ଣ ଓଡ଼ିଶାରେ ବାଲି, ପଥର ଚୋରି ଏବେ ସାଂଘାତିକ ସ୍ଥିତିରେ ପହଞ୍ଚିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

### ଲକ୍ଷ୍ନୌ ବିମାନବନ୍ଦରରେ...

ବିମାନରେ ସମସ୍ତ ଯାତ୍ରୀଙ୍କୁ ଦିଲ୍ଲୀ ପଠାଯାଇଥିଲା । ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହି ଘଟଣାର ରିପୋର୍ଟ ମାଗିଛି । ବୈଷୟିକ ତ୍ରୁଟି ଯୋଗୁଁ ବିମାନକୁ ଟେକଅଫ୍ କରିବା ପୂର୍ବରୁ ରୋକିବାକୁ ପଡ଼ିଲା ବୋଲି ଇଣ୍ଡିଗୋ ତରଫରୁ କୁହାଯାଇଛି । କମ୍ପାନୀ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛି । ତେବେ ବିମାନକୁ କ'ଣ ପାଇଁ ରୋକା ଗଲ ସେ ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ ।

### ସ୍ତ୍ରୀ ଆଗରେ ଚାଲିଗଲେ...

ଛକ ଓଭରବ୍ରିଜ୍ ନିକଟରେ ଏକ ଲୁହାବୋଝେଇ ଟ୍ରେଲର୍ ତାଙ୍କୁ ଧକ୍କା ଦେଇଥିଲା । ଏଥିରେ ସୁରେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ ।

ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଓଭରବ୍ରିଜ୍ ପାଇଁ ବାରମ୍ବାର ଦୁର୍ଘଟଣାରେ ଜୀବନ ଯାଉଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଝାରପୋଖରିଆ ଅଞ୍ଚଳବାସୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଫଳରେ ଶହଶହ ଯାନବାହନ ଚଳାଚଳ ଅଟକି ରହିଥିଲା । ଖବର ପାଇ ଝାରପୋଖରିଆ ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ । ପ୍ରତିଦିନ ଦୁଇଜଣ ହୋମ୍‌ଗାର୍ଡଙ୍କୁ ଓଭରବ୍ରିଜ୍ ତଳେ ଡ୍ୟୁଟି କରିବା, ମୁଖ୍ୟ ରାସ୍ତା ଉପରେ ବାରିକେଡ୍ ଦେବା ଏବଂ ହମ୍ପସ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ସାରସକଣା ଅତିରିକ୍ତ ତହସିଲଦାର ରେଡକ୍ରସ୍ ପକ୍ଷରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଝାରପୋଖରିଆ ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲା । ଅପରପକ୍ଷେ, ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୁଲିସ୍ ଅଟକ ରଖି ତଦନ୍ତ ଚଳାଇଛି ।

### ଦୁର୍ଘଟଣାରେ ୨...

ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା । ବାରବାଙ୍କ ଘାଟି ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ରୁଗୁଡ଼ି ପୁଲିସ ଶବଦ୍ୱୟକୁ ଜବତ କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏନେଇ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ବୀମାରେ ୧୦୦%...

ହୋଇଥାଏ । ଏ ପର୍ଯ୍ୟନ୍ତ, ଭାରତର ବୀମା କ୍ଷେତ୍ର ଏଫ୍‌ଡିଆଇ ମାଧ୍ୟମରେ ୮୨,୦୦୦ କୋଟି ଟଙ୍କା ଆକର୍ଷିତ କରିଛି । ଅର୍ଥ ମନ୍ତ୍ରଣାଳୟ ବୀମା ଆଇନ ୧୯୩୮ ର ବିଭିନ୍ନ ବ୍ୟବସ୍ଥାରେ ସଂଶୋଧନ ପ୍ରସ୍ତାବ ଦେଇଛି, ଯେଉଁଥିରେ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ନିବେଶକୁ ୧୦୦%କୁ ବୃଦ୍ଧି କରିବା, ଦେୟପ୍ରାପ୍ତ ପୁଞ୍ଜି ହ୍ରାସ କରିବା ଏବଂ ଏକ ମିଶ୍ରିତ ଲାଇସେନ୍ସ ପାଇଁ ବ୍ୟବସ୍ଥା ଅନ୍ତର୍ଭୁକ୍ତ । ପ୍ରସ୍ତାବିତ ସଂଶୋଧନଗୁଡ଼ିକ ମୁଖ୍ୟତଃ ପଲିସିଧାରକଙ୍କ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା, ସେମାନଙ୍କର ଆର୍ଥିକ ସୁରକ୍ଷା ବୃଦ୍ଧି କରିବା ଏବଂ ବୀମା ବଜାରରେ ଅଧିକ କମ୍ପାନୀଗୁଡ଼ିକର ପ୍ରବେଶକୁ ସହଜ କରିବା ଉପରେ କେନ୍ଦ୍ରିତ । ଏହି ପଦକ୍ଷେପ ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି କରିବ ବୋଲି ସରକାରଙ୍କ ଆଶା । ବର୍ତ୍ତମାନ, ଭାରତରେ ୨୫ଟି ଜୀବନ ବୀମା କମ୍ପାନୀ ଏବଂ ୩୪ଟି ଅଣ-ଜୀବନ କିମ୍ବା ସାଧାରଣ ବୀମା କମ୍ପାନୀ କାର୍ଯ୍ୟରତ ।

### ଭଗବାନଙ୍କ ଭରସାରେ...

ହୋଇଛି ।। ଏହି ଥାନାପାଇଁ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ସାଢେ ୩ କୋଟି ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୧କୋଟି ୭୫ଲକ୍ଷ ଟଙ୍କାର ଦେଇଛନ୍ତି । ଏହାବ୍ୟତୀତ ଏହି ଥାନାଗୁଡ଼ିକ ପାଇଁ ୩୬ଟି ଦୁଇ ଚକିଆ, ୧୮ଟି ଚାରିଚକିଆ ଓ ୧୫ଟି ଛୋଟ ଏବଂ ବଡ ବୋଟ୍, ନାଇଟ୍ ଭିଜନ ଡିଭାଇସ୍, ଡିଜିଟାଲ କ୍ୟାମେରା, ଏଲ୍‌ଇଡି ସର୍ଚ୍ଚ ଲାଇଟ୍ ସହିତ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ସାଜ ସରଞ୍ଜାମ ପ୍ରଦାନ କରିଛନ୍ତି । ମାତ୍ର ଏହି ଥାନାଗୁଡ଼ିକର କର୍ମଚାରୀ ସ୍ଥିତି ଦେଖିଲେ ମିଳିଥିବା ଗାଡ଼ି ଚଳାଇବାକୁ ଲୋକ ନାହାନ୍ତି । ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ୧୮ଟି ଇନ୍ସପେକ୍ଟର ପଦବୀ ମଧ୍ୟରୁ ୩ଟି ଖାଲି ପଡିଥିବାବେଳେ ୫୪ ସବଇନ୍ସପେକ୍ଟରଙ୍କ ସ୍ଥାନରେ କାର୍ଯ୍ୟ କରୁଥିଲେ ମାତ୍ର ୯ । ଅନୁରୂପ ଭାବରେ ୫୪ ଏଏସ୍‌ଆଇ ପଦବୀରୁ ୨୬ ଓ ୧୪୪ ହାବିଲଦାର ପଦରୁ ମାତ୍ର ୧୬ଟି ପୂରଣ ହୋଇ ପାରିଥିଲା । ୧୮ଟି ଥାନା ପାଇଁ ୪୩୨ କନଷ୍ଟେବଲ ପଦ ଥିବାବେଳେ ଏଠି ମାତ୍ର କାର୍ଯ୍ୟ କରୁଛନ୍ତି ୧୧୩ । ସେହିପରି ୩୬ଡ୍ରାଇଭର ପଦରୁ ନିଯୁକ୍ତି ପାଇଛନ୍ତି ମାତ୍ର ୫ । ବୈଷୟିକ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ଅନୁରୂପ । ୨୮୦ କର୍ମଚାରୀଙ୍କ ସ୍ଥାନରେ କାର୍ଯ୍ୟ କରୁଛନ୍ତି ୯୦ ଜଣ । ଏହି ପରିପ୍ରେକ୍ଷୀରେ କର୍ମଚାରୀ ସଙ୍କଟ ଯୋଗୁଁ ଥାନାଗୁଡିକ ଏକ ପ୍ରକାର ପଙ୍ଗୁ ପାଲଟି ଯାଇଛି ଏବଂ ଉପକୂଳରେ ପଇଁତରା ମାରିବା ତ ଦୂରରକଥା ଥାନା ଆଖପାଖକୁ ସୁରକ୍ଷିତ ରଖିବା ଆହ୍ୱାନ ପାଲଟିଛି ।

ପାକିସ୍ତାନ ବିରୁଦ୍ଧରେ ଅପରେସନ ସିନ୍ଦୂର ଓ ବାଂଲାଦେଶ ସହ ଭାରତର ସମ୍ପର୍କ ଖରାପ ହେବା ପରେ ଉପକୂଳ ସୁରକ୍ଷା ଉପରେ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଯେଉଁଥିପାଇଁ ରାଜ୍ୟରେ ବାଂଲା ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ମାତ୍ର ରାଜ୍ୟ ପୁଲିସ ସମ୍ଭବତଃ ଏପରି ସ୍ପର୍ଶକାତର ଘଟଣାକୁ ଗୁରୁତ୍ୱ ଦେଉ ନାହିଁ । ଉପକୂଳ ସୁରକ୍ଷା ପାଇଁ ଆସିଥିବା ଡ୍ରୋନ୍‌କୁ ମାଓବାଦୀଙ୍କୁ ଠାବ ନିମନ୍ତେ ନିୟୋଜନ କରାଯାଇଛି । ଫଳରେ ବାଂଲାଦେଶୀ ଅପରାଧୀମାନେ ଏଠାରେ ଅପରାଧ ଘଟାଇ ପୁଣି ଜଳପଥ ଦେଇ ନିଜ ଦେଶକୁ ଫେରିଯାଉଛନ୍ତି । ତେଣୁ ଉପକୂଳ ସୁରକ୍ଷା ନିହାତି ଆବଶ୍ୟକ ହେଉଥିବା ବେଳେ ଓଡ଼ିଶା ପୁଲିସ ଭଗବାନଙ୍କ ଉପରେ ଛାଡ଼ି ଦେଇଥିବା ଅନେକ ଅଭିଯୋଗ କରିଛନ୍ତି ।

---

**୩୧ତମ ପୁଣ୍ୟ ତିଥି ଅବସରରେ**

# ଚିର ନମସ୍ୟ- ଧନେଶ୍ୱର ରଥ

**ଡାକ୍ତର ରବି ରଂଜନ ସାହୁ**

ସ୍ୱର୍ଗୀୟ ଧନେଶ୍ୱର ରଥ ଆମର ଚିର ନମସ୍ୟ । କଟକ ଜିଲ୍ଲା ଟାଙ୍ଗି ବ୍ଲକର କଏରାପାରି ଏକ ଅଜଣା ଅଶୁଣା ଗ୍ରାମରେ ସେ ୧୯୧୬ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଥିଲେ କପିଳ ରଥ ଓ ମାତା ସାଧବୀ ଦେବୀ । ପିଲାଦିନୁ ସେ ପରିବାରରୁ ସଂସ୍କାର ଲାଭ କଲେ । କପିଳଙ୍କ ପରିବାରର ଶେଷ ସନ୍ତାନ ହୋଇଥିବାରୁ ବାପା ମାଆ ତଥା ବଡ଼ ଭାଇ ଭଉଣୀମାନଙ୍କ ସ୍ନେହ ଶ୍ରଦ୍ଧା ତାଙ୍କ ଉପରେ ଅଜାଡ଼ି ହୋଇ ପଡୁଥିଲା । ସମସ୍ତଙ୍କର ଆଶା ଓ ଭରଷାକୁ ନେଇ ଧନେଶ୍ୱର ବାଲ୍ୟ ଜୀବନ ଆରମ୍ଭ କଲେ । ଅଧ୍ୟୟନ ଓ ଅଧ୍ୟବସାୟ ବଳରେ ଧନେଶ୍ୱର ଜୀବନର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରିଥିଲେ । ଜୀବନ ଧାରଣ ପାଇଁ, ଜୀବନ ପଥରେ ଅଗ୍ରସର ହେବା ପାଇଁ ସେ ପିଲାଦିନୁ ବହୁ କଷ୍ଟ ସ୍ୱୀକାର କରିଥିଲେ । ମାତ୍ର ଜୀବନର ଲକ୍ଷ୍ୟ ଭୁଲି ନଥିଲେ ।

୧୯୩୮ ମସିହାରେ ଧନେଶ୍ୱର ରଥ କଟକ ଖ୍ରୀଷ୍ଟ କଲିଜିଏଟ ସ୍କୁଲରୁ ମାଟ୍ରିକ୍ ପାସ କଲେ ଏବଂ ଟାଇପ୍ ରାଇଟିଂ ଶିକ୍ଷା ଲାଭ କରି ଅବକାରୀ କମିଶନଙ୍କ ଅଫିସ୍‌ରେ ଜଣେ ଟାଇପିଷ୍ଟ ଭାବେ ଚାକିରୀ ଜୀବନ ଆରମ୍ଭ କଲେ । ଅଧିକ ପାଠ ପଢ଼ିବା ପାଇଁ ଓ ବଡ଼ ଅଧିକାରୀ ହେବା ପାଇଁ ତାଙ୍କର ଇଚ୍ଛା ଥିଲା । ମାତ୍ର ତାଙ୍କ ଗ୍ରାମ ନିକଟରେ କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନ ନଥିବାରୁ ସେ ଉଚ୍ଚଶିକ୍ଷା ହାସଲ କରିପାରି ନଥିଲେ । ସେହିପରି ପରିବାରର ଆର୍ଥିକ ସମସ୍ୟା ମଧ୍ୟ ତାଙ୍କ ପାଇଁ ବାଧା ସୃଷ୍ଟି କରିଥିଲା । ସେ ସେକ୍ସନ ଅଫିସର ଭାବେ ସରକାରୀ କାମରୁ ଅବସର ନେଇଥିଲେ । ତା'ପରେ ଶିକ୍ଷକତା ଆରମ୍ଭ କରି ଗ୍ରାମାଞ୍ଚଳରେ ଶିକ୍ଷା ସମସ୍ୟାର ସମାଧାନ ପାଇଁ ସେ ଟାଙ୍ଗୀରେ ହାଇସ୍କୁଲ ପ୍ରତିଷ୍ଠା କରି ତା'ର ଉନ୍ନତି ପାଇଁ ଆପଣାକୁ ନିୟୋଜିତ କରିଥିଲେ ।

ଧନେଶ୍ୱର ରଥ ଜଣେ କର୍ମଯୋଗୀ ଭାବେ ପରିଚିତ । ଆଧ୍ୟାତ୍ମିକ ଦୃଷ୍ଟି ତାଙ୍କୁ ସେବକ ହେବାକୁ ପ୍ରେରିତ କରିଥିଲା । ଉଭୟ ସଂସ୍କୃତ ଓ ଇଂରାଜୀ ଭାଷାରେ ବିଦ୍ୱାନ ଥିଲେ ଧନେଶ୍ୱର ରଥ । ପିଲାଦିନରୁ ଦେଶପ୍ରେମ ସାହିତ୍ୟ ପଢ଼ିବାର ସୁଯୋଗ ପାଇଥିଲେ । ବିଶେଷ କରି ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ କଥା, ତାଙ୍କ ନୀତି ଓ ଆଦର୍ଶ ତାଙ୍କୁ ଦେଶସେବା ପାଇଁ ଉତ୍ସାହିତ କରିଥିଲା । ଗାନ୍ଧିଜୀ କହୁଥିଲେ ଭାରତର ଆତ୍ମା ଗାଁରେ ରହିଛି । ଗାନ୍ଧିଜୀଙ୍କର ଏହି ବାର୍ତ୍ତା ଧନେଶ୍ୱରଙ୍କୁ ପ୍ରଭାବିତ କରିଥିଲା ଓ ସେ ଗାଁର ଉନ୍ନତି ସହିତ ଦେଶର ବିକାଶ ସମ୍ଭବ ବୋଲି ଭାବିଥିଲେ । ଏହି କାରଣରୁ ସେ ଗ୍ରାମାଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଜଣେ ଶିକ୍ଷକ ଭାବରେ ଶିକ୍ଷାର ବିକାଶ ଓ ତାହା ଯେପରି ସମସ୍ତଙ୍କ ପାଖରେ ପହଞ୍ଚି ପାରିବ, ଅର୍ଥାତ୍ ତାଙ୍କ ଗାଁ ବା ଦେଶରେ କେହି ଅଶିକ୍ଷିତ ରହିବେ ନାହିଁ, ଏଥିପାଇଁ ଧନେଶ୍ୱର ରଥ ଆଜୀବନ ଉଦ୍ୟମ କଲେ । ତାହାହିଁ ଥିଲା ଜଣେ ଶିକ୍ଷକର କର୍ମ ଓ ଧର୍ମ । ଜଣେ କର୍ମଯୋଗୀ ସେବକ ଯେପରି ଆପଣା କର୍ମ ମାଧ୍ୟମରେ ଅନ୍ୟର ଓ ସମାଜ ତଥା ଦେଶର ଉପକାର କରିପାରେ ଓ ସେବା କରିପାରେ ତାହା ଧନେଶ୍ୱର ରଥଙ୍କ ଜୀବନରେ ପ୍ରତିଫଳିତ ହୋଇଥିଲା । ମାଆଙ୍କ ପ୍ରେରଣାରୁ ଓ ପରିବାରର ସଂସ୍କାରରୁ ସେ ଆପଣା ଆଧ୍ୟାତ୍ମିକ ଦୃଷ୍ଟିକୁ ପ୍ରସାରିତ କରିଥିଲେ । ବିଭୁପ୍ରେମରେ ଲୀନ ରହି ଜଣେ ଈଶ୍ୱରଙ୍କ ସେବକ ହେବାକୁ ଉତ୍ସାହିତ ହୋଇଥିଲେ । ଆଧ୍ୟାତ୍ମିକତାର ଜ୍ଞାନ ତାଙ୍କୁ ଶ୍ରୀମଦ୍ ଭଗବତ ଗୀତାରୁ ମିଳୁଥିଲା । ସେ ବୁଝିଥିଲେ ଯେ ଗୀତା ମଣିଷ ଜୀବନର ମାର୍ଗଦର୍ଶିକା । ଗୀତା ମାନବ ଜୀବନକୁ ପରିମାର୍ଜିତ, ଶୃଙ୍ଖଳିତ ଓ ପରମ ଶକ୍ତିର ସନ୍ଧାନରେ ଆଗେଇ ନେବା ଦିଗରେ ଏକ ପଥ ପ୍ରଦର୍ଶକ ଭାବେ କାମ କରିଥାଏ । ସେ ଶ୍ରୀମଦ୍ ଭଗବତ ଗୀତାର ବାଣୀକୁ ଗ୍ରହଣ କରି ତା'ର ମାର୍ଗଦର୍ଶନକୁ ଆପଣାଇ ତାଙ୍କ ଜୀବନକୁ ଏକ ସାର୍ଥକ ଜୀବନରେ ପରିଣତ କରିଯାଇଛନ୍ତି ।



ସେବା ଧର୍ମରେ ସେ ଦୀକ୍ଷିତ ହୋଇଥିଲେ । ସମାଜର ବିକାଶ, ତଳେ ପଡ଼ିଥିବା ମଣିଷର ଉନ୍ନତି ଥିଲା ତାଙ୍କର ଲକ୍ଷ୍ୟ । ସେହି ନମସ୍ୟ ପୁରୁଷ ଯାହାଙ୍କ ତ୍ୟାଗ ଓ ସେବା ବଳରେ, ଶ୍ରଦ୍ଧା ଓ ପୁଣ୍ୟ କାରଣରୁ ଓଡ଼ିଶା ପରି ଏକ ଦରିଦ୍ର୍ୟ ରାଜ୍ୟରେ ବୈଷୟିକ ଶିକ୍ଷାର ଉନ୍ନତି ହୋଇଛି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ସମ୍ଭବ ହୋଇପାରିଛି । ଓଡ଼ିଶାରେ ଅନେକ ମହାପୁରୁଷ ଶିକ୍ଷାରେ ସଂସ୍କାର କରିଛନ୍ତି । ସେମାନଙ୍କ ମଧ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପୁଣ୍ୟଶ୍ଳୋକ ଗୋପବନ୍ଧୁ ଚୌଧୁରୀ ଅନ୍ୟତମ । ସେହିପରି ଧନେଶ୍ୱର ରଥ ମଧ୍ୟ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସ୍ୱପ୍ନ ଦେଖିଥିଲେ, ଯେଉଁ କାରଣରୁ ତାଙ୍କର ସୁଯୋଗ୍ୟ ସନ୍ତାନମାନେ ପ୍ରତିଷ୍ଠା କରିଛନ୍ତି ଉନ୍ନତ ବୈଷୟିକ ଶିକ୍ଷାନୁଷ୍ଠାନ । ପିତାଙ୍କ ନାମରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ 'ଡ୍ରିମ୍‌ସ' ରାଜ୍ୟର ଏକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି । ସେହିପରି ଆମ ରାଜ୍ୟର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଦିନ ଧନେଶ୍ୱର ରଥ ସ୍ୱପ୍ନ ଦେଖିଥିଲେ । ତାଙ୍କର ସେହି ସ୍ୱପ୍ନକୁ ସାକାର କରାଯାଇଛି ଓ ଗଢ଼ିଉଠିଛି ଏକ ଜନ୍ନତ ଡାକ୍ତରଖାନା "ପଦ୍ମିନୀ କେୟାର ହସ୍ପିଟାଲ" । ଡ୍ରିମ୍‌ସ ଓ ପଦ୍ମିନୀ କେୟାର ହସ୍ପିଟାଲ ଏହି ଦୁଇଟି ଅନୁଷ୍ଠାନମାନ ସେବାରେ ସମର୍ପିତ । ଜୀବନରେ ଶିକ୍ଷା ଓ ସ୍ୱାସ୍ଥ୍ୟ ହିଁ ପ୍ରକୃତ ଧନ । ଏହା ଧନେଶ୍ୱର ରଥ ବୁଝିଥିଲେ ଓ ତାଙ୍କ ସନ୍ତାନମାନେ ମଧ୍ୟ ଏହାକୁ ଠିକ୍ ଭାବରେ ହୃଦୟଙ୍ଗମ କରି ସେହି କାମରେ ଲାଗିଛନ୍ତି । ସେମାନଙ୍କ ପ୍ରୟାସରୁ ଧନେଶ୍ୱର ରଥଙ୍କର ଆଶା ପୂରଣ ହୋଇପାରିଛି ।

ଏପରି ଜଣେ ସେବକ, କର୍ମଯୋଗୀଙ୍କର ପରଲୋକ ୧୯୯୪ ମସିହାରେ ହେଲା । ତାଙ୍କ କର୍ମମୟ ଜୀବନର ଯାତ୍ରା ଶେଷ ହୋଇଯାଇଥିଲେ ମଧ୍ୟ ସେହି କର୍ମର ପ୍ରେରଣା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିଅଛି ଓ ଧନେଶ୍ୱରଙ୍କ କର୍ମଯୋଗ ଜାରି ରହିଛି । ଅନେକ ବ୍ୟକ୍ତି ଜୀବନ ଧାରଣ କରି ଭୋଗ ବିଳାସରେ ଜୀବନ ଅତିବାହିତ କରି ଶେଷରେ ଏ ଦୁନିଆରୁ ବିଦାୟ ନେଇଛନ୍ତି । ମାତ୍ର ସେମାନଙ୍କ ମଧ୍ୟରେ ଧନେଶ୍ୱର ରଥ ଏକ ବ୍ୟତିକ୍ରମ । ସେ ତାଙ୍କ ଜୀବନକୁ ଚାହିଁଥିଲେ ଭୋଗ ବିଳାସରେ ରଖିପାରିଥାନ୍ତେ, ଆପଣାକୁ ସମୃଦ୍ଧ ଓ ସମ୍ପନ୍ନ କରିପାରିଥାନ୍ତେ. ମାତ୍ର ତାଙ୍କ ସଂସ୍କାର ଓ ଶିକ୍ଷା ତାଙ୍କୁ ସେ ଦିଗରେ ବାଧା ଦେଇଛି । ସେ ଅନ୍ୟମାନଙ୍କ ପାଇଁ ଆପଣାକୁ ସମର୍ପଣ କରିଯାଇଛନ୍ତି । ସେହି ପୁଣ୍ୟସ୍ମୃତିଙ୍କୁ ସ୍ମରଣ କରିବା ଆମର କର୍ତ୍ତବ୍ୟ ଓ ତାଙ୍କ ସେବାମୟ ଚିନ୍ତା ଚେତନାକୁ ଆଗକୁ ନେବା ଆମର ଧର୍ମ । ■

ଚାନ୍ଦିନୀଚୌକ, କଟକ-୨

---

**ଓଏଚ୍‌ଆର୍‌ସିଙ୍କ ତାଗିଦ ପରେ ବିଭାଗ ତତ୍ପର**

## ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୯ (ସମିସ): ମାନବାଧିକାର କମିଶନ୍‌ଙ୍କ ନୋଟିସ୍ ପରେ ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ବେଆଇନ ଏବଂ ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକଙ୍କ ତରଫରୁ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ପିଟିସନ ହୋଇଥିଲା । ଯାହାର ଶୁଣାଣି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ ନୋଟିସ୍ ଜାରି କରିଥିଲେ । ଏହାକୁ ଭିତ୍ତି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ଚାଲୁଥିବା ଅଣସ୍ୱୀକୃତିପ୍ରାପ୍ତ ସ୍କୁଲ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେପ୍ଟେମ୍ବର ୧୫ ତାରିଖ ଭିତରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି ।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଓଡ଼ିଶା ଶିକ୍ଷା ଆଇନ୍ ଏବଂ ଶିକ୍ଷା ଅଧିକାର ଆଇନ୍-୨୦୦୯ ନୀୟମାବଳିକୁ ଉଲ୍ଲଂଘନ କରି ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଅଣସ୍ୱୀକୃତିପ୍ରାପ୍ତ ବେସରକାରୀ ବିଦ୍ୟାଳୟ ଚାଲୁଛି । ଫଳରେ ସେଠାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ନିରାପତ୍ତା, ସୁରକ୍ଷା ଏବଂ ଭବିଷ୍ୟତ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି । ଏହିସବୁ ବିଦ୍ୟାଳୟଠାରୁ ଲକ୍ଷାଧିକ ଟଙ୍କା ଜୋରିମାନା ଆଦାୟ କରିବା ପାଇଁ ମଧ୍ୟ ଆଇନରେ ବ୍ୟବସ୍ଥା ଅଛି । ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ୨୦୧୮ ମସିହାରୁ କ୍ରମାଗତ ଭାବରେ ବାରମ୍ବାର ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ଚିଠି ମାଧ୍ୟମରେ ଏହି ବିଦ୍ୟାଳୟ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ୍ କରାଯିବା ସତ୍ତ୍ୱେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା । ବରଂ ଜିଲ୍ଲା ଶିକ୍ଷାଧିକାରୀମାନଙ୍କ ପୃଷ୍ଠପୋଷକତାରେ ଏହି ସ୍କୁଲ୍ ସବୁ ଚାଲୁଥିଲା । ଏ ସମ୍ବନ୍ଧରେ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ତରଫରୁ ନିର୍ଦ୍ଦେଶକ ଏବଂ ଶିକ୍ଷା ସଚିବଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗ ତରଫରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିଲା । ଫଳରେ ବାଧ୍ୟ ହୋଇ ସଭାପତି ପଟ୍ଟନାୟକ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ଯାହାର ପ୍ରାଥମିକ ଶୁଣାଣି କରି ଅଗଷ୍ଟ ୧ ତାରିଖରେ ନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରି ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ପକ୍ଷ ରଖିବାକୁ ନୋଟିସ୍ ଜାରି କରିଥିଲେ ।

---

## ୨୦ରେ ବିଧାନସଭା ଘେରିବେ ଶିକ୍ଷକ

ଭୁବନେଶ୍ୱର, ୧୪।୯ (ସମିସ): ଶିକ୍ଷା ଅଧିକାର ଆଇନକୁ ରାଜ୍ୟରେ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ । ଶିକ୍ଷାଦାନ ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ । ଲକ୍ଷାଧିକ ଶିକ୍ଷକ ପଦ ଖାଲି ପଡ଼ିଛି । ଠିକା, ଚୁକ୍ତି ବା ସ୍କିମ୍‌ରେ ଉଚ୍ଚଶିକ୍ଷିତ ଯୁବକଯୁବତୀଙ୍କୁ ନିଯୁକ୍ତ କରି ଶୋଷଣ କରୁଛନ୍ତି । ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ପୂରଣ ହେଉନାହିଁ । ଅନୁରୂପ ଭାବେ ଶିକ୍ଷକଙ୍କ ଏକାଧିକ ଦାବିକୁ ମଧ୍ୟ ଦୀର୍ଘ ଦିନ ଧରି ସରକାର ଅଣଦେଖା କରୁଛନ୍ତି । ବାରମ୍ବାର ଆଲୋଚନା କରୁଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ବାହାର କରୁନାହାନ୍ତି । ଏଣୁ, ଆସନ୍ତା ୨୦ ତାରିଖରେ ବିଧାନସଭା ଘେରାଉ କରିବା ପାଇଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ନିଷ୍ପତ୍ତି ନେଇଛି ।




ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ ୨୦୧୧ ପରେ ଶିକ୍ଷକତା ପାଇଁ ଓଟିଇଟି ପରୀକ୍ଷା ବାଧ୍ୟତାମୂଳକ କରିବାକୁ ୨୦୧୯ ମସିହାରେ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଏହାର ପ୍ରାୟ ୧୫ ବର୍ଷ ପରେ, ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପାଇଁ ମଧ୍ୟ ଓଟିଇଟି ବାଧ୍ୟତାମୂଳକ କରିବା ନିନ୍ଦନୀୟ । ଏହାକୁ ଆଳ କରି ୪ବର୍ଷ ହେଲା ପଦୋନ୍ନତି ଦିଆଯାଉନାହିଁ । ସେହିପରି, ୨୨ଟି ରାଜ୍ୟରେ କେନ୍ଦ୍ରୀୟ ଢାଞ୍ଚାରେ ଦରମା ୪୨୦୦ ଗ୍ରେଡ୍ ପେ', ଚାକିରି ସର୍ତ୍ତାବଳୀ, ଗ୍ରାଚ୍ୟୁଇଟି ପ୍ରଦାନ କରାଯାଉଥିବା ବେଳେ ରାଜ୍ୟର ଶିକ୍ଷକଙ୍କୁ ୨୨୦୦ ଗ୍ରେଡ୍-ପେ' ଦିଆଯାଉଛି ।

ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ଉଚ୍ଛେଦ ପାଇଁ ଘୋଷଣା ହୋଇଥିଲେ ମଧ୍ୟ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ଏଣୁ, ତୁରନ୍ତ ସ୍କିମାଟିକ୍ ଉଚ୍ଛେଦ ସହ କେନ୍ଦ୍ରୀୟ ହାରରେ ଦରମା, ୬ ବର୍ଷର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା, ସ୍ୱାସ୍ଥ୍ୟବୀମା ଓ ପୁରୁଣା ପେନସନ୍ ପରି ପ୍ରମୁଖ ଦାବିକୁ ସରକାର ଗୁରୁଦିବସରେ ପୂରଣ କରିବେ ବୋଲି ସଂଘ ଆଶା ରଖିଥିଲା । ହେଲେ ସରକାର କୌଣସି ପଦକ୍ଷେପ ନେଇ ନଥିବାରୁ ଆସନ୍ତା ୨୦ତାରିଖରେ ବିଧାସଭା ଘେରିବେ ବୋଲି ଶ୍ରମିକ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତିଙ୍କ ସମେତ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ସୁଧାଂଶୁ ମଣ୍ଡଳ, ଟୁଲୁ ଦେଇ, ଚିନ୍ତାମଣି ପାଢୀ, ଅଗାଧୁ ସେଠୀ, କେଶବ ଚନ୍ଦ୍ର ଦଳାଇ, ଗୋପାଳ ସେନ, ମୁକ୍ତିରାମ ପାଣିଗ୍ରାହୀ, ବିପିନ ବିହାରୀ ପାତ୍ର, ବିରୂପାକ୍ଷ ସେଠୀଙ୍କ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

---

## ବାପାଙ୍କ ଶବ ନେଇ ଆସୁଥିବା ପୁଅ ଦୁର୍ଘଟଣାରେ ମୃତ



ଠାକୁରମୁଣ୍ଡା, ୧୪।୯ (ସମିସ): କଟକରୁ ବାପାଙ୍କ ମୃତଦେହ ଆମ୍ବୁଲାନ୍ସରେ ନେଇ ଫେରୁଥିବା ବେଳେ ବାଟରେ ଦୁର୍ଘଟଣା ନେଇଗଲା ପୁଅର ଜୀବନ । ମୃତ ଯୁବକ ହେଲେ, ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ମିଟୁଆଣି ଗ୍ରାମର ଶୁଭ ପ୍ରକାଶ ନାୟକ । ଦିନକରେ ବାପା-ପୁଅଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି । ସୂଚନାନୁଯାୟୀ, ଶୁଭଙ୍କ ବାପା ଗୋପବନ୍ଧୁ ନାୟକ (୬୫)ଙ୍କ ଉଚ୍ଚ ରକ୍ତଚାପ ଥିଲା । ଏଥିଯୋଗୁଁ ପ୍ରାୟ ୩ ମାସ ତଳେ ସେ ଘର ସମ୍ମୁଖରେ ପଡ଼ି ଗୁରୁତର ହୋଇଥିଲେ । ଅଧିକ ଚିକିତ୍ସା ପାଇଁ କିଛି ଦିନ ତଳେ ଶୁଭ ତାଙ୍କୁ କଟକର ଏକ ମେଡିକାଲରେ ଭର୍ତ୍ତି କରାଇଥିଲେ । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୋପବନ୍ଧୁଙ୍କ ମୃତ୍ୟୁ ହୋଇଯାଇଥିଲା । ଆଜି ଶୁଭ ଏକ ଆମ୍ବୁଲାନ୍ସରେ ବାପାଙ୍କ ମୃତଦେହକୁ ଠାକୁରମୁଣ୍ଡା ଆଣୁଥିଲେ । ମଧ୍ୟାହ୍ନ ପ୍ରାୟ ୧୨ଟାରେ ପାଣିକୋଇଲି-ଯାଜପୁର ରୋଡ୍ ମଧ୍ୟରେ ଥିବା ମାଧପୁର ନିକଟରେ ଆମ୍ବୁଲାନ୍ସ ଅଟକିଥିଲା । ଶୁଭ ଆମ୍ବୁଲାନ୍ସରୁ ଓହ୍ଲାଇ ଏକ ଦୋକାନକୁ ପାଣି ଆଣିବାକୁ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ପିକଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଶୁଭଙ୍କୁ ପ୍ରଥମେ ଯାଜପୁର ରୋଡ୍ ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା । ହେଲେ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।


**AFFIDAVIT**

I VAISYARAJU SWAPNA, W/o- VAISYARAJU RAJESH, resident of Mill Sahi, Santoshi Nagar, Po./Ps.- Borigumma, Dist.- Koraput- 764056, Odisha declare by this Affidavit No. 3676, Dated 08/09/2025, that now onwards I shall be known as **VYSYARAJU SWAPNA** for all future purpose.

**AFFIDAVIT**

By virtue of an affidavit of sworn before the notary, Baripada, Mayurbhanj, dated 13.09.2025, I Sujit kumar Sahoo, Adress At - Baghra Road, Ward no 19, Po - Baripada, Ps- Baripada, Dist - Mayurbhanj, State - Odisha, Pin - 757001 declare that I have changed my name from Sujit Kumar Sahu to Sujit Kumar Sahoo. Henceforth, I shall be known as Sujit Kumar Sahoo for all purposes.

SUJIT KUMAR SAHOO

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ସହ-ଋଣଗ୍ରହୀତା ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।

| ଟିଟିଲାଗଡ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଲିଳାମୟ ସାହୁ, ପିତା: ଶ୍ରୀ କେଶରୀ ସାହୁ, ୨) ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: ଶ୍ରୀ କେଶରୀ ସାହୁ, ଉଭୟଙ୍କ ଠିକଣା- ଗ୍ରା.: କୁରୁସୁଡ, ପୋ.: କୁରୁସୁଡ, ସିନ୍ଧେକେଲା, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ | ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: କେଶରୀ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜାଗ୍ରାମ: | ୧୦.୦୬.୨୦୨୫ ସୁଦ୍ଧା ଟ.୧୪,୯୬,୦୪୧.୬୮ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୦.୦୬.୨୦୨୫ / ୦୯.୦୯.୨୦୨୫ |

କୁରୁସୁଡ, ତହସିଲ: ଟିଟିଲାଗଡ, ଥାନା: ସିନ୍ଧେକେଲା, ଥାନା ନଂ.: ୪୫, ପୋ.: କୁରୁସୁଡ, ସିଟିଏସ୍/ସର୍ଭେ ନଂ. /ଏଚ୍ଏନ୍ ନଂ.: ୨୭୫/୩୮୩, ପ୍ଲଟ୍ ନଂ.: ୯୮୬/୨୧୨୬, ପରିମିତ କ୍ଷେତ୍ର: ଏକର୦.୦୮ ୦ଡିସିମିଲି, କିସମ: ଘରବାରି ଏକ, ଏହାର ଚଉହଦୀରେ- ପୂର୍ବ: ଭୋଳାନାଥ ସାହୁଙ୍କ ଜମି, ପଶ୍ଚିମ: ଚେଲୁ ସାହୁଙ୍କ ଜମି, ଉତ୍ତର: କେଶରୀ ସାହୁଙ୍କ ଜମି, ଦକ୍ଷିଣ: ରାସ୍ତା, ସହିତ ପରିମିତ କ୍ଷେତ୍ର: ଏକର୦.୦୮ ୦ଡିସିମିଲିରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ (ସାଙ୍କେତିକ ଦଖଲ) ।

ତାରିଖ: ୧୪.୦୯.୨୦୨୫, ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

ସକାଳ
THE SAKALA



### ବିଭାଗୀୟ ଯନ୍ତ୍ରୀଙ୍କ ଦୂରଦୃଷ୍ଟି ଅଭାବ

# ବୈତରଣୀରେ ଲୀନହେବ ପାଟପୁର ପାଟ



## ଭାସିଗଲା ପଥର ପ୍ୟାକିଂ

**ବାରିକପୁର, ୧୪।୯ (ସମିସ)**

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ମାନଙ୍କ ଉପଯୁକ୍ତ ଜ୍ଞାନ କୌଶଳ ଅଭାବରୁ ସେଗୁଡିକ ନଷ୍ଟ ହେଉଛି। ଏପରିକି ନବ ନିର୍ମିତ କାର୍ଯ୍ୟଟି ଦିନ କେତଟା ପରେ ସମ୍ପୂର୍ଣ୍ଣ ଉଭେଇ ଯାଉଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକର ଚର୍ଚ୍ଚିତ କଣ୍ଟି ଏସକେପ ପାର୍ଶ୍ୱରେ ଚଳିତ ବର୍ଷ ପଥର ପ୍ୟାକିଂ କାର୍ଯ୍ୟ ଶେଷ ହୋଇଥିଲା। ଯାଜପୁର ଜଳସମ୍ପଦ ବିଭାଗ ପକ୍ଷରୁ ଏସକେପ ପ୍ରାଙ୍ଗଣ ପାଟପୁର ଗାଁ ସଂଲଗ୍ନ ପାଟ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ପଥର କାମ ହୋଇଥିଲା। ନିକଟସ୍ଥ ରଘୁନାଥପୁର ଗ୍ରାମର ଅପର ପାର୍ଶ୍ୱ ବୈତରଣୀ ନଦୀ ବାଙ୍କ ଠାରୁ ବିନ୍ଧାଣ ସୀମା ଯାଏଁ କୂଳ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପଥର ପ୍ୟାକିଂ ହୋଇଥିଲା। ଏହି କାମ ଗତ ବର୍ଷଠାରୁ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ଏପ୍ରିଲ୍ ମାସରେ ଶେଷ ହୋଇଥିଲା। ହେଲେ ପରିତାପର ବିଷୟ ବିଗତ ୨ମାସ ମଧ୍ୟରେ ବୈତରଣୀ ନଦୀରେ ଦୁଇ ୩ଟି କ୍ଷୁଦ୍ର ବନ୍ୟା ଆସିବା ପରେ କାମଟି ଏକପ୍ରକାର ନଷ୍ଟ ହୋଇଯାଇଛି। ପ୍ରାୟ ପଥର ପ୍ୟାକିଂ ନଦୀରେ ଭାସିଯାଇଛି। ଏପରିକି ପଥର ସହିତ ମାଟି ଧସି ଯାଇ କୂଳ ଖାଇଯାଇଛି। ସାମାନ୍ୟ ଧରଣର ବନ୍ୟା ଜଳକୁ ପ୍ରତିହତ କରିପାରିନାହିଁ ପଥର ପ୍ୟାକିଂ କାର୍ଯ୍ୟ। ବିଭାଗୀୟ ଯନ୍ତ୍ରୀଙ୍କ ଦୂରଦୃଷ୍ଟି ବିହୀନ ନୀତି ଯୋଗୁଁ ଏଭଳି ହୋଇଥିବା ଜଣା ଯାଇଛି। ତେଣୁ ପାଟ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ହୋଇଥିବା କାର୍ଯ୍ୟ ଏବେ ନଦୀରେ ଲୀନ ହୋଇଥିବା ବେଳେ ଏବେ ପାଳବାଡି ଜମିକୁ ରକ୍ଷା କରିବା ପାଇଁ ଆଶଙ୍କା ଦେଖାଦେଇଛି।

### ବୃଦ୍ଧି ପାଉଛି ହାଣ୍ଡିଆ ବେପାର; ବିଭାଗ ନିରବ

# କାର୍ଯ୍ୟକାରୀ ହେଉନି ଅବକାରୀ ଆଇନ

**ବନ୍ତ/ଆଗରପଡ଼ା, ୧୪।୯ (ସମିସ):** ସରକାର ଚୋରା ମଦ କାରବାରକୁ ରୋକିବାରକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। କିନ୍ତୁ ଅବକାରୀ ଆଇନରେ ଆଦିବାସୀଙ୍କ ପ୍ରିୟ ପାନୀୟ 'ହାଣ୍ଡିଆ' ପରିସରଭୁକ୍ତ ହେଉଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ବିଭାଗୀୟ ଅଧିକାରୀ ଆଇନ ବାବଦରେ ଅଜ୍ଞ ଥିଲେ ମଧ୍ୟ ହାତବାନ୍ଧି ବସିବାକୁ ଉଚିତ ମଣିଛନ୍ତି। ଯଦ୍ୱାରା ଧିରେ ଧିରେ ହାଣ୍ଡିଆ ବେପାର ବଢ଼ିବାରେ ଲାଗିଛି। ହାଟ ବଜାରରୁ ଆରମ୍ଭ କରି ଗାଁ ଗଣ୍ଡା ଓ ସହରକୁ ବ୍ୟାପି ଗଲାଣି ହାଣ୍ଡିଆ ବେପାର। ଯାହା ଦିନେ ଆଦିବାସୀଙ୍କ ପାନୀୟ ଥିଲା ତାହା ଏବେ ବ୍ୟବସାୟରେ ପରିଣତ ହେଲାଣି। ଆଦିବାସୀମାନେ ପାନୀୟ ଭାବେ ବ୍ୟବହାର କରୁଥିବା ବେଳେ ଯେତେ ପରିମାଣରେ ନିଶା ବଟକା ପକାଉଥିଲେ। ତାହାର ମାତ୍ରା ଏବେ ବ୍ୟବସାୟୀକରଣ ଯୋଗୁଁ ଅଧିକ ହୋଇଯାଉଛି। ଯଦ୍ୱାରା ହାଣ୍ଡିଆର ନିଶା ମଦ ନିଶା ସହ ସମାନ ହୋଇଗଲାଣି। ମଦର ମୂଲ୍ୟ ବୃଦ୍ଧି ହେତୁ ଅନେକ ନିଶାଡ଼ି ସ୍ୱଳ୍ପ ମୂଲ୍ୟରେ ସେମାନଙ୍କ ନିଶାକୁ ହାଣ୍ଡିଆ ମାଧ୍ୟମରେ ପୂରଣ କରୁଛନ୍ତି। ରାସ୍ତାର ଦୁଇ ପଟ୍ଟରେ ବିକ୍ରି ହେଉଥିବା ଏହି ନିଶା ଦ୍ରବ୍ୟ ବହୁ ସ୍ଥାନରେ ହାଟରେ ପରିଣତ ହୋଇ ଗଲାଣି। ଯାହାକି ଆଇ ସଙ୍ଗତ ନୁହେଁ। ଅବକାରୀ ବିଭାଗ ଆଇନ ମତେ ରାସ୍ତା କଡ଼ରେ ହାଣ୍ଡିଆ ବିକ୍ରି ହୋଇପାରିବା କଥା ନୁହେଁ। କିନ୍ତୁ ଏହା ସବୁଠି ଚାଲୁଛି। ସୂଚନା ଅନୁଯାୟୀ ଏହି ବେପାରରେ ଧରା ପଡ଼ିଲେ ୩/୭ ବର୍ଷ ଜେଲ ଏବଂ ୧୦/୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ଅଛି। କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଆଗରପଡ଼ା ଓ ତା ଆଖପାଖ ଅଞ୍ଚଳୀ ବିଭିନ୍ନ ସ୍ଥାନରେ ଏହାର ପଶରା ମେଲିଛି। କିନ୍ତୁ ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ସରକାରଙ୍କ ତହବିଲକୁ ଟଙ୍କାଟିଏ ରାଜସ୍ୱ ଆସୁନାହିଁ। ଯେତେବେଳେ ରାଜ୍ୟ ସରକାର ନିଶା ଦ୍ରବ୍ୟରୁ ସର୍ବାଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଥିବା ବେଳେ କାହିଁକି ହାଣ୍ଡିଆ ପାଇଁ ରହିଥିବା ନିୟମକୁ କାର୍ଯ୍ୟକାରୀ କରୁ ନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବ୍ୟାଟେରି ଚୋରି ସନ୍ଦେହରେ ୩ ଅଟକ

**ଭଣ୍ଡାରିପୋଖରୀ, ୧୪।୯ (ସମିସ):** ଭଣ୍ଡାରିପୋଖରୀ ବଜାର ୧୬ ନଂ ଜାତୀୟ ରାଜପଥର ହନୁମାନଛକ ନିକଟରେ ଛିଡା ହୋଇଥିବା ଏକ ହାଇୱାରୁ ବ୍ୟାଟେରୀ ଚୋରି କରିବା ସନ୍ଦେହରେ ୩ଜଣଙ୍କୁ ପୁଲିସ ଅଟକ ରଖିଛି। ହାଇୱାରୁ ୨ଟି ବ୍ୟାଟେରୀ ଚୋରି ହୋଇଥିଲା। ସମ୍ପୃକ୍ତ ହାଇୱା ଚାଳକ ଓ ସ୍ଥାନୀୟ ଲୋକେ ସନ୍ଦିଗ୍ଧ ୩ଜଣକୁ ଅଟକ ରଖି ଥାନାକୁ ସୂଚନା ଦେଇଥିଲେ। ପୁଲିସ ୩ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାଯାଇଛି। ବ୍ୟାଟେରୀ ଚୋରି ହୋଇଥିବା ହାଇୱା ଚାଳକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି।

# ଷ୍ଟାଇପେଣ୍ଡ ଟଙ୍କା ପାଇଁ ବ୍ୟାଙ୍କକୁ ଯାଇଥିବା ନାବାଳିକା ନିଖୋଜ



ଅସୁରାଳି, ୧୪।୯ (ସମିସ): ଷ୍ଟାଇପେଣ୍ଡ ଟଙ୍କା ଉଠାଇବାକୁ ବ୍ୟାଙ୍କକୁ ଯାଇ ଜଣେ ନାବାଳିକା ଛାତ୍ରୀ ନିଖୋଜ ହୋଇଛନ୍ତି। ବହୁ ଖୋଜା ଖୋଜି ପରେ ଧୂଷୁରୀ ଥାନାରେ ତାଙ୍କ ବାପା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଧାମନଗର ବ୍ଲକ ଧୂଷୁରୀ ଥାନା ହସନାବାଦ ପଞ୍ଚାୟତ ବନବାଗର ଗ୍ରାମର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ କେନ୍ଦ୍ରାପଡ଼ା ଅଞ୍ଚଳର ଅଖି ନାମକ ଯୁବକ ଅପହରଣ କରିଥିବା ନେଇ ଅପହୃତା ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଗତ ସୋମବାର ନାବାଳିକା ଜଣଙ୍କ ଷ୍ଟାଇପେଣ୍ଡ ଟଙ୍କା ଉଠାଇବା ପାଇଁ ଧୂଷୁରୀ ବଜାରର ଏକ ବ୍ୟାଙ୍କକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ଏନେଇ ପରିବାର ଲୋକେ ସାହି ପଡ଼ିଶା, ବନ୍ଧୁବାନ୍ଧବଙ୍କ ଘରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଝିଅର କୌଣସି ଖବର ମିଳିନଥିଲା। ୪ ଦିନ ପରେ ନାବାଳିକାର ବାପା ଓ ମାମୁ ଶୁକ୍ରବାର ଧୂଷୁରୀ ଥାନାରେ ପହଞ୍ଚି ଅପହରଣ ହୋଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି, କେନ୍ଦ୍ରାପଡ଼ାର ଅଖି ହାଇଦ୍ରାବାଦ ଏକ ଘରୋଇ କମ୍ପାନୀରେ ରହି କାମ କରୁଥିଲେ। ନାବାଳିକା ଜଣଙ୍କ ମାଟ୍ରିକ ପରୀକ୍ଷା ଦେଇ ନିଜ ସମ୍ପର୍କୀୟଙ୍କ ସହିତ ହାଇଦ୍ରାବାଦ ବୁଲିବାକୁ ଯାଇଥିଲେ। ସେଠାରେ ଉଭୟଙ୍କ ଭେଟ ଭାଟ ହୋଇଥିଲା। ଏଥିରେ ଅଖି ନାବାଳିକାକୁ ପ୍ରେମ ଜାଲରେ ଫସାଇ ଫୋନ ନମ୍ବର ଆଦାନ ପ୍ରଦାନ କରିଥିଲେ। କିଛି ଦିନ ରହିବା ପରେ ନାବାଳିକା ଜଣଙ୍କ ଘରକୁ ଆସିଥିଲେ। ବିଭିନ୍ନ ସମୟରେ ଉଭୟ କଥା ବାର୍ତ୍ତା ହୋଇଥିବା ସହ ଦୁଇରୁ ତିନି ଥର ଅଖି ହସନାବାଦରେ ପହଞ୍ଚି ନାବାଳିକାକୁ ଦେଖା କରିଥିଲା। ତେବେ ସୋମବାର ନାବାଳିକା ଜଣଙ୍କ ଷ୍ଟାଇପେଣ୍ଡ ଟଙ୍କା ଉଠାଇବା ପାଇଁ ଧୂଷୁରୀର ଏକ ବ୍ୟାଙ୍କକୁ ଯାଇଥିବା ବେଳେ ଅଖି ତାକୁ ଅପହରଣ କରିନେଇଥିବା ନାବାଳିକାର ବାପା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ତଥ୍ୟ ସଂଗ୍ରହ କରାଯିବା ସହ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ନାବାଳିକାକୁ ଉଦ୍ଧାର କରାଯିବ ବୋଲି ସୂଚନା ଦେଇଛନ୍ତି।

### ନାବାଳିକାକୁ ବାଇକ୍‌ରେ ଉଠାଇ ନେଲେ ଦୁର୍ବୃତ୍ତ

# ୨୪ ଘଣ୍ଟା ପରେ ବି ସୁରାକ ପାଉନି ପୁଲିସ

**ଭଦ୍ରକ/ବାସୁଦେବପୁର, ୧୪।୯ (ସମିସ):** ଶୌଚ କରିବାକୁ ଯାଇଥିବା ବେଳେ ଜଣେ ୯ବର୍ଷର ନାବାଳିକାଙ୍କୁ ଦୁର୍ବୃତ୍ତମାନେ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ସୂଚନା ଅନୁସାରେ, ବାସୁଦେବପୁର ପୌରପାଳିକାର ଏକ ନମ୍ବର ୱାର୍ଡ଼ର ରାଧାନାଥପୁରର ସଦାନନ୍ଦ ମଲିକଙ୍କ ଘର। ତାଙ୍କ ନାବାଳିକା ଝିଅକୁ



## ଏସ୍‌ପିଙ୍କ ତନାଘନା: ସନ୍ଦେହରେ ୩ ଅଟକ

ଅପହରଣ କରାଯାଇଥିବା ନେଇ ସେ ଚୁଡାମଣି ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ବହୁ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ କୌଣସି ସୁରାକ ପାଉନାହିଁ। ସଦାନନ୍ଦ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବାବେଳେ ମାଆଙ୍କ ପାଖରେ ଦୁଇଝିଅ ଥିଲେ। ବଡ ଝିଅ ସପ୍ତମ ଶ୍ରେଣୀର ପାଠ ପଢୁଥିବା ବେଳେ ସାନ ଝିଅ ୪ର୍ଥ ଶ୍ରେଣୀର ପାଠ ପଢୁଛି। ସାନ ଭଉଣୀ ଶୌଚ କରିବାକୁ ଯିବାରୁ ବଡ ଭଉଣୀ କିଛି ବାଟ ଦୂରରେ ଠିଆ ହୋଇଥିଲେ। ହଠାତ କିଛି ଗୋଟାଏ ଶବ୍ଦ ଶୁଭିବାରୁ ବଡ ଭଉଣୀ ଦେଖିଲା କେହି ତାର ସାନ ଭଉଣୀକୁ ବାଇକରେ ଉଠାଇ ନେଇଯାଉଛି। ପରେ ସେ ତୁରନ୍ତ ଆସି ଘରେ ମାଆଙ୍କୁ କହିଥିଲା। ଏହି ଖବର ପ୍ରଚାରିତ ହେବାପରେ ଗ୍ରାମବାସୀ ଆଖପାଖ ଅଞ୍ଚଳରେ ଖୋଜଖୋଜି କରିଥିଲେ। ପୁଲିସ ଅଭିଯୋଗ ପାଇ ରାତିତମାମ ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଏସଡିପିଓ, ୪ଟି ଥାନାର ଆଇଆଇସି ଓ ପୁଲିସ ତଦନ୍ତରେ ସାମିଲ ହୋଇଥିଲେ। ଅପହୃତ ନାବାଳିକାଙ୍କ ବାପା ସଦାନନ୍ଦ ଖବର ପାଇ ସମୁଦ୍ରରୁ ଫେରି ଘରେ ପହଞ୍ଚିଛନ୍ତି। ଏସ୍‌ପି ମନୋଜ କୁମାର ରାଉତ ରାଧାନାଥପୁରରେ ପହଞ୍ଚି ତଦନ୍ତକୁ ଜୋରଦାର କରିଛନ୍ତି। ଅପହୃତ ଝିଅର ବଡ ଭଉଣୀ, ମାଆ ଓ ବାପାଙ୍କ ସହିତ ଆଲୋଚନା କରିଛନ୍ତି। ସନ୍ଧାନୀ କୁକୁର ପହଞ୍ଚି ତଦନ୍ତରେ ଛାନଭିନ କରୁଛି। ବିଭିନ୍ନ ରାସ୍ତାକୁ ସଂଯୋଗ କରୁଥିବା ଆଖପାଖରେ ଥିବା ସିସିଟିଭି ଯାଞ୍ଚ କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ନିଖୋଜ ପରିବାର ଲୋକେ ଝିଅକୁ ଠାବ କରିବାକୁ ବିନମ୍ର ନିବେଦନ କରିଛନ୍ତି। ହେଲେ ଘଟଣା ଘଟିବାର ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପୁଲିସକୁ କୌଣସି ସୁରାକ ମିଳିନାହିଁ। ସନ୍ଦେହରେ ପୁଲିସ ୩ଜଣକୁ ଅଟକ ରଖି ପଚରା ଉଚରା କରୁଛି।

# ରାସ୍ତାକଡରେ ଦବିଲା ବାଲି ବୋଝେଇ ହାଇୱା; ଯାତାୟାତ ବନ୍ଦ

**ବନ୍ତ/ଆଗରପଡ଼ା, ୧୪।୯ (ସମିସ):** ବେଆଇନ ବାଲି ଚାଲାଣ ଯୋଗୁଁ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁଦିନ ବଢ଼ିବାରେ ଲାଗିଛି। ଫଳରେ ଗ୍ରାମ୍ୟ ରାସ୍ତାରେ ବାଲି ହାଇୱା ଚାଲାଣ ଯୋଗୁଁ ଲୋକେଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅଞ୍ଚଳର ବୈତରଣୀ ନଦୀ ଶଯ୍ୟାରୁ ବେଆଇନ ବାଲି ବୋଝେଇ କରି ଏକ ହାଇୱା ଡ଼ଅଁର-ବନ୍ତ ଗ୍ରାମ୍ୟ ରାସ୍ତାରେ ଆସୁଥିବା ସମୟରେ ବନ୍ତ ଥାନା ଅନ୍ତର୍ଗତ ଓଲମ ନିକଟରେ ରାସ୍ତା କଡ଼କୁ ଦବି ଦୀର୍ଘ ସମୟ ଧରି ଫସି ରହିଥିଲା। ଫଳରେ ଏହି ଖାଲଖମା ସଂକୀର୍ଣ୍ଣ ଗ୍ରାମ୍ୟ ରାସ୍ତାରେ ଦୀର୍ଘ ଘଣ୍ଟା ଧରି ଯାତାୟତରେ ବାଧା ସୃଷ୍ଟି ହୋଇଥିବା ବେଳେ ପଥଚାରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ହାଇୱାଟିକୁ ରାସ୍ତା ଉପରକୁ ଉଠାଯିବା ସମୟରେ ରାସ୍ତାରେ ବହୁ ସମୟ ଧରି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଗୁଡ଼ିକ ଅଟକି ରହିଥିବାର ଦେଖାଯାଇଥିଲା। ପରେ ଘଟଣା ସ୍ଥଳରୁ ବାଲି ବୋଝେଇ ହାଇୱାଟିକୁ ବନ୍ତ ପୁଲିସ୍ ଜବତ୍ କରି ଥାନାକୁ ନେଇ ଚାଳକକୁ ଅଟକ ରଖିଥିବା ଜଣାପଡ଼ିଛି।



# ସତ୍ୟସାଇ ଭଜନ କେନ୍ଦ୍ରରେ ରକ୍ତଦାନ ଶିବିର: ୬୦ ୟୁନିଟ ସଂଗୃହୀତ

**ଭଦ୍ରକ, ୧୪।୯ (ସମିସ):** ଚାରିଘରିଆ ସତ୍ୟସାଇ ଭଜନ କେନ୍ଦ୍ର ଏବଂ ମଧୁ ଗଣେଶ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଭଜନ କେନ୍ଦ୍ରର ଆବାହକ ନରେଶ ପଢ଼ିଆରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଜାନୁଗଞ୍ଜ, ବାଗୁରାଇ ଓ ବାଉଦପୁର ସମେତ ଆଖପାଖ ସ୍ଥାନରୁ ସାଇ ଭକ୍ତ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଚାରି ଘରିଆ ଭଜନ କେନ୍ଦ୍ର ଏବଂ ମଧୁ ଗଣେଶ କମିଟି ସଦସ୍ୟମାନେ ଶିବିରରେ ସହଯୋଗ କରିଥିଲେ।



# ଷୋଡ଼ଶ ପୂଜା ଆରମ୍ଭ; ଜୟଦୁର୍ଗାଙ୍କ ଗୌରୀ ବେଶ



**ଆରଡି, ୧୪।୯ (ସମିସ):** ରବିବାର ପବିତ୍ର ମୂଳାଷ୍ଟମୀ ଅବସରରେ ଆରଡି ପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ାରେ ଥିବା ମା' ଜୟ ଦୁର୍ଗାଙ୍କ ମଣ୍ଡପରେ ଷୋଡଶ ଦିବସୀୟ ପୂଜା ଆରମ୍ଭ ହୋଇଛି। ଭୋରୁ ୪ଟାରେ ପହଡ ଖୋଲିବା ପରେ ରୀତିନୀତି ଅନୁଯାୟୀ ବାବାଙ୍କ ପାଖରେ ପୂଜାର୍ଚ୍ଚନା କରାଯିବା ସହ ମା'ଙ୍କ ପୂଜା ମଣ୍ଡପରେ ମଙ୍ଗଳ ଆଳତୀ, ହଳଦୀ ପଞ୍ଚାମୃତ ସ୍ନାନ, ଘଟ ସ୍ଥାପନ, ଦ୍ୱାରପାଳ ପୂଜା, ଚଣ୍ଡୀପାଠ ଆଦି କରାଯାଇଥିଲା। ମଧ୍ୟାହ୍ନରେ ମା' ପ୍ରଥମ ଦିନରେ ଗୌରୀ ବେଶରେ ଦର୍ଶନ ଦେଇଥିଲେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ପୂଜା ମଣ୍ଡପରେ ଦଶହରା ଯାଏଁ ପ୍ରତିଦିନ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ମହାଲକ୍ଷ୍ମୀ, ମହାକାଳୀ, ଗାୟତ୍ରୀ, ସର୍ବମଙ୍ଗଳା ଆଦି ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେବେ ମା' ଜୟଦୁର୍ଗା।

# ରାସ୍ତା ନିର୍ମାଣ ପାଇଁ ୬ କୋଟି ଟଙ୍କା ମଞ୍ଜୁର

**ବାସୁଦେବପୁର, ୧୪।୯ (ସମିସ):** ବାସୁଦେବପୁର ବ୍ଲକ ସୁଗୋ ଗ୍ରାମ ପଞ୍ଚାୟତ ଅଧୀନ ଗ୍ରାମ୍ୟ ଉନ୍ନୟନ ବିଭାଗର ପୂର୍ତ୍ତ ରାସ୍ତାଠାରୁ ସୁଗୋ କୁସୁନି ବିନ୍ଧା, କାଞ୍ଜିଖିଆ, କଲ୍ୟାଣପୁର ଯାଏ ୩ଟି ରାସ୍ତାରେ ବର୍ଷା ଯୋଗୁଁ ପାଣି ଜମିରହି ବିପର୍ଯ୍ୟସ୍ତ ହୋଇଯାଇଛି। ଏ ନେଇ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ପରେ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ଯନ୍ତ୍ରୀଙ୍କ ସହିତ କ୍ଷେତ୍ର ପରିଦର୍ଶନ କରିଥିଲେ। ପ୍ରତିଶ୍ରୁତି ପରେ କପାଗଡ଼ିଆଛକ ରାସ୍ତା ଠାରୁ ସୁଗୋ ପର୍ଯ୍ୟନ୍ତ ୩ କିମି ରାସ୍ତା ନିର୍ମାଣ ପାଇଁ ୫କୋଟି ୯୬ଲକ୍ଷ ୬୦ ହଜାର ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ମଞ୍ଜୁର କରିଛନ୍ତି। ଏହି କାମ ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ ହେବ।

# ରାସ୍ତା ପ୍ରଶସ୍ତିକରଣ ନାଁରେ ପୋତିଦେଲେ ଡ୍ରେନ୍

**ବାରିକପୁର, ୧୪।୯ (ସମିସ)**

ରାସ୍ତା ପ୍ରଶସ୍ତିକରଣ ନାଁରେ ଡ୍ରେନ ସମ୍ପୂର୍ଣ୍ଣଭାବେ ଲୀନ ହୋଇଯାଇଛି। ଫଳରେ ବିଭିନ୍ନ ଗ୍ରାମ ସଂଲଗ୍ନ ଗ୍ରାମ୍ୟ ରାସ୍ତା ଏବଂ ସାହିବସ୍ତି ଜଳମଗ୍ନ ହେଉଛି। ଏହାଛଡା ହଜାର ହଜାର ହେକ୍ଟର ଚାଷଜମିରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ଛଡାବରଠାରୁ ବଳିଘାଇ ବୈତରଣୀ ସେତୁକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ ଅଞ୍ଚଳରେ। ସୂଚନା ମୁତାବକ, ଛଡାବରଠାରୁ ବୈତରଣୀ ବଳିଘାଇ ସେତୁ ଯାଏଁ ଭଦ୍ରକ ପୂର୍ତ୍ତ ବିଭାଗ ପକ୍ଷରୁ ଗତ ୩ ବର୍ଷ ହେବ ରାସ୍ତା ପ୍ରଶସ୍ତିକରଣ କାମ ଚାଲିଛି। ଗତ ୨୦୨୨ ମସିହା ଠାରୁ ରାସ୍ତାର ଚାରି ଥାକିଆ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୁରୁଣା ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ରାସ୍ତା ପ୍ରଶସ୍ତିକରଣ ପାଇଁ କାମ ଆରମ୍ଭ ସ୍ଥାନ ଛଡାବରଠାରୁ ପର୍ବତୀ ହାଇଲେଭଲ କେନାଲ ଯାଏଁ ଉଭୟ ପାର୍ଶ୍ୱରେ ରହିଥିବା ୮/୧୦ ଓସାରିଆ ଡ୍ରେନକୁ ଠିକା ସଂସ୍ଥା ସମ୍ପୂର୍ଣ୍ଣ ପୋତି ଦେଇଛି। ଉଭୟ ପାର୍ଶ୍ୱରେ ପାଖାପାଖି ୫ କିମି ଯାଏଁ ଡ୍ରେନ ନଷ୍ଟ ହୋଇଛି। ଏତଦବ୍ୟତୀତ ମଞ୍ଜୁରୀଠାରୁ କୋରକରା ଯାଏଁ ଦୁଇ ପାର୍ଶ୍ୱ ନାଳ ଏବେ ମାଟିରେ ପୋତି ଦିଆଯାଇଛି। ପ୍ରତିବର୍ଷ ବର୍ଷା ଦିନେ ଏହି ନାଳ ଦେଇ ଆଖୁଆପଦା, ତେସିଙ୍ଗା, ବନସ୍ତା ଓ ମଞ୍ଜୁରୀ ରୋଡ ଅଞ୍ଚଳରୁ ଆସୁଥିବା ପାଣି ନିଷ୍କାସନ ହୋଇଥାଏ। ଏବେ ଡ୍ରେନ ସମ୍ପୂର୍ଣ୍ଣ ପୋତି ହେବା କାରଣରୁ ଜଳ ନିଷ୍କାସନରେ ବଡ଼ ସମସ୍ୟା ସୃଷ୍ଟି କରୁଛି। ଗତ କିଛିଦିନ ହେଲା ଲଗାଣ ବର୍ଷା ହେଉଥିବା ବେଳେ ଏବେ ରାସ୍ତା ପାର୍ଶ୍ୱରେ ଥିବା ଚାଷ ଜମି ଗୁଡିକ ଜଳମଗ୍ନ ହୋଇଛି। ଏହାଛଡ଼ା ଛଡାବର ବଜାର ସମେତ ନେଉଳିଆ, ଭୂତିଆ, ଡାହାଳା, କୁଶଗଡ଼ିଆ, ପୁରିପଡ଼ା, ନାରାୟଣପୁର, ସଂପୋଇ, ନିଳାଦ୍ରୀ, ଭାଗଡ଼ା ପ୍ରମୁଖ ଗାଁ କୃତ୍ରିମ ବନ୍ୟାରେ ଉବୁଟୁବୁ ହେଉଛି। ବିଶେଷ କରି ଅଞ୍ଚଳର ଚାଷୀ ବ୍ୟାପକ କ୍ଷତିଗ୍ରସ୍ତ ହେଉଛନ୍ତି। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଯେକୌଣସି



## ଚାଷୀ ହନ୍ତସନ୍ତ

ରାସ୍ତା ନିର୍ମାଣ ପୂର୍ବରୁ ପ୍ରଥମେ ଜଳ ନିଷ୍କାସନ ପଥକୁ ସୁଗମ କରିବା କଥା; ହେଲେ ଏଠି ଜିଲ୍ଲା ପ୍ରଶାସନ ଠାରୁ ବ୍ଲକ ପ୍ରଶାସନ ଯାଏଁ ସମସ୍ତେ ଲୋକଙ୍କ ପ୍ରକୃତ ସମସ୍ୟାକୁ ଜଳାଞ୍ଜଳି ଦେଉଛନ୍ତି। ଗତ ସପ୍ତାହରେ ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ନାମକୁ ମାତ୍ର ଦୁଇ ଚାରୋଟି ସ୍ଥାନରେ ମେସିନ ଯୋଗେ ସଫା କରାଯାଇଥିଲା। ଏଭଳି କାମ କେବଳ ଲୋକ ଦେଖାଣିଆ ହୋଇଥିବାବେଳେ ପ୍ରକୃତ ସମସ୍ୟା ଉପରେ କେହି ଦୃଷ୍ଟି ଦେଉନଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ପ୍ରଶାସନିକ ସ୍ତରରେ ସମନ୍ୱୟ ଅଭାବରୁ ଏଭଳି ଅବସ୍ଥା ଦେଖା ଯାଇଛି। ତେଣୁ ଏଥିପ୍ରତି ସାଂସଦ ଓ ବିଧାୟକଙ୍କ ସମେତ ଭଦ୍ରକ ଜିଲ୍ଲାପାଳ, ପୂର୍ତ୍ତ ଏବଂ ଡ୍ରେନେଜ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।

# ଜିଲ୍ଲାରେ ଅଢ଼େଇ ହଜାର ଶିକ୍ଷକଙ୍କ ଟିଇଟି ଯୋଗ୍ୟତା ନାହିଁ

ଭଦ୍ରକ, ୧୪।୯(ସମିସ): ଭଦ୍ରକ ଜିଲ୍ଲାରେ ପ୍ରାୟ ଅଢ଼େଇ ନଜାର ଶିକ୍ଷାନଙ୍କ ଟିଇଟି(ଟିଚର ଏଲିଜିବିଲିଟି ଟେଷ୍ଟ) ଯୋଗ୍ୟତା ନାହିଁ। ଯାହାକୁ ନେଇ ଅଣ ଟିଇଟି ଶିକ୍ଷକମାନେ ଚିନ୍ତାରେ ପଡିଛନ୍ତି। ଉଚ୍ଚ ନ୍ୟାୟାଳୟଙ୍କ ଆବେଶ ଅନୁଯାୟୀ, ଦିନା ଟିଇଟିରେ ଚାକିରି କରୁଥିବା ଶିକ୍ଷକଙ୍କୁ ତୁରନ୍ତ ଟିଇଟି କରିନେବାକୁ ପଡ଼ିବ। ସେମାନଙ୍କୁ ସେମାନଙ୍କ ଯୋଗ୍ୟତା ହାସଲ କରିନଥିବେ ସେମାନଙ୍କୁ ୨ ବର୍ଷ ମଧ୍ୟରେ ଏହି ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ବିଶେଷକରି ବିନା ଟିଇଟିରେ ଚାକିରି କରି ଆସୁଥିବା ଏବଂ ଅବସର ଗ୍ରହଣ କରିବାକୁ ଆଉ ମାତ୍ର ୫ ବର୍ଷ ପୂବା ଶିକ୍ଷକମାନଙ୍କ ଲାଗି ଏହା ଅତ୍ୟନ୍ତ କଠିନ ସାବ୍ୟସ୍ତ ହୋଇଛି। କୋର୍ଟ ନିର୍ଦ୍ଦେଶମତେ ୨ ବର୍ଷ ମଧ୍ୟରେ ସେମାନଙ୍କୁ ଏହି ଯୋଗ୍ୟତା ହାସଲ କରିବାକୁ ପଡିବ ଅନ୍ୟଥା ସେମାନଙ୍କୁ ଚାକିରି ହରାଇବାକୁ ପଡିବ। ଭଦ୍ରକ ଜିଲ୍ଲାରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷା କର୍ମୀ, ସ୍ୱେଚ୍ଛାସେବୀ ଶିକ୍ଷା କର୍ମୀ, ଗଣ ଶିକ୍ଷକ, ଏକ କ୍ୟାଡର ଏବଂ କନିଷ୍ଠ ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରୁବିନା ଓଟିଇଟି(ଓଡିଶା ଟିଚର ଇଲିଜିବିଲିଟି ଟେଷ୍ଟ) ଯୋଗ୍ୟତାରେ ପ୍ରାୟ ଅର୍ଦ୍ଧାଧିକ ଶିକ୍ଷକ ରହିଛନ୍ତି। ନୂତନ ନିର୍ଦ ଡାକରା ଓଟିଇଟି ପାସ କରିବାକୁ ପଟିବ ଅନ୍ୟଥା ସେମାନଙ୍କୁ ସେମାନଙ୍କ ଚାକିରି ହରାଇବାକୁ ପଡ଼ିବ ଓ ତେଣେ ସୁପ୍ରିମ କୋର୍ଟଙ୍କ ରାୟ ଉପରେ ମତର ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ରାଜ୍ୟ ସରକାର କୋର୍ଟଙ୍କ ରାଘଲ ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ତେବେ ପଦକ୍ଷେପ ଗ୍ରହଣ ପୂର୍ବରୁ ରାଜ୍ୟର ଶିକ୍ଷକମାନଙ୍କସ୍ୱାର୍ଥ ପ୍ରତି ଗୁଉନ୍ନ ଦିଆଯିବ ବୋଲି ସେ କହିଛନ୍ତି। ତେବେ ଓଡ଼ିଶାରେ ଏହାର ରୂପରେଖ କଣ ହେବ ତାହା ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ଏହାକୁ ନେଇ ରାଜ୍ୟ ଅଣ ଆନୁଷ୍ଠାନିକ ଶିକ୍ଷକ ମହାସଙ୍ଘ ଦେଶ ଗତଦେଇ ପ୍ରକାଶ କରିଛନ୍ତି । ନିକଟରେ ରାଜ୍ୟର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଭିକ ଘଟଣା ପରେ ଏହି ପରୀକ୍ଷା ବାତିଲ ହୋଇଥିଲା। ଏଥିରେ ଭଦ୍ରକ ଜିଲ୍ଲାରୁ ପ୍ରାୟ ଅଢ଼େଇ ହଜାଇ ଶିକ୍ଷକ ଓଟିଲଟି ପରୀକ୍ଷା ଦେବାକୁ ଆବେଦନ କରିଥିଲେ। ମହାସଙ୍ଘର ତେଣୁ ଜିଲ୍ଲାରେ ଅତିକମରେ ଅଢେଇଚନାର ଶିକ୍ଷକ ବିନା ପଟିଲଟିଲେ ଚାକିରୀରେ ଥିବା ମନେ କରାଯାଉଛି। ସେହିଭଳି ଅଣ ଆନୁଷ୍ଠାନିକ ଶିକ୍ଷକ ସଙ୍ଘ ନେତା ପ୍ରକାଶ ବେହେରାଙ୍କ କହିବା ଅନୁଯାଇ ଓଡ଼ିଶାରେ ଏହି ବର୍ଗର ପ୍ରାୟ ଦେଢଲକ୍ଷ ଶିକ୍ଷକରହିଥିବାବେଳେ ବିନା ଓଟିଭଟିରେ ପ୍ରାୟ ୮୦ କହାର ଶିକ୍ଷକ ଗନ୍ଦିଛନ୍ତି। ସେମାନଙ୍କ ମଧ୍ୟରୁ ନିକଟରେ ବାତିଲ ହୋଇଥିବା ଓଟିଭଟି ପରୀକ୍ଷା ଲାଗି ପ୍ରାୟ ୩୫ ହଜାର ଶିକ୍ଷକ ଫର୍ମ ପୂରଣ କରିଥିଲେ। ସରକାର ଗତ ୨୦୧୧ ମସିହା ଠାରୁ ଶିକ୍ଷକ ନିଯୁକ୍ତିରେ ଓଟିଇଟିକୁ ବାଧ୍ୟତାମୂଳକ କରିଥିଲେ ମଧ୍ୟ ଏହା ପୂର୍ବରୁ ଦିନା ଓଟିଭଟରେ ଅନେକ ଶିକ୍ଷକ ନିଯୁକ୍ତିରେ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଅବସର ନେଇ ସାରିଥିବାବେଳେ ଆଉକିଛି ଅବସର ନିକଟତର ହୋଇସାରିଛନ୍ତି। ଏପରିସ୍ଥଳେ ଓଟିଇଟି ଯୋଗ୍ୟତା ସେମାନଙ୍କ ଲାଗି ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେବେ ଏହି ପ୍ରସଙ୍ଗ ନେଇ ରାଜ୍ୟ ଅଣ ଆନୁଷ୍ଠାନିକ ଶିକ୍ଷକ ମହାସଙ୍ଘ ଖୁବ ଶୀଘ୍ର ରାଜ୍ୟସ୍ତରୀୟ ଜରୁରୀ ବୈଠକ ଡାକୁଥିବା ନେଇ ଶ୍ରୀ ବେହେରା ସୂଚନା ପ୍ରଦାନ କରିଛନ୍ତି। ପରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଶିବବ୍ରତଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଦୋଳସାହି,୧୪।୯(ସମିସ): ଗୁଆମାଳର ଶିବବ୍ରତ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ତିହିଡି ବ୍ଲକ୍ ଗୁଆମାଳ ପଞ୍ଚାୟତ ବିଶ୍ୱନାଥପୁର ଗ୍ରାମର ପ୍ରଭାକର ମିଶ୍ରଙ୍କ ପୁତ୍ର ଶିକ୍ଷକ ଶିବବ୍ରତଙ୍କୁ ମୁଖ୍ୟମନ୍ତ୍ରୀ ସିଖ୍ୟା ପୁରସ୍କାର ପାଇ ତିହିଡି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏହି ପୁରସ୍କାର ତିହିଡି ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି ଶ୍ରୀ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଏଥିନେଇ ବିଭିନ୍ନ ମହଲରୁ ଶିବବ୍ରତଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## ଶରତ ନାୟକଙ୍କ ସ୍ମୃତିସଭା



ଅସୁରାଳି, ୧୪।୯(ସମିସ): ଅର୍ଜୁନପୁର ପଞ୍ଚାୟତ ବାଲିପାଟଣାର ବିଶିଷ୍ଟ ବ୍ୟକ୍ତିତ୍ୱ ଶରତ ନାୟକଙ୍କ ୧୫ତମ ପୁଣ୍ୟତିଥି ଅବସରରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଅକ୍ଷୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସରପଞ୍ଚଙ୍କ ପ୍ରତିନିଧି ଉମେଶ ମହାନ୍ତି, ସମିତିସଭ୍ୟ ବିଦ୍ୟାଧର ରାଉତ, ଶିକ୍ଷାବିତ ପ୍ରମୋଦ ଦାସ, ଶିକ୍ଷାବିତ କୁଳମଣି ତ୍ରିପାଠୀ, ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ, ବାଣୀକବି ଦୟାନିଧି ମିଶ୍ର, ଅଧ୍ୟାପକ ବିଜୟ ଦାସ, ପଣ୍ଡିତ ଲକ୍ଷ୍ମୀଧର ମିଶ୍ର, ଶିକ୍ଷକ ଦିଗାମ୍ବର ସାହୁ, ସେନାନିବୃତ ଗଜେନ୍ଦ୍ର ସାହୁ ଓ ତାଙ୍କ ସାନଭାଇ ଏହି ସଭାରେ ଯୋଗଦାନ କରିଥିଲେ। ସଭାରେ ସ୍ୱର୍ଗତ ନାୟକଙ୍କ ଜୀବନ ଓ କାର୍ଯ୍ୟକଳାପ ଉପରେ ଆଲୋଚନା ହୋଇଥିଲା।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ପୁନଃନିର୍ବାଚିତ ରାଜ୍ୟ ସଂପାଦିକାଙ୍କୁ ସମ୍ବର୍ଦ୍ଧନା




ଭଦ୍ରକ,୧୪।୯(ସମିସ): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ପୁନଃନିର୍ବାଚିତ ରାଜ୍ୟ ସଂପାଦିକା ସୁରଜିତା ନାୟକଙ୍କୁ ଭଦ୍ରକ ନେତାଜୀ ନଗରସ୍ଥିତ ଜାନକୀ ନିଳୟଠାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଓ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ମହିଳାଙ୍କ ଉପରେ ହେଉଥିବା ହିଂସା ବିରୋଧରେ ଲଢେଇ କରିବା ସହ ସମ୍ବିଧାନ ଓ ମହିଳାଙ୍କ ଅଧିକାରର ସୁରକ୍ଷା ପାଇଁ ସେ ନିଷ୍ଠାର ସହ ଲଢିବେ ବୋଲି ତାଙ୍କ ସମ୍ବର୍ଦ୍ଧନା ସଭାରେ ସେ ପ୍ରକାଶ କରିଛନ୍ତି। ଭଦ୍ରକ ଜିଲ୍ଲା ସଭାନେତ୍ରୀ ପ୍ରଭାତି ଜେନା, ସଂପାଦିକା ମମତା ଜେନା, ମହିଳା ନେତ୍ରୀ ସୀତା ଦାସ, ସିପ୍ରା ମହାପାତ୍ର, ସୁମତି ନାୟକ, ପ୍ରଭାତୀ ଦାଶ, କାମିନୀ ଭୋଇ, ମଧୁସ୍ମିତା ପାକଳ, ରୋଜାଲିନି ସାମ୍ୟବାଦୀ, ଶାନ୍ତିଲତା ବାରିକ୍ ପ୍ରମୁଖ ଉପସ୍ଥିତ ଥିବାବେଳେ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଗୌରାଙ୍ଗ ଢନା, ମଳୟ ଭୋଇ, ସତ୍ୟମୂର୍ତ୍ତି ବେହେରା, ରମେଶ ସାହୁ, ଗିରିଧାରୀ ନାଥ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଧାନମଣ୍ଡି ବାତିଲ ନକରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ

ବନ୍ତ/ଆଗରପଡ଼ା,୧୪।୯(ସମିସ): ବନ୍ତ ବ୍ଲକ୍ ରାମପୁର ପଞ୍ଚାୟତର ମା' ପଶ୍ଚିମା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିବା ଧାନମଣ୍ଡିକୁ ବାତିଲ ନକରିବାକୁ ସରପଞ୍ଚଙ୍କ ସମେତ ପଞ୍ଚାୟତବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ଗତ ଅଗଷ୍ଟ ମାସରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମା' ପଶ୍ଚିମା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଞ୍ଚାୟତ ଅଧିବାସୀଙ୍କୁ ବଦନାମ କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ମିଥ୍ୟା ଖବର ପ୍ରକାଶ କରିଥିଲେ। ଗୋଷ୍ଠୀ ସମ୍ପାଦିକା ସ୍ନେହଲତା ନାୟକ ଉଲ୍ଲେଖ ଥିବା ବେଳେ ପ୍ରକୃତରେ ସମ୍ପାଦିକାଙ୍କ ନାମ ବର୍ଷାରାଣୀ ନାୟକ ଅଟେ। ସେହିପରି ସମ୍ପାଦିକାଙ୍କ ସ୍ୱାମୀ ଚାଷୀଙ୍କ ଧାନକୁ କୁଇଣ୍ଟାଲ ପିଛା ୧୦କିଲୋରୁ ଅଧିକ କଟ୍‌ଣୀ ଛଟ୍‌ଣୀ କରିବା ସହ ଅଣ ଜଳସେଚିତ ଚାଷ ଜମିକୁ ଜଳସେଚିତ ଦର୍ଶାଇ ନିଜ ସମ୍ପର୍କୀୟଙ୍କ ନାମରେ ଚାଷୀ କାର୍ଡ଼ ପଞ୍ଜିକରଣ କରି ଧାନ ବିକ୍ରି କରୁଥିବା ଭଳି ଏକ ମିଥ୍ୟା ଅଭିଯୋଗ ମଧ୍ୟ ସେମାନେ ଆଗତ କରିଛନ୍ତି। କିନ୍ତୁ ପ୍ରକୃତରେ ଉକ୍ତ ମା' ପଶ୍ଚିମା ସ୍ୱୟଂ ସହାୟକ ଗୋଷ୍ଠିର ଧାନ ମଣ୍ଡିର ଚାଷୀ କମିଟିର ସଭ୍ୟ/ସଭ୍ୟା ପ୍ରତାପଚନ୍ଦ୍ର ଦେହୁରିଆ, ସନ୍ତୋଷ କୁମାର ରାଉତ, ଜୁନି ମୁଣ୍ଡା(ପି.ଏସ. ମେମ୍ବର), ତପନ କୁମାର ଚାରିକ ଏମାନଙ୍କ ଉପସ୍ଥିତ ଏବଂ ଧାନର ମାନ ନିର୍ଦ୍ଧାରଣକାରୀ (ଆର.ଏମ.ସି.) ଦିବ୍ୟରଞ୍ଜନ ପହି, ଭିଏଲଡ଼ବ୍ଲ୍ୟୁ ବିମ୍ବାଧର ସେଠୀ ଓ ରାମପୁର ଗ୍ରାମପଂଚାୟତ ସରପଂଚ ଓ ଚାଷୀଙ୍କ ଉପସ୍ଥିତିରେ ଧାନର ମାନ ନିରୂପଣ କରାଯାଇ ସରକାରଙ୍କ ନୀତି ନିର୍ଦ୍ଧାରଣକୁ ଅବଲମ୍ବନ କରି କୌଣସି ଜାଲିଯାତି କରାନଯାଇ ଠିକ ଭାବରେ ଧାନ କିଣା ଯାଇଥୁଲା ଏବଂ ବନ୍ତ ବ୍ଲକରେ ଗତବର୍ଷ ପ୍ରଥମେ ଧାନ କିଣାଯାଇ ସରକାରଙ୍କ ନିତୀନିୟମକୁ ମାନି ଆରମ୍ଭ ହୋଇଥିଲା। ଯେଉଁମାନେ ଅଭିଯୋଗ ଆଗତ କରିଥିଲେ ସେମାନେ ମଧ୍ୟରୁ କିଛି ଲୋକ କେବେ କୌଣସି ବର୍ଷ ଉକ୍ତ ଧାନ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିନଥିବା ସେମାନେ ଉଲ୍ଲେଖ କରିଛନ୍ତି। ମା' ପଶ୍ଚିମା ସ୍ୱୟଂ ସହାୟକ ଗୋଷ୍ଠି ଆଜଙ୍କୁ ୪ ବର୍ଷ ହେବ ଚାଷୀ ମାନଙ୍କର ଠିକ୍ ସମୟରେ ଚାଷୀ କାର୍ଡ ପଞ୍ଜିକରଣ, ଠିକ୍ ସମୟରେ ଧାନ କିଣା ଏବଂ ଚାଷୀମାନଙ୍କ ଧାନକୁ ମଣ୍ଡିରେ ସୁବ୍ୟବସ୍ଥାରେ ରଖାଇବା ସହ ଚାଷୀଙ୍କୁ କୌଣସି ଅସୁବିଧା ରେ ନପକାଇ ଠିକ୍ ସମୟରେ ଧାନ ମିଲ୍ କୁ ଉଠାଇବା ପରି ସୁବ୍ୟବସ୍ଥା କରି ଆସୁଥିଲେ। ତେଣୁ ଉକ୍ତ ମଣ୍ଡିକୁ ଯଦି ବାତିଲ କରାଯାଏ ତେବେ ରାମପୁର ଗ୍ରାମପଂଚାୟତରେ ଚାଷୀମାନେ ବହୁତ ଅସୁବିଧାରେ ସମ୍ମୁଖିନ ହେବାସହ ଜନ ଆନ୍ଦୋଳନ ଦେଖା ଦେବ। ଉକ୍ତ ମଣ୍ଡି ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଗରୁ ଜିଲ୍ଲାପାଳ ମହୋଦୟ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ସରପଂଚଙ୍କ ସମେତ ପଂଚାୟତବାସୀ ଜିଲ୍ଲାପାଳଙ୍କୁ ନିବେଦନ କରିବା ସହ ଏହାର ଏକକିତା ନକଲ ସିଏସଓ, ଡ଼ିଆରସିଏସ ଏବଂ ବିପିସି, ବନ୍ତ ମିଶନଶକ୍ତିଙ୍କ ଗୋଚରାର୍ଥେ ପ୍ରେରଣ କରିଥିବା ଜଣାପଡ଼ିଛି।

## ପତଞ୍ଜଳି ଯୋଗ ସମିତିର ବୈଠକ



ଭଦ୍ରକ, ୧୪।୯(ସମିସ): ଭଦ୍ରକ ଜିଲ୍ଲା ପତଞ୍ଜଳି ଯୋଗ ସମିତିର ଜିଲ୍ଲା ବୈଠକ ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଗ ଗୁରୁ ତଥା ଯୋଗ ପ୍ରଚାରକ ଧରଣୀଧର କରଙ୍କୁ ବିଶ୍ୱ ଯୋଗଗୁରୁ ବାବା ରାମଦେବଙ୍କ ଭାରତ ସ୍ୱାଭିମାନ ରାଜ୍ୟ ସଂଗଠନ ପ୍ରମୁଖ ସୁଧାଂଶୁ ଶେଖର ଅଧିକାରୀ ତାଙ୍କୁ ଜିଲ୍ଲା ସଂଗଠନର ପ୍ରମୁଖ ଦାୟିତ୍ୱ ପ୍ରଦାନ କରିଛନ୍ତି। ତାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ସେ ବାବା ରାମଦେବ ଓ ଓଡିଶା ରାଜ୍ୟ ପ୍ରଭାରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଜିଲ୍ଲାର ସମସ୍ତ ଯୋଗ ଶିକ୍ଷକ ଓ ସାଧକ ମାନଙ୍କୁ ମିଳିତ ଭାବରେ ଯୋଗ ନିଜେ ଅଭ୍ୟାସ ଓ ସମଗ୍ର ଜିଲ୍ଲାରେ ଯୋଗର ପ୍ରଚାର ପ୍ରସାର ପାଇଁ ପ୍ରେରଣା ଦେଇଛନ୍ତି। ଯୋଗ କ୍ଷେତ୍ରରେ ଜିଲ୍ଲାର ପ୍ରମୁଖ ଭାବେ ତାଙ୍କୁ ଦାୟିତ୍ୱ ମିଳି ଥିବାରୁ ଶିକ୍ଷକ ଓ କାର୍ଯ୍ୟକର୍ତ୍ତାମାନେ ବହୁତ ଉତ୍ସାହିତ ଅଛନ୍ତି ତାଙ୍କ ଠାରୁ ତାଲିମ ପ୍ରାପ୍ତ ହୋଇ ଶତାଧିକ ଯୋଗ ଶିକ୍ଷକ ବିଭିନ୍ନ ଡାକ୍ତର ଖାନା ମାନଙ୍କରେ ଯୋଗ ଶିକ୍ଷକ ଭାବରେ ନିଯୁକ୍ତି ପାଇ ପାରିଛନ୍ତି। କାର୍ଯ୍ୟକର୍ତ୍ତାମାନେ ମଧ୍ୟ ସଂଗଠନର ବିସ୍ତାର ନିମିତ ଆଶାବାଦୀ ଅଛନ୍ତି। ବୈଠକରେ ଅତିଥି ଭାବେ ଯୋଗ ଗୁରୁ ସୁରେନ୍ଦ୍ର ଦାସ, ମହିଳା ପ୍ରଭାରୀ ଅର୍ପୀତା ମାହାନ୍ତି, ସହ ପ୍ରଭାରୀ ସସ୍ମିତା ଦାସ, କୋଷାଧ୍ୟକ୍ଷ ହରେକୃଷ୍ଣ ଯେନା, ଯୁବ ପ୍ରଭାରୀ ଚିନ୍ମୟ ସାହୁ, ଗିରିସ୍ ପାଢୀ, ଯୋଗୀ ସଂଜୀବ ନାୟକ, କାହ୍ନୁଚରଣ ସାହୁ, ସଂଜୟ ନାୟକ, ସନ୍ତୋଷ ନାଥ, ପଞ୍ଚାନନ ମିଶ୍ର, ସୁଦର୍ଶନ ଯେନା, ଡ.ଆଚାର୍ଯ୍ୟ, ଆରତୀ ପାଣିଗ୍ରାହୀ, ଆଶାରାଣୀ ମୁଦୁଲି, ରମାମଣୀ ପଣ୍ଡା, ଜୟଶ୍ରୀ ସାହୁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମସ୍ତ କାର୍ଯ୍ୟରେ ସନ୍ତୋଷ ପଣ୍ଡା ମଳୟ ରାଉଳ, କାଳନ୍ଦୀ ପାତ୍ର, ଶିଶିର ପାତ୍ର, ଶ୍ରୀବଚ୍ଛ କର ଓ ଚନ୍ଦ୍ରଶେଖର କର ସହଯୋଗ କରିଥିଲେ।

## ବନ୍ୟା ପୀଡ଼ିତ ୨ ମାସ ଧରି ବନ୍ଧ ଉପରେ; ପ୍ରଶାସନର ନିଘା ନାହିଁ

ଅସୁରାଳି, ୧୪।୯(ସମିସ): ହସନାବାଦ ପଞ୍ଚାୟତ ଅନ୍ତର୍ଗତ ବନବାଗ ଗାଁର ସେବତୀ ମହାଳିକଙ୍କ ବାସଗୃହ ପ୍ରଥମ ବନ୍ୟାରେ ଭାଙ୍ଗି ଯିବାକୁ ୨ ମାସ ବିତିଲାଣି। ବନ୍ୟାର ବିଭୀଷିକା ଏତେ ଭୟଙ୍କର ଥିଲା ଯେ ଘର ସହ ସବୁ ସ୍ମୃତିକୁ ପାଶୋରି ନେଇଛି। ବନ୍ୟା ପରେ ନିଜ ପରିବାର ସହ ବନ୍ଧ ଉପରେ ପାଲ ଟାଣି ଆଶ୍ରୟ ନେଇଥିଲେ ସେ। ଏହି ଅବସ୍ଥାରେ ଆହୁରି ଦୁଇଥର ବନ୍ୟାର ସାମ୍ନା କରି ସେମାନେ ଅତିକ୍ରମ କରିଛନ୍ତି। ପୁଅ ଜଗବନ୍ଧୁ ମହାଳିକ, ବୋହୂ ସୁଭଦ୍ରା ମହାଳିକ, ନାତି ଆଲୋକ ମହାଳିକ ଓ ଅନ୍ୟ ସଦସ୍ୟଙ୍କ ସହିତ ମୋଟ ୧୦ ଜଣ ୨ମାସ ଧରି ବନ୍ଧ ଉପରେ ପାଲ ଟାଣି ରହିଛନ୍ତି। ଗୃହପାଳିତ ପଶୁମାନେ ମଧ୍ୟ ସେମାନଙ୍କ ସହ ଏହି ବନ୍ଧ ଉପରେ ଆଶ୍ରୟନେଉଛନ୍ତି। ଗାଁର ଯେତିକି ଗୃହପାଳିତ ପଶୁ ସବୁ ସେଇ ବନ୍ଧ ଉପରେ ଆଶ୍ରୟ ନେଉଛନ୍ତି ତାଙ୍କରି ସହ ସେବତୀଙ୍କ ପରିବାର ମଧ୍ୟ ଦିନ କାଟୁଛନ୍ତି। ଏପରି ଦୁଃଖଦ ଅବସ୍ଥା ସତ୍ତ୍ୱେ ଏଯାଏଁ ପ୍ରଶାସନ ଦୃଷ୍ଟି ଆଢୁଆଳରେ



ରହିଛି ସେବତୀ ମହାଳିକଙ୍କ ପରିବାର। ଗ୍ରାମବାସୀ ଓ ସାମାଜିକ କାର୍ଯ୍ୟକର୍ତ୍ତାମାନେ ପ୍ରଶାସନଙ୍କ ନିକଟରେ ଅନୁରୋଧ କରୁଛନ୍ତି ଯେ ସେବତୀ ମହାଳିକଙ୍କ ପରିବାର ପାଇଁ ତୁରନ୍ତ ଆଶ୍ରୟ ଓ ସହାୟତା ବ୍ୟବସ୍ଥା କରାଯାଉ। ଏହାସହ ଖୋଦ୍ ସେବତୀ ନିଜ ପାଇଁ ଆଶ୍ରୟ ନିମନ୍ତେ ଦାବି କରିଛନ୍ତି।

## ନାଟ୍ୟକାର ଦେବେନ୍ଦ୍ର ତ୍ରିପାଠୀଙ୍କ ସ୍ମୃତିସଭା

ବନ୍ତ/ଆଗରପଡ଼ା, ୧୪।୯(ସମିସ): ଓଡ଼ିଶା ଯାତ୍ରାଜଗତ ଚର୍ଚ୍ଚିତ ନାଟ୍ୟକାର ତଥା ବରିଷ୍ଠ ରାଜନେତା ଦେବେନ୍ଦ୍ର ତ୍ରିପାଠୀଙ୍କର ଦ୍ୱାଦଶାହରେ ଆଗରପଡ଼ାସ୍ଥିତ ରାଜନଗର ମଙ୍ଗଳପୁର ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଦେବେନ୍ଦ୍ର ଯାତ୍ରା ଜଗତର ବାଦଶାହା ଥିଲେ। ମା ଡାକୁଛି ଆ, ବାପଘର ସୁଖ ସରିଗଲା, ଏତେ ସପନକୁ ରାତି କାହିଁ ପରି ଅନେକ ଲୋକପ୍ରିୟ ଯାତ୍ରା ନାଟକ ସେ ରଚନା କରି ଚର୍ଚ୍ଚାକୁ ଆସିଥିଲେ ବୋଲି ଅତିଥିମାନେ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ଦାଶ, ସତ୍ୟ ସାଧନ ବେଜ,ସମାଜସେବୀ ରବିନ୍ଦ୍ର ରାୟ, ପ୍ରାକ୍ତନ ବ୍ଲକ ଅଧକ୍ଷ ମୁରଲୀଧର ପଣ୍ଡା,ସୁପ୍ରିମକୋର୍ଟ ଆଡ଼ଭୋକେଟ ଜଗତମୋହନ ସିଂହ, ପ୍ରୀତିଶ୍‌କାନ୍ତ ଶତପଥୀ, ଅଶୋକ ପାଣିଗ୍ରାହୀ, ସାମ୍ବାଦିକ ରବିନାରାୟଣ ଖିଲାର, ଅଶ୍ୱିନୀ ପାଢ଼ୀ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ।

## ବନ୍ୟାବିପନ୍ନଙ୍କୁ ରିଲିଫ୍ ବଣ୍ଟନ






ଧାମନଗର/ଅସୁରାଳି, ୧୪।୯(ସମିସ): ଧାମନଗରରେ ଚଳିତ ବର୍ଷର ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ (ଏମ୍‌ଏସ୍‌କିୟୁ) କମ୍ପାନୀ ତରଫରୁ ହସନାବାଦ ପଞ୍ଚାୟତ ଗୋପବନ୍ଧୁ ନଗର କଲ୍ୟାଣ ମଣ୍ଡପଠାରେ ବନ୍ୟାବିପନ୍ନଙ୍କୁ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ଅପରାହ୍ନରେ ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତଠାରେ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଚୁଡାକୁଟି ପଂଚାୟତର ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼ଙ୍କ ସଭା ସଂଚାଳନାରେ ମୁଖ୍ୟଅତିଥି ଭାବେ ଧୁଷୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ୧୦୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ସମାଜସେବୀ ହିମାଂଶୁ ମଲ୍ଲିକ, ଉମେଶଚନ୍ଦ୍ର ତ୍ରିପାଠୀ, ଗଗନ ଜେନା, ବିନୋଦ ନାୟକ, ଦେବେନ୍ଦ୍ର ପଣ୍ଡା, ଧରଣୀଧର ବସନ୍ତିଆ, ରଞ୍ଜନ ଭୂୟାଁଙ୍କ ସମେତ ସ୍ଥାନୀୟ ଲୋକପ୍ରତିନିଧି, ବୁଦ୍ଧିଜୀବୀ, ଯୁବକ, ମହିଳା ପ୍ରମୁଖ ଉପସ୍ଥିତ ରହି ଏମ୍ ଏସ୍‌କିୟୁ କମ୍ପାନୀ ତରଫରୁ ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଏବଂ ଭିନ୍ନକ୍ଷମ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଉକ୍ତ କମ୍ପାନର ଅତିରିକ୍ତ ଅଧିକାରୀ ସତ୍ୟରଞ୍ଜନ ପତି ଓ କର୍ମକର୍ତ୍ତା ଦୀନକୃଷ୍ଣ ମହାପାତ୍ର, ବିବେକାନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପୂର୍ବରୁ ଅର୍ଜୁନପୁରଠାରେ ଉକ୍ତ କମ୍ପାନୀ ପକ୍ଷରୁ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ତତ୍ତ୍ୱାବଧାନରେ ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ତଥା ରିଲିଫ ବଣ୍ଟନ କରାଯାଇଥିଲା।

## ମାଧ୍ୟମିକ ଶିକ୍ଷା ପରିଷଦର ତ୍ରୁଟି ପାଇଁ ଏ-୧ରୁ ବଞ୍ଚିତ ହେଲେ ମେଧାବୀ ଛାତ୍ର

ଭଦ୍ରକ, ୧୪।୯(ସମିସ)

ମାଟ୍ରିକ ପରି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ଖାତାଦେଖା ଓ ଖାମଖିଆଲି ଭାବେ ଖାତା ଦେଖିବା ଯୋଗୁଁ ଏ୧ ଗ୍ରେଡରୁ ବଞ୍ଚିତ ହେଲେ ଜଣେ ମେଧାବୀ ଛାତ୍ର। ମିଳିଲାନି ମନ ପସନ୍ଦ କେଲେଜରେ ସିଟ୍। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ ମିନାମୁନି ଉଚ୍ଚ ବିଦ୍ୟାଳୟରେ। ଛାତ୍ର ଜନ୍ମେଜୟ ମହାନ୍ତି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୩୫ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ବିଜ୍ଞାନରେ ୮୧ ମାର୍କ ଥିବାରୁ ଏଥିରେ ସନ୍ତୁଷ୍ଟ ହୋଇ ନ ଥିଲେ ଜନ୍ମେଜୟ। ପୁନଃ ମୂଲ୍ୟାଙ୍କନ ପାଇଁ ଦାବି କରିଥିଲେ। ନିଜ ପିଲାର ଦୃଢତା ଦେଖି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ ବାପା କୃଷ୍ଣଚନ୍ଦ୍ର ମହାନ୍ତି। ପୁଅ ଖାତାର ପୁନଃ ମୂଲ୍ୟାଙ୍କନ ସହ ପରୀକ୍ଷା ଖାତାର କପି ପାଇବା ପାଇଁ ଆବେଦନ କରିଥିଲେ।



ମାତ୍ର ପୁନଃ ମୂଲ୍ୟାଙ୍କନ ପରେ ମାର୍କରେ କୌଣସି ପରିବର୍ତ୍ତନ ହୋଇ ନଥିଲା। ହେଲେ ପରୀକ୍ଷା ଖାତାର ନକଲରୁ ଜଣା ପଡିଲା କି ଖାତାର ୪ନମ୍ବର ପେଜକୁ ପରୀକ୍ଷକ ବିଲକୁଲ ଦେଖି ନାହାଁନ୍ତି। ତା ସହିତ କିଛି ପ୍ରଶ୍ନର ଉତ୍ତର ସଠିକ ଥିଲେ ମଧ୍ୟ ଠିକ ମାର୍କ ଦିଆଯାଇ ନାହିଁ। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏ ବିଷୟରେ ଜନ୍ମେଜୟଙ୍କ ବାପା ବୋର୍ଡ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିଲା ନାହିଁ। ଯଦି ଠିକ ଭାବେ ଜନ୍ମେଜୟର ର ଖାତାକୁ ଦେଖା ଯାଇଥାନ୍ତା ତେବେ ୧୧ ମାର୍କ ବଢିବ ବୋଲି ଦାବି କରନ୍ତି ଶିକ୍ଷକ। ଏପଟେ କମ ମାର୍କ ପାଇବା ଯୋଗୁଁ ମାନସିକ ସ୍ତରରେ ଭାଙ୍ଗିପଡିଲେ ଜନ୍ମେଜୟ, ମିଳିଲାନି ମନ ପସନ୍ଦର କଲେଜରେ ଆଡ଼ମିଶନ। ବୋର୍ଡ କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁଁ ବଳିପଡ଼ିଲା ମେଧାବୀ ଛାତ୍ରଙ୍କ ସ୍ୱପ୍ନ। ଖାତାର ପୁନଃ ମୂଲ୍ୟାଙ୍କନ କରି ଉଚିତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି ପିତାମାତା।

# ହାଟଡ଼ିହୀ ତହସିଲରେ କର୍ମଚାରୀ ଅଭାବ; ହିତାଧିକାରୀ ହନ୍ତସନ୍ତ

## କାର୍ଯ୍ୟାଳୟ ଫାଙ୍କା; ମିଳୁନି ରାଜସ୍ୱ ସେବା

ହାଟଡ଼ିହୀ,୧୪।୯ (ସମିସ):

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ ଅଞ୍ଚଳଟି ଆୟତନ କ୍ଷେତ୍ରରେ ସମଗ୍ର ଜିଲ୍ଲାର ସର୍ବବୃହତ ଭାବେ ବିବେଚିତ ହେଉଥିଲା ବେଳେ ଏଠାରେ କର୍ମଚାରୀଙ୍କ ଅଭାବ। ତହସିଲଦାରଙ୍କ ସ୍ଥାନଠାରୁ ଆରମ୍ଭ କରି ରାତ୍ର ଜଗୁଆଳି ଯାଏଁ ମୋଟ୍ ୭୭ଜଣ ଅଧିକାରୀ ଓ କର୍ମଚାରୀଙ୍କ ସ୍ଥାନ ରହିଛି। ବର୍ତ୍ତମାନ ୩୧ଜଣ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ୪୬ଜଣଙ୍କ ସ୍ଥାନ ଫାଙ୍କା ପଡ଼ିଛି। ତହସିଲ ଅଞ୍ଚଳଟି ବିସ୍ତୃତ କ୍ଷେତ୍ର ଏବଂ ଜନସଂଖ୍ୟା ଅନୁଯାୟୀ ଏଠାକୁ ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟ ନେଇ ଆସିଥା'ନ୍ତି। ଅଧିକାରୀ ଓ କର୍ମଚାରୀ ଅଭାବରୁ ମାସ ମାସ ବିତୁଥିଲେ ବି ଲୋକେ ସମୟ ଅନୁସାରେ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଜାଗା ଚିହ୍ନଟ ଓ ଜମିଜମା ମାପଚୁପ ପାଇଁ ଆବେଦନ କରୁଥିବା ହିତାଧିକାରୀଙ୍କ କାର୍ଯ୍ୟରେ ମୁଖ୍ୟ ସମସ୍ୟା ଉପୁଜୁଛି। ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ ଓ ଚେନ୍‌ମ୍ୟାନ୍, ପ୍ରକ୍ରିୟା ସର୍ଭର ଓ




ଚପରାସୀ ସ୍ଥାନ ପୂରଣ ହେଲେ କାର୍ଯ୍ୟ ପ୍ରକ୍ରିୟାର ଗତି ଚଞ୍ଚଳ ହୋଇପାରନ୍ତା।

ସେକ୍ସନ ଅଫିସର ଭୁବନେଶ୍ୱର ମହାପାତ୍ରଙ୍କ ବଦଳି ପରେ ଉକ୍ତ ସ୍ଥାନଟି ଫାଙ୍କା ରହିଥିବା ବେଳେ ଏହି ସ୍ଥାନରେ ଜଣେ ବରିଷ୍ଠ ସହାୟକଙ୍କୁ ଅସ୍ଥାୟୀ ଭାବେ କାର୍ଯ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି। ଜଣେ କର୍ମଚାରୀ ଏକାଧିକ କାର୍ଯ୍ୟ କରିବାରୁ କାର୍ଯ୍ୟ ବିଳମ୍ବ ଘଟୁଛି। ରାଜସ୍ୱ ପରିଦର୍ଶକ ସ୍ଥାନରେ ୨ଜଣ କର୍ମଚାରୀ କାର୍ଯ୍ୟ କରିବା ବଦଳରେ ଜଣେ ହିଁ ସମସ୍ତ ଦାୟିତ୍ୱ ତୁଲାଉଛନ୍ତି। ରାଜସ୍ୱ ନିରୀକ୍ଷକ ଭାବେ ମୋଟ୍ ୧୧ଜଣରୁ ୯ଜଣ କାର୍ଯ୍ୟରତ ଥିବାବେଳେ ୨ଜଣଙ୍କ ସ୍ଥାନ ଫାଙ୍କା ରହିଛି। ସହକାରୀ ରାଜସ୍ୱ ନିରୀକ୍ଷକ ଭାବେ ମୋଟ୍ ୧୧ଟି ସ୍ଥାନରୁ ମାତ୍ର ୨ଜଣ କାର୍ଯ୍ୟରତ ଏବଂ ୯ଗୋଟି ସ୍ଥାନ ଫାଙ୍କା ପଡ଼ିଛି। ସେହିପରି ୨ଜଣ ଅମିନ କାର୍ଯ୍ୟରତ ଥିବାବେଳେ ୯ଟି ସ୍ଥାନ ଫାଙ୍କା ରହିଛି। ଚେନ୍‌ମ୍ୟାନ୍ ସ୍ଥାନରେ ୬ଜଣ ରହିବା ଜାଗାରେ ୨ଜଣ କାର୍ଯ୍ୟ କରୁଛନ୍ତି। ୪ଟି ସ୍ଥାନ ଫାଙ୍କା ରହିଛି। ପ୍ରକ୍ରିୟା ସର୍ଭର କାର୍ଯ୍ୟ ପାଇଁ ୪ଜଣ କର୍ମଚାରୀ ଆବଶ୍ୟକ ଥିବାବେଳେ ସେହି ସ୍ଥାନରେ କେହି ଜଣେ ବି କାର୍ଯ୍ୟରତ ନାହାନ୍ତି। କାର୍ଯ୍ୟାଳୟରେ ମୋଟ ୧୩ଜଣ ଚପରାସୀଙ୍କ ଆବଶ୍ୟକ ରହିଥିବା ବେଳେ ମାତ୍ର ଜଣେ ହିଁ କାର୍ଯ୍ୟ କରୁଛନ୍ତି। ରେଷ୍ଟସେଡ୍ ୱାଚମ୍ୟାନ ସ୍ଥାନରେ ୩ଜଣ କର୍ମଚାରୀଙ୍କ ଆବଶ୍ୟକ ଥିବାବେଳେ ଏଥିରେ କେହି ଜଣେ ମଧ୍ୟ ନିଯୁକ୍ତି ପାଇନାହାନ୍ତି। ପଦଗୁଡ଼ିକ ଫାଙ୍କା ପଡ଼ିଥିବାରୁ କାର୍ଯ୍ୟାଳୟର କାର୍ଯ୍ୟ ପ୍ରକ୍ରିୟା ମନ୍ଥର ହେଉଛି। ଲୋକଙ୍କ କାର୍ଯ୍ୟ ହୋଇପାରୁ ନଥିବାରୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ତହସିଲଦାର ଶିବବ୍ରତ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କହିଥିଲେ, ଏଠାରେ ସେ ନିଯୁକ୍ତି ପାଇବା ପରେ ଏଭଳି ସମସ୍ୟା ସମ୍ପର୍କରେ ଅନୁଭବ କରି ଉପଖଣ୍ଡ ଏବଂ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛନ୍ତି। ଖୁବ୍‌ଶୀଘ୍ର ଏହାର ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ବୋଲି ତହସିଲଦାର ଶ୍ରୀ ତ୍ରିପାଠୀ ଜଣାଇଛନ୍ତି।

■ ବର୍ଷତମାମ୍ ଗାଁ ଦାଣ୍ଡରେ ଜମୁଛି ପାଣି

# ଅସ୍ୱାସ୍ଥ୍ୟକର ପରିବେଶରେ ୫୦ ପରିବାର

ରାମଚନ୍ଦ୍ରପୁର,୧୪।୯ (ସମିସ): ନେତାଠାରୁ ପ୍ରଶାସନିକ ଅଧିକାରୀଙ୍କଠାରେ ଅନେକଥର ଗୁହାରିକରି ଦୀର୍ଘଦିନ ହେଲା ଅସ୍ୱାସ୍ଥ୍ୟକର ପରିବେଶରେ ଜୀବନ ଅତିବାହିତ କରି ଆସୁଛନ୍ତି ଘଷିପୁରା ବ୍ଲକ ଅଙ୍ଗାରୁଆ ତଳସାହିର ୫୦ ପରିବାର। ସାହିର ମୁଖ୍ୟରାସ୍ତା ଉପରେ ଅନବରତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଡ୍ରେନେଜ ସୁବିଧା ନଥିବାରୁ ସେହି ଦୁର୍ଗନ୍ଧ ପାଣିରେ ପଶି ଲୋକେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ପାଣି ଜମିରହିଥିବା ନଳକୂପ ଏବଂ ପାଣିଟ୍ୟାପରୁ ମଧ୍ୟ ଲୋକେ ପିଇବା ପାଣି ସଂଗ୍ରହ କରୁଛନ୍ତି। କିଡନୀଜନିତ ରୋଗ, ଡେଙ୍ଗୁ, ମେଲେରିଆ, ଥଣ୍ଡାଜ୍ୱର, ଝାଡାବାନ୍ତି ସହ ଅନେକ ସଂକ୍ରାମକ ରୋଗର ଶିକାର ହେଉଛନ୍ତି। ଏଠି



### ଡ୍ରେନ୍ ନହେଲେ ଭୋଟ୍ ବର୍ଜନ ଚେତାବନୀ

ପ୍ରଶାସନିକ ଅବହେଳା କାରଣରୁ ସରକାରୀ ଯୋଜନା ସତେ ଯେମିତି ଫେଲ ମାରିଛି। ତ୍ରୁଟିପୂର୍ଣ୍ଣ ରାସ୍ତା ଏବଂ ତଳସାହି ଡ୍ରେନେଜ୍ ବ୍ୟବସ୍ଥାକୁ ସଠିକ ଢଙ୍ଗରେ କରାଯାଇ ନଥିବାରୁ ସାମାନ୍ୟ ବର୍ଷା ହେଲେ ମଧ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଦୀର୍ଘ ଦିନର ଏହି ସମସ୍ୟାକୁ ସମାଧାନ କରିବାକୁ ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି, ସବୁଠି କେବଳ ପ୍ରତିଶୃତି ମିଳିଛି, ହେଲେ କାର୍ଯ୍ୟ ଶୂନ। ସାହିବାସିନ୍ଦା ଏଥିନେଇ ଏବେ ଭୋଟ ବର୍ଜନ ଭଳି ଚରମ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ସ୍ୱାଇଁ, ରବିନ୍ଦ୍ର ପଟ୍ଟନାୟକ, ମହେନ୍ଦ୍ର ସା, ସୁରେନ୍ଦ୍ର ସା, ଅକ୍ଷୟ ସେଠୀ, ଲକ୍ଷ୍ମୀଧର ସା, ପିତାମ୍ବର ସେଠୀ, ବୀଣାପାଣୀ ପଣ୍ଡା, ଗୀତାଞ୍ଜଳି ଦାସ, ମନୋରମା ସେଠୀ, କାଞ୍ଚନ ବାରିକ, ହେମଲତା ସେଠୀ ପ୍ରମୁଖ ଏନେଇ ଚେତାବନୀ ଦେଇଛନ୍ତି।

# ବିଦ୍ୟାଳୟକୁ ବିପଦ ବିଦ୍ୟୁତ ତାର

କୁଆମରା,୧୪।୯ (ସମିସ): ବିଦ୍ୟାଳୟ ପରିସରରେ ଅତି ବିପଜ୍ଜନକଭାବେ ୩୩ କେଭି ବିଦ୍ୟୁତ୍ ଟଣାଯାଇଛି। ଏ ନେଇ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ଶୁଣୁନାହାନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଛାତ୍ରାବାସରେ ୫୦ ପିଲା ରହିଛନ୍ତି। ଏହି ବିପଦପୂର୍ଣ୍ଣ ତାର ସ୍ମାର୍ଟ କ୍ଲାସ ରୁମ ଉପର ଦେଇଯାଇଛି। ଯେଉଁଠି ନବମ ଓ ଦଶମ ଶ୍ରେଣୀର୍ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏଥିସହିତ ଛାତ୍ରାବାସରେ ରହିଥିବା ପିଲା ବିପଦପୂର୍ଣ୍ଣ ତାର ତଳେ ଖେଳାବୁଲା କରୁଛନ୍ତି। ଏଣୁ ଛାତ୍ରଛାତ୍ରୀଙ୍କ ମୁଣ୍ଡ ଉପରେ ସର୍ବଦା ବିପଦ ଝୁଲୁଛି। କେତେବେଳେ କେଉଁ ସମୟରେ ବିପଦ ଘଟିବ ତାହା କହି ହେବ ନାହିଁ। ତେବେ ଏ ନେଇ ଗତ ୨୦୨୩ ମସିହା ଜୁନ୍ ମାସରେ ଖୁଣ୍ଟା ବିଦ୍ୟୁତ ବିଭାଗ ଏସ୍‌ଡିଓ ଏବଂ ମାଣତ୍ରୀ କନିଷ୍ଠ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦିଆ ଯାଇଥିବାର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲା କହିଛନ୍ତି। ମାତ୍ର ଅଭିଯୋଗକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେଇ ନିରବ ଦ୍ରଷ୍ଟା ସାଜିଛନ୍ତି। ଆଗାମୀ ଦିନରେ ତାର ନ ହଟିଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ଅଭିଭାବକ।

# ବାଲିବରେଇ ହାଇସ୍କୁଲ ଉନ୍ନତିକରଣ ପ୍ରକଳ୍ପ କାର୍ଯ୍ୟକ୍ଷମ



ହାଟଡ଼ିହୀ,୧୪।୯ (ସମିସ): ହାଟଡ଼ିହୀ ବ୍ଲକ ବାଲିବରେଇ ହାଇସ୍କୁଲଠାରେ ବିଧାୟକଙ୍କ ପାଣ୍ଠିରୁ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସୋଲାର ଲାଇଟ୍ ମାଧ୍ୟମରେ ଆଲୋକୀକରଣ ସୁବିଧା ସହିତ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପର ଶୁଭ ଉଦଘାଟନ ହୋଇଯାଇଛି। ଉତ୍ସବରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲା ବେଳେ ସ୍ଥାନୀୟ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅଞ୍ଚଳର ବରିଷ୍ଠ କନିଷ୍ଠ ବିଜେଡ଼ି କର୍ମୀମାନେ ସାମିଲ ହୋଇଥିଲେ। ବିଧାୟକଙ୍କ ପାଣ୍ଠିରୁ ଆଲୋକୀକରଣ ସହ ବିଶୁଦ୍ଧ ପାନୀୟଜଳ ଏବଂ ପରିମଳ ବ୍ୟବସ୍ଥା ହୋଇପାରିଥିବାରୁ ବିଧାୟକଙ୍କୁ ସ୍ଥାନୀୟ ବାସିନ୍ଦାଙ୍କ ସହ ସ୍କୁଲ କର୍ତ୍ତୃପକ୍ଷ ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ସ୍କୁଲର ଅନ୍ୟ ମୌଳିକ ସମସ୍ୟା ମଧ୍ୟରୁ ରୋଷେଇ ଘର ସହ ଡାଇନିଙ୍ଗ ହଲ୍ ଏବଂ ଖେଳପଡ଼ିଆ ଉନ୍ନତିକରଣ ପାଇଁ ବିଦ୍ୟାଳୟ ପକ୍ଷରୁ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍କୁଲରେ ଥିବା ଅନ୍ୟାନ୍ୟ ମୌଳିକ ସମସ୍ୟାଗୁଡ଼ିକ ଯଥାଶୀଘ୍ର ସମାଧାନ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ

ହାଟଡ଼ିହୀ, ୧୪।୯ (ସମିସ): ହାଟଡ଼ିହୀ ବ୍ଲକ୍ ବାଙ୍ଗୋର ପଞ୍ଚାୟତସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଚାରା ରୋପଣ ହୋଇଯାଇଛି। ଅସନ୍ତୁଳିତ ଜଳବାୟୁକୁ ପୁନର୍ବାର ସନ୍ତୁଳିତ କରିବା ଲକ୍ଷ୍ୟରେ ପରିବେଶକୁ ସବୁଜିମାରେ ପୂର୍ଣ୍ଣାଙ୍ଗ କରିବାକୁ ନେଇ ବୃକ୍ଷରୋପଣ ହିଁ ଏକମାତ୍ର ଉପାୟ ବୋଲି କୁହାଯାଇଛି। ବିଜେଡ଼ି କର୍ମୀ ବସନ୍ତ ପଢ଼ିଆରୀଙ୍କ ସଂଯୋଜନାରେ ଆଜି ମନ୍ଦିର ପ୍ରାଙ୍ଗଣରେ ଚାରା ରୋପଣ ହୋଇଛି। ଏଥିରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣର ଶୁଭାରମ୍ଭ କରିଥିବା ବେଳେ ଗ୍ରାମବାସୀ ସାମିଲ ହୋଇଥିଲେ।

# ଚାକିରି ଜୀବନ ଆରମ୍ଭ ଯେଉଁଠି ଅବସର ଗ୍ରହଣ ସେଇଠୁ



ରାମଚନ୍ଦ୍ରପୁର,୧୪।୯ (ସମିସ): ଘଷିପୁରା ବ୍ଲକ ପୁରୁଣାବାନ୍ଧଗୋଡା ପଞ୍ଚାୟତ ନଣ୍ଡାବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତକୁମାର ଧୀରଙ୍କୁ ବିଦ୍ୟାଳୟ ତଥା ଗ୍ରାମବାସୀଙ୍କ ପକ୍ଷରୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ସଂଜିବ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ଘସିପୁରା ବ୍ଲକ ଶିକ୍ଷକ ସଂଘ ସଭାପତି ରଞ୍ଜନ ପାତ୍ର, ନିଖିଳ ଉତ୍କଳ ଶିକ୍ଷକସଂଘର ପରାମର୍ଶଦାତା ପ୍ରତାପ ନାୟକ, ଶିକ୍ଷାବିତ ରାମଚନ୍ଦ୍ର ଚକ୍ର, ପୂର୍ବତନ ସରପଞ୍ଚ ବୈଷ୍ଣବଚରଣ ସେନାପତି, ଗାଁ ମୁରବୀ ନିରଞ୍ଜନ ଜେନା ଏବଂ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଉମାକାନ୍ତ ଜେନା ଯୋଗ ଦେଇଥିଲେ। ଶ୍ରୀ ଧୀର ୨୦୦୨ରୁ ନଣ୍ଡାବର ଉପ୍ରା ବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରିବା ପରେ ଅଲତି, ରାମଚନ୍ଦ୍ରପୁର ଏବଂ ବରାଙ୍ଗ ସିଆରସି ଭଳି ଗୁରୁଦାୟିତ୍ୱ ନିଷ୍ଠାପର ଭାବେ ସମ୍ପାଦନ କରିଥିଲେ। ୨୯ ବର୍ଷ ଧରି ଶିକ୍ଷକତା କରିବା ପରେ ସେହି ନଣ୍ଡାବର ଉପ୍ରା ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଗ୍ରାମବାସୀ ତଥା ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସହକର୍ମୀ ତଥା ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରାଙ୍ଗ ସିଆରସିସି ବିଶିକେଶନ ଭୂୟାଁ ସଭା ପରିଚାଳନା କରିଥିଲେ। ଘସିପୁରା ବ୍ଲକ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକଶିକ୍ଷୟିତ୍ରୀମାନେ ଶ୍ରୀ ଧୀରଙ୍କ ଅବସର ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷକଙ୍କୁ ଏକ ବିରାଟ ପଟୁଆରରେ ତାଙ୍କ ପୈତୃକ ଗ୍ରାମ ପୁରୁଣାବାନ୍ଧଗୋଡାକୁ ପାଛୋଟି ନିଆଯାଇଥିଲା।

■ ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ

# ବରିଷ୍ଠ ସମାଜ ଓ ପରିବାର ପାଇଁ ଅମୂଲ୍ୟ ସମ୍ପଦ




ବଡସାହି,୧୪।୯ (ସମିସ): ବଡସାହି ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ ରବିବାର ସଭାପତି ସୁନୀଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିରୂପେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶ୍ୟାମସୁନ୍ଦର ଦାସ, ସମ୍ମାନିତ ଅତିଥି ଭାବେ ବଡସାହି ବଧାୟକ ସନାତନ ବିଜୁଳି, ପୂର୍ବତନ ବିଧାୟକ କାନ୍ଦରା ସରେନ ଓ ତହସିଲଦାର କରୁଣାକର ଧିନ୍ଦା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ବହୁ ଉପାଦେୟ କଥା କହିବା ସହିତ ବରିଷ୍ଠ ହେଉଛନ୍ତି ଦେଶ, ସମାଜ ଓ ପରିବାର ପାଇଁ ଅମୂଲ୍ୟ ସମ୍ପଦ। ତେଣୁ ସେମାନଙ୍କର ଅଭିଜ୍ଞତା ସମାଜ ଓ ଯୁବପିଢିଙ୍କ ପାଇଁ ପ୍ରେରଣା ହେଉ ବୋଲି ବକ୍ତବ୍ୟ ରଖିଥିଲେ। ଉପ ସଭାପତି ସୁବୋଧ କୁମାର ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସଂପାଦକ ରତ୍ନାକର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ବଡସାହି ଅଞ୍ଚଳର ବିକାଶ ପ୍ରସଙ୍ଗକୁ ନେଇ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ମନ୍ତ୍ରୀ ଓ ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ବଡସାହିକୁ ଏନଏସି ମାନ୍ୟତା ସହିତ ସବଟ୍ରେଜେରୀ ଓ ବସଷ୍ଟାଣ୍ଡ ନିର୍ମାଣ, ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟାଳୟ ପାଇଁ ଜମି ଓ ସ୍ଥାୟୀ ଗୃହ ନିର୍ମାଣ, ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ପାଇଁ ଭତ୍ତା ୧ହଜାର ଟଙ୍କାରୁ ୩ହଜାର ଟଙ୍କାକୁ ବୃଦ୍ଧି, ଆୟୁଷ୍ମାନ ଭାରତ ଯୋଜନାକୁ ୭୦ ପରିବର୍ତ୍ତେ ୬୦ବର୍ଷରୁ ଉର୍ଦ୍ଧ୍ୱଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ କରିବା, ରେଳଗାଡି ଯାତ୍ରା ସମୟରେ ପୂର୍ବ ପ୍ରଚଳିତ ରିହାତି ପ୍ରଦାନ କରିବା, ବେତନଟୀରୁ ନୀଳଗିରି ଭାୟା ବଡସାହି ଓ ଉଦଳା ଦେଇ ନୂତନ ରେଳଲାଇନ ସଂଯୋଗୀକରଣ କରିବା, ବେତନଟୀ, ଉଦଳା ଭାୟା ବଡସାହି ରାସ୍ତାର ପ୍ରଶସ୍ତିକରଣ କରିବା ଆଦି ଦାବି ରହିଛି। ମନ୍ତ୍ରୀ ଶ୍ରୀ ମହାପାତ୍ର ଏନଏସି ସହିତ ଅନ୍ୟ ଦାବିଗୁଡିକ କିପରି କାର୍ଯ୍ୟକାରୀ ହୋଇପାରିବ ସେଥିପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମନେରଂଜନ ବଳା, ସୁଷମା ପାତ୍ର, ଡାକ୍ତର ସୁବୋଧ କୁମାର ଦାସ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସିଂ, ପୂର୍ବତନ ବାୟୁସେନା ଅଫିସର ସରୋଜ କୁମାର ବେହେରା, ପୂର୍ବତନ ମାଇନିଂ ଅଫିସର ଶ୍ୟାମସୁନ୍ଦର ସିଂ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ମହେଶ୍ୱର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦ରେ କୁଡମୀ ସମାଜର ରେଲରୋକ

ବାରିପଦା, ୧୪।୯ (ସମିସ): ନିଜର ହକ ଅଧିକାର ଏବଂ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକାରେ ସାମିଲ ଦାବି କରାଯାଇଛି। କୁଡୁମୀ ସମାଜ କେନ୍ଦ୍ରୀୟ କମିଟି ନିର୍ଦ୍ଦେଶ ଅନୁସାରେ ଝାରଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡିଶାରେ କୁଡୁମୀ ସମାଜ ତରଫରୁ ଆଗମୀ ସେପ୍ଟେମ୍ବର ୨୦ ତାରିଖରେ ରେଲରୋକ ଆନ୍ଦୋଳନ ହେଉଥିବା ବେଳେ ବାରିପଦା ଭଞ୍ଜପୁର୍ ରେଳ ଷ୍ଟେସନରେ ରେଲରୋକ ଆନ୍ଦୋଳନ କରାଯିବ। ଏ ବାବଦରେ ସୋମବାର ଅପରାହ୍ନରେ ସମୟରେ ବାରିପଦା ଛଉ ପଡିଆ ନିକଟରେ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ତଥ୍ୟ ପ୍ରଦାନ କରିବେ ବୋଲି ଆଦିବାସୀ କୁଡୁମୀ ସମାଜର ଜିଲ୍ଲା ସଭାପତି ନିରଞ୍ଜନ ମହାନ୍ତ ସୂଚନା ଦେଇଛନ୍ତି।

# ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳିତ

ଶରତ, ୧୪।୯ (ସମିସ): ଶରତ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୟୁଥ୍ ରେଡକ୍ରସର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ଼ ଭଗବାନ ପଣ୍ଡା ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଉପଚାର ଦିବସର ଗୁରୁତ୍ୱ ସମ୍ବନ୍ଧେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଇତିହାସ ଅଧ୍ୟାପକ ଅଶୋକ କୁମାର ସାହୁ ଓ ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ଦଳେଇ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ମନୋରଞ୍ଜନ ବିହାରୀ ଛାତ୍ରଛାତ୍ରୀଙ୍କୁ ଦୁର୍ଘଟଣା ସମୟରେ କିପରି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ପ୍ରାଥମିକ ଉପଚାର ଦିଆଯାଏ ସେ ନେଇ ବିଭିନ୍ନ କୌଶଳ ଶିଖାଇଥିଲେ।

# ସିଆର୍‌ସିସିଙ୍କ ୫ ଦିନିଆ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ



ବାରିପଦା, ୧୪।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି)ଙ୍କ ନିମନ୍ତେ ଏକ ୫ ଦିନିଆ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଜିଲ୍ଲା ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣୀଙ୍କ ସମେତ ସମସ୍ତ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ/ପ୍ରଶିକ୍ଷିକା ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣରେ ସିଆରସିସିଙ୍କ ଭୂମିକା ଓ କାର୍ଯ୍ୟ, ଜାତୀୟ ଶିକ୍ଷା ନୀତି, ଶିକ୍ଷାର ଗୁଣାତ୍ମକ ଉନ୍ନତି, ପ୍ରାଥମିକ ସ୍ତରରେ ପାଠ୍ୟକ୍ରମ କାର୍ଯ୍ୟାନ୍ୱୟନ, ଶିକ୍ଷାରେ ନେତୃତ୍ୱର ଭୂମିକା, ଅନୁଭୂତି ଆଧାରିତ ଶିକ୍ଷଣ, ନିପୁଣ ଭାରତ ମିଶନ୍, ଶ୍ରେଣୀକକ୍ଷ ପର୍ଯ୍ୟବେକ୍ଷଣ ସାଧନୀ, ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର, ଅନ୍ତର୍ନିବେଶୀ ଶିକ୍ଷା, ସାମାଜିକ ଆବେଗିକ ଆଦି କ୍ଷେତ୍ର ପରିଦର୍ଶନ କରି ବ୍ୟବହାରିକ ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପ୍ରଶିକ୍ଷଣରେ ଜିଲ୍ଲାର ଠାକୁରମୁଣ୍ଡା, ବିଜାତଳା, ଜାମଦା, ବାଙ୍ଗିରିପୋଷି, ମୋରଡ଼ା, କୁଳିଅଣା, ବାରିପଦା ବ୍ଲକର ୪୬ଜଣ ସିଆରସିସି ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ।

# ପୁଣି ନାଟକ ଲେଖିବେ ନାଟ୍ୟକାର ସୂର୍ଯ୍ୟକାନ୍ତ ଆରୁଖ

ଶୁକ୍ଳି, ୧୪।୯ (ସମିସ): ଦୀର୍ଘ ଦୁଇ/ତିନି ଦଶନ୍ଧି ପରେ ପୁଣି ନାଟକ ଲେଖିବେ ନାଟ୍ୟକାର ସୂର୍ଯ୍ୟକାନ୍ତ ଆରୁଖ। ନିର୍ଦ୍ଦେଶକ ରଘୁ ଆଚାର୍ଯ୍ୟଙ୍କ ଅନୁରୋଧ କ୍ରମେ ପୁଣି ଶ୍ରୀ ଆରୁଖ ଲେଖା ଆରମ୍ଭ କରିବେ। ସେ ୩୦ ବର୍ଷ ପୂର୍ବରୁ ଶାଗୁଣା ବସିଛି ଡେଣା ମେଲାଇ ବହି ଲେଖି ଚର୍ଚ୍ଚାକୁ ଆସିଥିଲେ; କିନ୍ତୁ ତାଙ୍କର ପାଣ୍ଡୁଲିପି ନେଇ ଯିବା ପରେ ଆଉ ବହିରେ ନାଟ୍ୟକାର ସୂର୍ଯ୍ୟକାନ୍ତ ଆରୁଖଙ୍କ ନାମ ରହିଲାନାହିଁ। ଯେଉଁଥିପାଇଁ ସେ ଅଭିମାନ କରି ନାଟକ ଲେଖା ବନ୍ଦ କରିଦେଇଥିଲେ। ତେବେ ନିର୍ଦ୍ଦେଶକଙ୍କ ଅନୁରୋଧ ପରେ ପୁଣି ନାଟକ ଲେଖିବେ। ସେଥିପାଇଁ ଆଜି ମୟୂରଭଞ୍ଜର ଖିଚିଂସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କରି ପାଣ୍ଡୁଲିପି ଲେଖା ଆରମ୍ଭ ହେବ। ବହିର ନାମ ରଖାଯାଇଛି, "ବ୍ରହ୍ମ ଚୋରି'। ଏହି ବହିସାମାଜିକ, ପୌରାଣିକ, କାଳ୍ପନିକ, ଇତିହାସ, ବିଜ୍ଞାନ ଉପରେ ଆଧାରିତ ରହିବ। ତେବେ "ବ୍ରହ୍ମ ଚୋରି' ନାଟକ ଶାଗୁଣା ବସିଛି ଡେଣା ମେଲାଇ ଭଳି ନାଟ୍ୟପ୍ରେମୀଙ୍କ ମନ ଛୁଇଁବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



# ନ୍ୟାସନାଲ ଆଦିବାସୀ ମିଡିଆ ଆସୋସିଏସନ ଗଠିତ



ରାଇରଙ୍ଗପୁର/ବହଳଦା, ୧୪।୯ (ସମିସ): ରାଇରଙ୍ଗପୁର ସ୍ଥିତ ଆସେକା ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନ୍ୟାସନାଲ ଆଦିବାସୀ ମିଡିଆ ଏସୋସିଏସନ ଗଠିତ ହୋଇଯାଇଛି। ବୈଠକରେ ସଂଗଠନର ସଭାପତି ଭାବେ ବୁଦ୍ଧେଶ୍ୱର କିସ୍କୁ, ଉପସଭାପତି ବାବଲୁ ଟୁଡୁ, ସଂପାଦକ ରମେଶ ସୋରେନ୍, କୋଷାଧ୍ୟକ୍ଷ ବାରିଆଲ ହେମ୍ବ୍ରମ, ଯୁଗ୍ମ କୋଷାଧ୍ୟକ୍ଷ ଛୋଟରାୟ ମୁର୍ମୁ, ଉପଦେଷ୍ଟା ଚୁନାରାମ ମାଝୀ ଏବଂ ସାମାଜିକ ଉପଦେଷ୍ଟା ଭାବେ ଜଗଦୀଶ ମୁର୍ମୁ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ଅବସରରେ ସମ୍ବାଦିକମାନେ ସଂଗଠିତ ହୋଇ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଥିଲେ। ଏହାଦ୍ୱାରା ଆଦିବାସୀଙ୍କ ଶିକ୍ଷା, ପରମ୍ପରା, ସାମାଜିକ ବ୍ୟବସ୍ଥା ଓ ସଂସ୍କୃତି ବଞ୍ଚାଇବା ସହିତ ମୁଖ୍ୟସ୍ରୋତରେ ସାମିଲ ହେବାରେ ସହଯୋଗ କରିପାରିବେ। ବୈଠକରେ ଓଡିଶା, ଝାରଖଣ୍ଡ, ବିହାର ଓ ବେଙ୍ଗଲର ଆଦିବାସୀ ସାମ୍ବାଦିକ ଓ ସାମାଜିକ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଆଦିବାସୀ କୁଡୁମୀ ସମାଜର ନୂତନ କମିଟି ଗଠିତ

# ଏସ୍‌ଟି ତାଲିକାରେ ସାମିଲ ନ କଲେ ଆନ୍ଦୋଳନ

ବଡ଼ସାହି,୧୪।୯ (ସମିସ):

ବଡ଼ସାହି ବ୍ଲକ ଆଦିବାସୀ କୁଡୁମୀ ସମାଜର ଏକ ନୂତନ କମିଟି ଗଠନ ହୋଇଛି। ବ୍ଲକର ୩୦ଟି ପଞ୍ଚାୟତରେ ଥିବା ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ କୁଡୁମୀ ଭୋଟର ଅଛନ୍ତି। ମାତ୍ର ସେମାନେ ଦୀର୍ଘ ୭୫ ବର୍ଷ ଧରି ସରକାରଙ୍କଦ୍ୱାରା ପ୍ରତାରଣାର ଶିକାର ହୋଇଆସୁଛନ୍ତି। ଏପରିକି ସେମାନେ ଶିକ୍ଷା, ଆର୍ଥିକ, ରାଜନୈତିକ ଅଧିକାରିରୁ ବଞ୍ଚିତ ହେଉଛନ୍ତି। ରାଜନୈତିକ ଦଳଗୁଡିକ ପ୍ରତିଶୃତି ପାଳନ କରୁନଥିବାରୁ କୁଡୁମୀ ଜନଜାତି ମୌଳିକ ଅଧିକାରରୁ ବଞ୍ଚିତ ହୋଇ ଆସୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି। ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନ ସମୟରେ ସମସ୍ତ ରାଜନୈତିକ ଦଳକୁ ଆଦିବାସୀ କୁଡୁମୀ ସମାଜ ତରଫରୁ ଜବାବ ଦିଆଯିବ ବୋଲି ଏବେଠାରୁ ସଜବାଜ ହେଲେଣି। ସେଥିପାଇଁ ବଡ଼ସାହି ବ୍ଲକ କୁଡୁମି ଯୁବ ସମାଜ ପକ୍ଷରୁ ନୂତନ କମିଟି ଗଠନ କରାଯାଇଛି। ଜିଲ୍ଲା ଆଦିବାସୀ କୁଡୁମୀ ସମାଜ ଯୁବ ସଭାପତି ଉଦୀୟମାନ ନେତା ସ୍ନେହାଶିଷ ମହାନ୍ତ ଏହାର ନେତୃତ୍ୱ ନେଇଛନ୍ତି। ସଭାପତି ଭାବେ କ୍ଷିରୋଦ ଚନ୍ଦ୍ର ମହାନ୍ତ, କାର୍ଯ୍ୟକାରୀ ସଭାପତି ନକୁଳ ମହାନ୍ତ, ଉପସଭାପତିଭାବେ ଗୁଲସନ ମହାନ୍ତ, ଜଗଦୀଶ ମହାନ୍ତ, ଗଙ୍ଗାଧର ମହାନ୍ତ ଓ ମିଟୁ ମହାନ୍ତ, ସାଧାରଣ ସମ୍ପାଦକ ରତିକାନ୍ତ ମହାନ୍ତ, କୈଳାସ ମହାନ୍ତ ବୈଦ୍ୟନାଥ ମହାନ୍ତ ଓ ସମ୍ପାଦକଭାବେ ଡାକ୍ତର ମହାନ୍ତ, ସାନୁ ମହାନ୍ତ, ରଜତ ମହାନ୍ତ, ଦୁର୍ଗାଚରଣ ମହାନ୍ତ, ବିଜୟ କୁମାର ମହାନ୍ତ, ରାଜୀବ ଲୋଚନ ମହାନ୍ତ ମନୋନୀତ ହୋଇଛନ୍ତି। ଗଣେଶ୍ୱର ମହାନ୍ତ କୋଷାଧ୍ୟକ୍ଷ ଓ ଲଳିତ ମହାନ୍ତ ମିଡ଼ିଆ ସେଲରେ ରହିଥିବାବେଳେ ଦୀନବନ୍ଧୁ ମହାନ୍ତ ୨୨ନଂ ଜୋନ ସଭାପତି, ବିଶ୍ୱଜିତ ମହାନ୍ତ ୨୩ ନମ୍ବର ସଭାପତି ଓ ଦୀପକ ମହାନ୍ତଙ୍କୁ ୨୪ନଂ ଜୋନ ସଭାପତିଭାବେ ଦାୟିତ୍ୱ ଦିଆଯାଇଛି। ସରକାର ଆଗାମୀ ଦିନରେ କୁଡୁମୀ ଜନଜାତିଙ୍କୁ ଯଦି ଏସଟି ତାଲିକାଭୁକ୍ତ ନ କରନ୍ତି ତେବେ କୁଡୁମୀ ସଂପ୍ରଦାୟ ସଂଗ୍ରାମ କରିବେ ବୋଲି ନୂତନ କର୍ମକର୍ତ୍ତା ଶପଥ ନେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।


**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୮୭୬- ବଙ୍ଗଳା ଔପନ୍ୟାସିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଜନ୍ମ।
- ୧୯୩୧- ଗାନ୍ଧୀ-ଇରୱିନ୍ ଚୁକ୍ତି ସ୍ୱାକ୍ଷରିତ।
- ୧୯୫୯- ଦୂରଦର୍ଶନର ପ୍ରସାରଣ ସେବା ଆରମ୍ଭ ହେଲା।
- ୧୯୯୮- ଗୁଗଲ୍ ଡଟ୍‌କମ୍ ଡୋମେନ୍ ନେମ୍ ଭାବେ ପଞ୍ଜୀକୃତ ହେଲା।
- ୨୦୦୧- ଆମେରିକୀୟ ସିନେଟ୍ ରାଷ୍ଟ୍ରପତିଙ୍କୁ ଆଫଗାନିସ୍ତାନରେ ସେନା କାର୍ଯ୍ୟକଳାପ ପାଇଁ ଅନୁମତି ଦେଲା।

## 'ଦୃଶ୍ୟମ୍ ୩'ର ରିଲିଜ୍ ଡେଟ୍ ଫାଇନାଲ



'ଦୃଶ୍ୟମ୍' ଭାରତୀୟ ସିନେମା ଇତିହାସରେ ଏପରି ଏକ ଫିଲ୍ମ ଯାହାକୁ ଦର୍ଶକେ ବାରମ୍ବାର ଦେଖିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି। ମଲାୟାଲମ୍ ଭାଷାରେ ନିର୍ମିତ ଏହି ଫିଲ୍ମରେ ମୋହନଲାଲ ଜର୍ଜ କୁଟ୍ଟି ଭୂମିକାରେ ଅଭିନୟ କରିଥିଲେ। ଏହାର ହିନ୍ଦୀ ଭର୍ସନରେ ଅଜୟ ଦେବଗନ୍ ଲିଡ୍ ରୋଲରେ ନଜର ଆସିଥିଲେ। 'ଦୃଶ୍ୟମ୍' ସିରିଜ୍‌ର ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ଏବେ ଦର୍ଶକେ ଏହି ସିରିଜ୍‌ର ତୃତୀୟ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ 'ଦୃଶ୍ୟମ୍ ୩'ର ଲେଖକ ତଥା ନିର୍ଦ୍ଦେଶକ ଜିତୁ ଜୋସେଫ୍‌ଙ୍କର ଏକ ଭିଡିଓ ଭାଇରାଲ ହେଉଛି। ଏହି ଭିଡିଓରେ ସେ କହିଛନ୍ତି, 'ମୋତେ ବକ୍ସ ଅଫିସ୍ କଲେକ୍ସନ୍‌କୁ ନେଇ ଚିନ୍ତା ନାହିଁ। ଏହି ଫିଲ୍ମ ଦର୍ଶକଙ୍କୁ ଏକ ଭଲ ଅନୁଭବ ଦେଉ। ଏହାର କାହାଣୀ 'ଦୃଶ୍ୟମ୍'ର ଅଲଗା ଦୁଇଟି ଫିଲ୍ମଠାରୁ ପୂରାପୂରି ଭିନ୍ନ ହେବ। ଏଥିରେ 'ଦୃଶ୍ୟମ୍ ୨'ର ଚାରି ବର୍ଷ ପରର କାହାଣୀକୁ ଦେଖାଯିବ। ଏଥିରେ ଜର୍ଜକୁଟ୍ଟୀଙ୍କ ଜୀବନର ଏକ ନୂଆ ଦିଗ ଦର୍ଶକଙ୍କ ସାମ୍ନାକୁ ଆସିବ।' 'ଦୃଶ୍ୟମ୍ ୩'ର ସୁଟିଂ ଆସନ୍ତା ଅକ୍ଟୋବରରୁ ହିନ୍ଦୀ ଓ ମଲାୟାଲମ୍ ଦୁଇଟି ଭାଷାରେ ଆରମ୍ଭ ହେବ। ଏହା ପୂର୍ବ ନିର୍ଦ୍ଧାରିତ ଡେଟ୍ ଅନୁଯାୟୀ, ୨ ଅକ୍ଟୋବର, ୨୦୨୬ରେ ରିଲିଜ୍ ହେବ ବୋଲି ଜିତୁ କହିଛନ୍ତି। ଏହାର ହିନ୍ଦୀ ଭର୍ସନ୍‌ରେ ଅଜୟ ଦେବଗନ୍ ଓ ମଲାୟାଲମ୍‌ରେ ମୋହନଲାଲଙ୍କୁ ପୁଣି ଥରେ ଜର୍ଜ କୁଟ୍ଟି ଭୂମିକାରେ ଦେଖିବାକୁ ମିଳିବ।

## କାଫେରେ ନୀରବତା

ଜେନରେସନ ଜେଡ୍‌ଙ୍କ ମଧ୍ୟରେ ଆଜିକାଲି ବିଭିନ୍ନ ପ୍ରକାର ଟ୍ରେଣ୍ଡ ଭାଇରାଲ ହେଉଛି। ସେଥିରୁ ଅନ୍ୟତମ ସାଇଲେଣ୍ଟ କାଫେ। ଏହା ହେଉଛି ଏମିତି ଏକ କାଫେ, ଯେଉଁଠି କଥାବାର୍ତ୍ତା ନ ଥାଏ। ଏଠାରେ ଯୁବକଯୁବତୀମାନେ କାହାରି ସହିତ କଥାବାର୍ତ୍ତା ନ କରି ନିଜ କାମ କରନ୍ତି, ପଢ଼ନ୍ତି, ଲେଖାଲେଖି କରନ୍ତି ଏବଂ ନିଜ ଭାବନାରେ ମଗ୍ନ ରହିବାକୁ ଭଲପାଆନ୍ତି। ସେହିପରି ଏଭଳି କାଫେରେ ସଙ୍ଗୀତର ଧୂନ୍ ନ ଥାଏ କି ଲୋକଙ୍କ କଥାବାର୍ତ୍ତା। ତେବେ ଆଜିର ନୂଆପିଢ଼ି ନିଜ କାମ ଓ ବ୍ୟକ୍ତିଗତ ଜୀବନରେ ଅଧିକ ବ୍ୟସ୍ତ ରହିବା ଯୋଗୁଁ ନିଜ ପାଇଁ ସମୟ ବାହାର କରିପାରୁନାହାନ୍ତି। ଏଭଳି କ୍ଷେତ୍ରରେ ସାଇଲେଣ୍ଟ କାଫେ ସେମାନଙ୍କୁ ଶାନ୍ତିରେ ବସି କାମ କରିବାର ସୁଯୋଗ ପ୍ରଦାନ କରୁଛି। ସେହିପରି ସାଇଲେଣ୍ଟ କାଫେ ଲୋକଙ୍କୁ ସ୍କ୍ରିନ୍‌ଠାରୁ ଦୂରେଇ ରହିବାର ଅବସର ପ୍ରଦାନ କରୁଛି। ବିଶେଷକରି ଛାତ୍ରଛାତ୍ରୀ ତଥା କ୍ରିଏଟିଭ୍ ପ୍ରଫେସନାଲଙ୍କ ମଧ୍ୟରେ ଏହି ଟ୍ରେଣ୍ଡ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି। ଏଭଳି କାଫେରେ ବସି ସେମାନେ ପରୀକ୍ଷା ପାଇଁ ପ୍ରସ୍ତୁତି କରିବା, ନିଜର କ୍ରିଏଟିଭ୍ ପ୍ରୋଜେକ୍ଟ ଉପରେ କାମ କରିବାକୁ ପସନ୍ଦ କରୁଛନ୍ତି। ବିଶେଷକରି ଲେଖକ ଓ ଚିତ୍ରଶିଳ୍ପୀଙ୍କ ପାଇଁ ଏହା ଏକ ଉତ୍ତମ ସ୍ଥାନ ପାଲଟିଛି। ବହୁତ ଲୋକ ନିଜ ସାଙ୍ଗସାଥୀଙ୍କ ସହିତ ଏଠାକୁ ଆସି ବହିପଢ଼ିବା ସହ ନିଜର ଅନ୍ୟାନ୍ୟ କାମ କରି କଫିର ମଜା ନେଇଥାନ୍ତି। ଅନ୍ୟପଟେ ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇ, ପୁନେର ଲୋକେ ସାଇଲେଣ୍ଟ କାଫେ କଲଚରକୁ ଖୁବ୍ ପସନ୍ଦ କରୁଛନ୍ତି।



# ଜାତୀୟ ଯନ୍ତ୍ରୀ ଦିବସ ଓ ସାର୍ ବିଶ୍ୱେଶ୍ୱରାୟା

**ଇଂ ପ୍ରଦୀପ୍ତ କୁମାର ଶତପଥି**



ଆଜି ଇଞ୍ଜିନିୟର ଦିବସ। ଦେଶର ଉନ୍ନତିରେ ଯନ୍ତ୍ରୀଙ୍କ ଭୂମିକାକୁ ମନେପକାଇବା ଲାଗି ମହାନ୍ ଇଞ୍ଜିନିୟର ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନରେ ଜାତୀୟ ଯନ୍ତ୍ରୀ ଦିବସ ପାଳିତ ହୁଏ। ସାର୍ ବିଶ୍ୱେଶ୍ୱରାୟଙ୍କ ସଫଳତାକୁ ସ୍ମରଣ କରିବା ଏବଂ ସେଥିରୁ ଅନୁପ୍ରାଣିତ ହୋଇ ଭବିଷ୍ୟତରେ ଇଞ୍ଜିନିୟରିଂ କ୍ଷେତ୍ରକୁ କିପରି ଆହୁରି ଉନ୍ନତ ଓ ପ୍ରଶସ୍ତ କରାଯିବ ସେସମ୍ବନ୍ଧରେ ଚିନ୍ତନ ମନ୍ଥନ କରିବା ଉଦ୍ଦେଶ୍ୟରେ ଏହି ଦିବସର ପରିକଳ୍ପନା କରାଯାଇଛି। ୧୯୬୮ ମସିହାରେ ପ୍ରଥମେ ଇଞ୍ଜିନିୟର ଦିବସ ପାଳନ କରାଯାଇଥିଲା। ଇଞ୍ଜିନିୟରମାନଙ୍କ ଅକ୍ଳାନ୍ତ ଉଦ୍ୟମ ଓ ଅସାଧାରଣ ବୁଦ୍ଧି ଯୋଗୁଁ ଆମେ ଆଜି ଏକ ଆଧୁନିକ ତଥା ଉନ୍ନତ ସମାଜରେ ବାସ କରିବା ସମ୍ଭବ ହୋଇପାରିଛି। ସମାଜ ପ୍ରତି ଯନ୍ତ୍ରୀମାନଙ୍କର ଉଲ୍ଲେଖନୀୟ ଉପଲବ୍ଧି ଓ ଅବଦାନକୁ ସମ୍ମାନ ଜଣାଇବା ସହ ସେମାନଙ୍କ ଅଭିନବ ବିଚାରକୁ ସ୍ୱୀକୃତି ଦେବା ଏବଂ ବିଶ୍ୱ ଗଠନରେ ସେମାନଙ୍କର ଅପରିହାର୍ଯ୍ୟ ଭୂମିକାକୁ ଉଲ୍ଲେଖ କରିବା ପାଇଁ ଏହି ଦିବସ ଉତ୍ସର୍ଗୀକୃତ। ସାର୍ ବିଶ୍ୱେଶ୍ୱରାୟା ଖାଲି ଯେ ଜଣେ ଇଞ୍ଜିନିୟର ଥିଲେ ତାହା ନୁହେଁ, ସେ ଜଣେ ଦୂରଦର୍ଶୀ ବିଦ୍ୱାନ ହେବା ସହ ଜଣେ ନିପୁଣ ରାଜନେତା ମଧ୍ୟ ଥିଲେ। ସରଳ ଜୀବନ ଯାପନ ଏବଂ ଉଚ୍ଚ ଚିନ୍ତାଧାରା ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା। ସାର୍ ବିଶ୍ୱେଶ୍ୱରାୟା ବାଙ୍ଗାଲୋର ନିକଟ ମୁଦ୍ଦେନାହାଲ୍ଲିଠାରେ ୧୮୬୧ ମସିହା ସେପ୍ଟେମ୍ବର ୧୫ ତାରିଖରେ ଏକ ତାମିଲ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କୁ ୧୫ ବର୍ଷ ହୋଇଥିବାବେଳେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ପିତାଙ୍କ ଦେହାନ୍ତ ପରେ ସାର୍ ବିଶ୍ୱେଶ୍ୱରାୟା ବାଙ୍ଗାଲୋରରେ ତାଙ୍କ ମାମୁଁଘରେ ରହି ପାଠ ପଢ଼ିଥିଲେ। ମାଧ୍ୟମିକ ଶିକ୍ଷା ସମାପ୍ତ ପରେ ସେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ୧୮୮୧ ମସିହାରେ ଡିଗ୍ରୀ ହାସଲ କରିଥିଲେ। ପରବର୍ତ୍ତୀ କାଳରେ ସେ ପୁନା ଇଞ୍ଜିନିୟରିଂ କଲେଜରୁ ସିଭିଲ ଇଂଜିନିୟରିଂ ପାସ୍ କରିଥିଲେ। ମହାରାଷ୍ଟ୍ର ସରକାର ସାର୍ ବିଶ୍ୱେଶ୍ୱରାୟାଙ୍କୁ ୧୮୮୫ ମସିହାରେ ନାସିକଠାରେ ସହକାରୀ ଯନ୍ତ୍ରୀ ଭାବରେ ନିଯୁକ୍ତି ପ୍ରଦାନ କରିଥିଲେ ଏବଂ ଦୀର୍ଘ ୬୫ ବର୍ଷ ଧରି ସେ ସେଠାରେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ସାର୍ ବିଶ୍ୱେଶ୍ୱରାୟା ଭାରତର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ଉଚ୍ଚକୋଟୀର ଇଞ୍ଜିନିୟରିଂ ପ୍ରକଳ୍ପମାନ ନିର୍ମାଣ କରିଥିଲେ। ଦାକ୍ଷିଣାତ୍ୟ ମାଳଭୂମିରେ ଅତ୍ୟାଧୁନିକ ଜଳସେଚନ ପ୍ରଣାଳୀର ଡିଜାଇନ୍ ଓ ନିର୍ମାଣ, ହାଇଦ୍ରାବାଦ ପାଇଁ ଏକ ବନ୍ୟା ନିରୋଧକ ପ୍ରକଳ୍ପର ଡିଜାଇନ୍ ଓ ନିର୍ମାଣ, ବିଶାଖାପାଟଣା ବନ୍ଦରକୁ ସମୁଦ୍ର ଜୁଆରରୁ ରକ୍ଷା କରିବା ପାଇଁ ପ୍ରତିରୋଧକ ପ୍ରକଳ୍ପ ନିର୍ମାଣ, ମହୀଶୂର ସାବୁନ କାରଖାନାର ଯୋଜନା ପ୍ରଣୟନ ଏବଂ ନିର୍ମାଣ, ମହୀଶୂରର ଭଦ୍ରାବତୀ ଲୌହ ଏବଂ ଇସ୍ପାତ ପ୍ରକଳ୍ପ ନିର୍ମାଣ, ନଦୀବନ୍ଧ ଯୋଜନା ଏବଂ ବ୍ୟାରେଜଗୁଡ଼ିକ ପାଇଁ ସ୍ୱୟଂଚାଳିତ ଫାଟକର ନିଜ ଡିଜାଇନ୍ ଏବଂ ନିର୍ମାଣ ତାଙ୍କ କାର୍ଯ୍ୟଦକ୍ଷତାର ପ୍ରମାଣ ଦିଏ। ବ୍ରିଟିଶ ଇଞ୍ଜିନିୟରମାନେ ସାର୍ ବିଶ୍ୱେଶ୍ୱରାୟାଙ୍କ କାର୍ଯ୍ୟକୁଶଳତା ପାଇଁ ତାଙ୍କୁ ଅନେକଥର ପ୍ରଶଂସା କରିଥିଲେ। ୧୯୦୯ ମସିହାରେ ସେ ମହୀଶୂର ରାଜ୍ୟର ମୁଖ୍ୟଯନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ୧୯୧୨ ମସିହାରେ ତତ୍କାଳୀନ ମହୀଶୂର ମହାରାଜା ତାଙ୍କୁ ମହୀଶୂର ରାଜ୍ୟର ଦେୱାନ ଭାବେ ମନୋନୀତ କରିଥିଲେ। ତାଙ୍କ କାର୍ଯ୍ୟକାଳରେ ସେ ମହୀଶୂର ରାଜ୍ୟର ଅର୍ଥନୈତିକ ଏବଂ ସାମାଜିକ ବ୍ୟବସ୍ଥାର ଉନ୍ନତି ପାଇଁ ବିଶେଷ ଧ୍ୟାନ ଦେଇଥିଲେ। ୧୯୩୦ ମସିହାରେ ସାର୍ ବିଶ୍ୱେଶ୍ୱରାୟା କ୍ରିଷ୍ଣାରାଜା ସାଗର ବନ୍ଧ ଉନ୍ନୟନ ଯୋଜନାର ମୁଖ୍ୟଯନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। କାବେରୀ ନଦୀ ଉପରେ ନିର୍ମିତ ଏହି ବହୁମୁଖୀ ନଦୀବନ୍ଧ ଯୋଜନାର ଡିଜାଇନ୍ ଏବଂ ନିର୍ମାଣ କାର୍ଯ୍ୟର ସେ ବ୍ୟକ୍ତିଗତ ଭାବରେ ତଦାରଖ କରୁଥିଲେ। ଏହି ନଦୀବନ୍ଧ ଯୋଜନା ଏବଂ କେନାଲମାନ ନିର୍ମାଣ ହେବା ପରେ ସେହି ଅଞ୍ଚଳର ଜଳସେଚନ ଏବଂ କୃଷିଭିତ୍ତିକ ଯୋଜନାମାନଙ୍କରେ ବ୍ୟାପକ ଉନ୍ନତି ହୋଇଥିଲା। ଭାରତରେ ବ୍ରିଟିଶ ଶାସନ ସମୟରେ ରାଜା ପଞ୍ଚମ ଜର୍ଜ ତାଙ୍କର ବୁଦ୍ଧିମତା, କାର୍ଯ୍ୟକୁଶଳତା ଓ ସମାଜପ୍ରତି ତାଙ୍କର ଅବଦାନ ପାଇଁ ତାଙ୍କୁ "ନାଇଟ କମାଣ୍ଡର୍" ଉପାଧିରେ ଭୂଷିତ କରିଥିଲେ। ୧୯୫୫ ମସିହାରେ ଭାରତ ସରକାର ସାର୍ ବିଶ୍ୱେଶ୍ୱରାୟଙ୍କୁ "ଭାରତ ରତ୍ନ" ଉପାଧିରେ ଭୂଷିତ କରିଥିଲେ। ୧୯୬୨ ମସିହା ଏପ୍ରିଲ ୧୪ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ।

ଅବସର ପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ତଥା
ସ୍ୱତନ୍ତ୍ର ଶାସନ ସଚିବ ଜଳ ସମ୍ପଦ ବିଭାଗ
ଓଡ଼ିଶା

## ଦେବଶିଳ୍ପୀ ବିଶ୍ୱକର୍ମା



ପ୍ରତିବର୍ଷ କନ୍ୟା ସଂକ୍ରାନ୍ତି ଦିନ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ଏହିଦିନ ଭଗବାନ ବିଶ୍ୱକର୍ମାଙ୍କ ଜନ୍ମ ହୋଇଥିଲା। ବିଶ୍ୱକର୍ମାଙ୍କୁ ବିଶ୍ୱର ପ୍ରଥମ ଯନ୍ତ୍ରୀ କୁହାଯାଏ। ସକଳ ଶିଳ୍ପକଳାର ସେ ଜନକ। ତାଙ୍କୁ ନିର୍ମାଣର ଅଧିଦେବତା ବୋଲି କୁହାଯାଏ। ବ୍ରହ୍ମାଙ୍କ ନିର୍ଦ୍ଦେଶନାରେ ଦେବଶିଳ୍ପୀ ବିଶ୍ୱକର୍ମା ସମଗ୍ର ସୃଷ୍ଟି ଅର୍ଥାତ ବିଶ୍ୱ ଭୁବନ ନିର୍ମାଣ କରିଥିଲେ। ଦେବତାମାନଙ୍କର ସମସ୍ତ ଶସ୍ତ୍ର, ବିମାନ ଆଦି ତାଙ୍କ ଦ୍ୱାରା ନିର୍ମିତ। ସ୍ୱର୍ଗର ଅମରାବତୀ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ। ବିଶ୍ୱକର୍ମା ଇନ୍ଦ୍ରପୁରୀ, ଦ୍ୱାରିକା, ହସ୍ତିନାପୁର, ସ୍ୱର୍ଗଲୋକ, ସ୍ୱର୍ଣ୍ଣଲଙ୍କା ଆଦି ନିର୍ମାଣ କରିଛନ୍ତି। ସେଥିପାଇଁ ଏହି ଅବସରରେ ବିଭିନ୍ନ ଯନ୍ତ୍ର ତଥା ଯନ୍ତ୍ରପାତିର ପୂଜା କରାଯାଇଥାଏ।

ଏହିଦିନ କଳକାରଖାନା ଶିଳ୍ପ ପ୍ରତିଷ୍ଠାନରେ ବିଧିବିଧାନ ସହ ଭଗବାନ ବିଶ୍ୱକର୍ମାଙ୍କୁ ପୂଜା କରାଯାଇଥାଏ। ବିଭିନ୍ନ ଶିଳ୍ପକଳାରେ ଜଡ଼ିତ ଗୋଷ୍ଠୀ ବେଶ୍ ଜାକଜମକରେ ବିଶ୍ୱକର୍ମା ପୂଜା କରିଥାନ୍ତି। ବିଶ୍ୱକର୍ମାଙ୍କ ପୂଜା କରିବା ଦ୍ୱାରା ଭକ୍ତମାନଙ୍କର ସମସ୍ତ ମନୋକାମନା ପୂର୍ଣ୍ଣ ହୋଇଥାଏ। ଏହାସହ ବ୍ୟବସାୟରେ ମଧ୍ୟ ସୁଧାର ଆସିଥାଏ। କେବଳ ସେତିକି ନୁହେଁ, ବିଶ୍ୱକର୍ମାଙ୍କୁ ପୂଜା କରିବା ଦ୍ୱାରା ଘରେ ଧନ ସମ୍ପତ୍ତିର ଅଭାବ ରହି ନ ଥାଏ। ଚଳିତବର୍ଷ ଏହି ପୂଜା ସେପ୍ଟେମ୍ବର ୧୭ ତାରିଖରେ ପାଳନ କରାଯିବ।

# ସ୍ୱସ୍ତି

## ଆଶ୍ୱିନ ମାସର ନିୟମ



ଏବେ ଆଶ୍ୱିନ ମାସ ଚାଲିଛି। ହିନ୍ଦୁ ଧର୍ମରେ ଆଶ୍ୱିନ ମାସର ବିଶେଷ ମହତ୍ତ୍ୱ ଅଛି। ଏହି ମାସରେ ପୂଜା-ପାଠ କରିବା ଦ୍ୱାରା ବିଶେଷ ଫଳ ପ୍ରାପ୍ତି ହୁଏ। ଏହି ମାସରେ 'ପିତୃପକ୍ଷ', ଦେବୀ ପକ୍ଷ, 'ଶାରଦୀୟ ନବରାତ୍ରୀ', 'ବିଜୟଦଶମୀ', 'ନରକ ଚତୁର୍ଦ୍ଦଶୀ' ଭଳି ପର୍ବ ପାଳନ କରାଯାଏ।

- ଆଶ୍ୱିନ ମାସ ପିତୃପକ୍ଷ ଅବଧି ମଧ୍ୟରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରିବା ଉଚିତ। ଏହା ଦ୍ୱାରା ବିଶେଷ ଫଳପ୍ରାପ୍ତି ହୁଏ।
- ସେହିପରି ପିତୃପକ୍ଷ ଶେଷ ସହ ଶାରଦୀୟ ନବରାତ୍ରୀ ଆରମ୍ଭ ହୁଏ। ଏହି ନଅଦିନ ଯାକ ମା' ଭଗବତୀଙ୍କ ଦିବ୍ୟରୂପକୁ ଉପାସନା କଲେ, ମନୋକାମନା ପୂରଣ ହୁଏ।
- ଆଶ୍ୱିନ ନବରାତ୍ର ସମୟରେ ପ୍ରତ୍ୟେକ ଦିନ ଦୁର୍ଗାସପ୍ତସତୀ ପାଠ କରିବା ଉଚିତ।
- ଏହି ମାସରେ ସ୍ନାନ-ଦାନ କରିବା ଦ୍ୱାରା ବିଶେଷ ଲାଭ ମିଳେ।
- ଏହି ମାସରେ ଗୁଡ଼ ଖାଇବା ଭଲ।
- ଆଶ୍ୱିନ ମାସରେ କ୍ଷୀର ଓ କଦଳୀ ଖାଇବା ମନା। ଏହାସହ ଆମିଷ, ବାଇଗଣ, ଚଣା, ସୋରିଷ ଶାଗ ନ ଖାଇବା ଭଲ।

## ପିତୃପୁରୁଷଙ୍କୁ ପିଣ୍ଡଦାନ

**ଆଶ୍ୱିନ କୃଷ୍ଣ ପକ୍ଷ ପିତୃପକ୍ଷ ଭାବେ ପରିଚିତ। ଏହି ପକ୍ଷର ଶେଷଦିନ ଅର୍ଥାତ୍ ଅମାବାସ୍ୟା ତିଥିକୁ 'ମହାଳୟା' ଭାବେ ପାଳନ କରାଯାଏ। ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଏହିଦିନ ଅପରପକ୍ଷର ଶେଷ ଶ୍ରାଦ୍ଧ ଅର୍ପଣ କରାଯାଉଥିବାରୁ ଏହାକୁ ପିତୃପର୍ବ ବୋଲି କୁହାଯାଏ। ମହାଳୟା ଅମାବାସ୍ୟାରେ ପିତୃକୁଳ ଏବଂ ମାତୃକୁଳକୁ ପିଣ୍ଡଦାନ କରାଯାଏ। ପିଣ୍ଡଦାନ ଦ୍ୱାରା ପରଲୋକଗତ ଆତ୍ମାର ସଦ୍‌ଗତି ପ୍ରାପ୍ତି ହୋଇଥାଏ। ତେବେ ଧାର୍ମିକ ପରମ୍ପରା ଅନୁସାରେ, ପିତୃପୁରୁଷଙ୍କ ପାଇଁ ପାଳନ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧକର୍ମ ମଧ୍ୟରେ ମହାଳୟା ସବୁଠୁ ଶ୍ରେଷ୍ଠ।**

ମହାଳୟାକୁ 'ସାମ୍ବତ୍ସରିକ ଶ୍ରାଦ୍ଧ', 'ପାର୍ବଣ ଶ୍ରାଦ୍ଧ' ଏବଂ 'ମଉଳା ଶ୍ରାଦ୍ଧ' ମଧ୍ୟ କୁହାଯାଏ। ଯଦି କୌଣସି ବ୍ୟକ୍ତି ନିଜ ପୂର୍ବପୁରୁଷଙ୍କ ଦେହାନ୍ତ ତିଥି ମନେ ରଖି ନାହାନ୍ତି, ସେମାନଙ୍କ ଶ୍ରାଦ୍ଧକର୍ମ ପିତୃପକ୍ଷର ଶେଷଦିନ ଅର୍ଥାତ୍ ମହାଳୟା ଅମାବାସ୍ୟାରେ କରାଯିବ ଉଚିତ। ମହାଳୟା ଶ୍ରାଦ୍ଧର ତର୍ପଣରେ ବ୍ରହ୍ମା, ବିଷ୍ଣୁ, ପ୍ରଜାପତି, ଆଚାର୍ଯ୍ୟ, ବେଦ, ଛନ୍ଦ, ଗନ୍ଧର୍ବଗଣ, ଦେବଗଣ, ପୁରୁଣାଚାର୍ଯ୍ୟ, ସମ୍ବତ୍ସର, ଶାବୟବ, ନାଗଗଣ, ଯକ୍ଷ, ଭକ୍ଷ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଃଷ୍ଟୟ ଏବଂ ପୃଥିବୀ ଇତ୍ୟାଦି କୋଡ଼ିଏ ଦେବଗଣଙ୍କୁ ଗୋଟିଏ ଥର ତର୍ପଣ, ସନତ, ସନ୍ଦନ, ସନାତନ, କପିଳ, ଆସୁରୀ, ଡୋବୁ ଏବଂ ପଞ୍ଚଶିଖ ଇତ୍ୟାଦି ସପ୍ତ ଋଷିଙ୍କୁ ଦୁଇଥର ତର୍ପଣ ଏବଂ ପିତୃପୁରୁଷଗଣଙ୍କୁ ତିନିଥର ତର୍ପଣରେ ଆପ୍ୟାୟିତ କରାଯାଏ। ପିତୃ ତର୍ପଣରେ ପିତାଙ୍କୁ ରୁଦ୍ର ରୂପେ, ପିତାମହଙ୍କୁ ବସୁ ରୂପେ ଏବଂ ପ୍ରପିତାମହଙ୍କୁ ଆଦିତ୍ୟ ରୂପେ କଳ୍ପିତ କରାଯାଏ। ପିଣ୍ଡଦାତାଙ୍କ ଆଳୟରେ ସର୍ବଦେବ, ଋଷି ଏବଂ ପିତୃପୁରୁଷଙ୍କ ଉପସ୍ଥିତି ହେତୁ ଏହାକୁ ମହାଳୟା ଶ୍ରାଦ୍ଧ କୁହାଯାଏ।

କିମ୍ବଦନ୍ତୀ ଅନୁସାରେ, ମହାଦାନୀ କର୍ଣ୍ଣଙ୍କର ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୁପା ମିଳିଥିଲା। କିନ୍ତୁ ଖାଦ୍ୟ ଦିଆଯାଇ ନ ଥିଲା। କାରଣ ସେ ଜୀବିତାବସ୍ଥାରେ କେବେ ଅନ୍ନଦାନ କରି ନ ଥିଲେ। ଯମରାଜଙ୍କୁ ପ୍ରାର୍ଥନା କରି ସେ ଚଉଦ ଦିନ ପାଇଁ ମର୍ତ୍ତ୍ୟମଣ୍ଡଳକୁ ଆସି ବ୍ରାହ୍ମଣ ତଥା ଗରିବମାନଙ୍କୁ ଅନ୍ନଦାନ କରିଥିଲେ। ଫଳରେ ଯମପୁର ଫେରିବା ପରେ ତାଙ୍କୁ ଆଉ ଅନ୍ନରୁ ବଞ୍ଚିତ କରାଯାଇ ନ ଥିଲା। ତେବେ ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦ ଦିନ ଥିଲା ପିତୃପକ୍ଷ। ଏହି ଶ୍ରାଦ୍ଧରେ ସନ୍ତୁଷ୍ଟ ହେଲେ ପିତୃଗଣ ସେମାନଙ୍କ ଦାୟାଦମାନଙ୍କୁ ଆଶୀର୍ବାଦ ଢ଼ାଳିଥାନ୍ତି ବୋଲି ମାର୍କଣ୍ଡ ପୁରାଣରେ ଉଲ୍ଲେଖ ରହିଛି। ପିତୃପକ୍ଷରେ ଗୟାରେ ପିଣ୍ଡଦାନର ବିଶେଷ ମହତ୍ତ୍ୱ ରହିଥାଏ। ସେହିପରି ଓଡ଼ିଶାର ବିଭିନ୍ନ ଘାଟରେ ପିଣ୍ଡଦାନ କରିବାର ପରମ୍ପରା ଅଛି। ଅନ୍ୟପଟେ ମହାଳୟା ପରଦିନରୁ ଆଶ୍ୱିନ ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହୋଇଥାଏ ନବରାତ୍ରୀ।

## ପିତୃକର୍ମରେ ପଞ୍ଚବଳି ଶ୍ରାଦ୍ଧର ମହତ୍ତ୍ୱ

**ଚାଲିଛି ପିତୃପକ୍ଷ। ଏହି ୧୬ ଦିନ ସମ୍ପୂର୍ଣ୍ଣ ପିତୃପୁରୁଷଙ୍କୁ ସମର୍ପିତ। ଲୋକ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ପୂର୍ବପୁରୁଷଗଣ ପିତୃଲୋକ ତ୍ୟାଗ କରି ନିଜ ନିଜର ଉତ୍ତର ପୁରୁଷଙ୍କ ଘରେ ଅବସ୍ଥାନ କରିଥାନ୍ତି। ଏହିପକ୍ଷରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରାଯାଏ। ଏହି ପିତୃକର୍ମରେ ପଞ୍ଚବଳି ଶ୍ରାଦ୍ଧର ବିଶେଷ ମହତ୍ତ୍ୱ ଅଛି। ଏହା ବିନା ପିତୃକର୍ମ ଅନୁଷ୍ଠାନ ପୂରା ହୁଏ ନାହିଁ।**

ଧାର୍ମିକ ମାନ୍ୟତାନୁସାରେ, ପିତୃପକ୍ଷରେ ପୂର୍ବପୁରୁଷମାନେ ପଶୁପକ୍ଷୀଙ୍କ ରୂପରେ ଆସନ୍ତି। ଦିଆଯାଉଥିବା ଶ୍ରାଦ୍ଧକୁ ସେମାନେ ଏହି ରୂପରେ ସ୍ୱୀକାର କରନ୍ତି। ଏଥିରେ ତୃପ୍ତ ତଥା ପ୍ରସନ୍ନ ହୋଇ ସେମାନେ ପରିବାରକୁ ଆଶୀର୍ବାଦ ଦିଅନ୍ତି। ଶ୍ରାଦ୍ଧ ଭୋଜନ ପ୍ରସ୍ତୁତି ସମୟରେ କିଛି ଭାଗ ପିତୃପୁରୁଷଙ୍କ ପାଇଁ ଅଲଗା ରଖାଯାଏ। ଏହି ଭୋଜନକୁ ଅଲଗା ଅଲଗା ଭାଗରେ ବଣ୍ଟନ କରି ଗାଈ, କୁକୁର, କାଉ, ପିମ୍ପୁଡ଼ି, ଦେବତାଙ୍କୁ ଅର୍ପଣ କରାଯାଏ। ଏହି ପାଞ୍ଚ ଜଣଙ୍କ ପାଇଁ ଭୋଜନର ଯେଉଁ ଅଂଶ କାଢ଼ି ଅର୍ପଣ କରାଯାଏ, ଏହାକୁ ପଞ୍ଚବଳି କର୍ମ ବା ପଞ୍ଚବଳି ଶ୍ରାଦ୍ଧ କୁହାଯାଏ। ଏଠାରେ ବଳିର ଅର୍ଥ କୌଣସି ପ୍ରାଣୀ ବଳି କଥା କୁହାଯାଇ ନାହିଁ, ବରଂ ପିତୃପୁରୁଷଙ୍କ ନିମିତ୍ତ ୫ ଭାଗରେ ଆହାର ଅର୍ପଣ କରିବାର ଏହା ହେଉଛି ପରମ୍ପରା। ଯାହା ମାଧ୍ୟମରେ ପିତୃପୁରୁଷ ତୃପ୍ତ ହୁଅନ୍ତି। ପଞ୍ଚବଳି କର୍ମ କରିବାର ବିଧି ମଧ୍ୟ ରହିଛି। ପଞ୍ଚବଳିରେ ୫ ଭାଗର ଅଲଗା ମହତ୍ତ୍ୱ ଅଛି। ଏଥିରେ କୁକୁର ଜଳ ତତ୍ତ୍ୱର ପ୍ରତୀକ ହୋଇଥିବା ବେଳେ ପିମ୍ପୁଡ଼ି ଅଗ୍ନି ତତ୍ତ୍ୱର, କାଉ ବାୟୁ ତତ୍ତ୍ୱର, ଗାଈ ପୃଥିବୀର ପ୍ରତିନିଧିତ୍ୱ କରୁଥିବା ବେଳେ ଦେବତା ଆକାଶର ପ୍ରତୀକ ହୋଇଥାନ୍ତି। ତେବେ ମାନବ ଶରୀର ଏହି ପଞ୍ଚ ତତ୍ତ୍ୱର ମିଶ୍ରଣରେ ତିଆରି ଏବଂ ମୃତ୍ୟୁ ପରେ ଶରୀର ଏହି ପଞ୍ଚ ତତ୍ତ୍ୱରେ ବିଲୀନ ହୋଇଥାଏ। ତେଣୁ ପଞ୍ଚବଳି ଶ୍ରାଦ୍ଧ ମାଧ୍ୟମରେ ଭୋଜନ ଏବଂ ଜଳ ଅର୍ପଣ କରାଯାଏ।



## ଏସିଆ କପ୍ କ୍ରିକେଟ୍: ଫେଲ୍ ମାରିଲେ ପାକିସ୍ତାନୀ ବ୍ୟାଟର୍

# ଭାରତର ପ୍ରଭାବଶାଳୀ ବୋଲିଂ

ଦୁବାଇ,୧୪।୯ (ଏଜେନ୍ସି)

ଏସିଆ କପ୍‌ର ସବୁଠାରୁ ହାଇଭୋଲଟେଜ୍ ମୁକାବିଲାରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଦଳ ଟସ୍ ଜିତି ବ୍ୟାଟିଂ ନେବା ପରେ ୧୩ ଓଭର ଖେଳ ଶେଷ ସୁଦ୍ଧା ଦଳ ୬ ୱିକେଟରେ ୬୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଯୁବ ଓପନର ସାହିବଜାଦା ଫରହାନ ୨୫ ଓ ଫହିମ ଅଶ୍ରେଫ ୧ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଦଳ ପକ୍ଷରୁ ଓପନର ସାଏମ ଆୟୁବ ୦, ମହମ୍ମଦ୍ ହାରିସ ୩, ଅଧିନାୟକ ସଲମାନ ଅଲି ଆଘା ୩, ସବୁଠାରୁ ଅଭିଜ୍ଞ ଖେଳାଳି ଫକର ଜମାନ ୧୭, ହାସନ ନୱାଜ ୫ ଓ ମହମ୍ମଦ୍ ନୱାଜ ୦ ରନ୍ କରି ଆଉଟ ହୋଇଛନ୍ତି। ଭାରତ ପକ୍ଷରୁ ଦୁଇ ସ୍ପିନର ଅକ୍ଷର ପଟେଲ ଓ କୁଲଦୀପ ଯାଦବ ୨ଜଣ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମ୍‌ରା ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ଏଠାରେ ପ୍ରଥମ ମ୍ୟାଚ୍ ଖେଳି ସହଜରେ ଜିତିଥିବା ଉଭୟ ଦଳ କୌଣସି ଖେଳାଳି ପରିବର୍ତ୍ତନ ନ କରି ଏଠାରେ ପଡ଼ିଆକୁ ଓହ୍ଲାଇଛନ୍ତି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର-୪'କୁ ଉନ୍ନିତ ହେବେ। ଗ୍ରୁପ୍-ଏ'ରେ ଭାରତ ଓ ପାକିସ୍ତାନ ସୁପର-୪'କୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ହେଲେ ସୁପର-୪'ରେ ଏମାନେ ପୁଣିଥରେ ପରସ୍ପର ସହ ମୁକାବିଲା କରିବେ ବୋଲି ଆଶ କରାଯାଉଛି। ସୁପର-୪ ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ। ଭାରତ ଓ ପାକିସ୍ତାନ ଯଦି ସୁପର-୪ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରନ୍ତି, ତେବେ ଫାଇନାଲରେ ଏବଂ ତୃତୀୟ ଥର ଏହି ଟୁର୍ଣ୍ଣାମେଣ୍ଟରେ ମୁକାବିଲା କରିବାର ସୁଯୋଗ ପାଇବେ।



### ■ ପ୍ରଥମ ବଲ୍‌ରେ ୱିକେଟ

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ପାକିସ୍ତାନ ପ୍ରଥମ ବୈଧ ବଲ୍‌ରେ ଓପନର ଆୟୁବଙ୍କ ୱିକେଟ ହରାଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌କୁ ମାରିବାକୁ ଯାଇ ପଏଣ୍ଟ ଅଞ୍ଚଳରେ ଯଶପ୍ରୀତ୍ ବୁମ୍‌ରାଙ୍କ ହାତରେ ଧରାପଡ଼ିଥିଲେ ଆୟୁବ। ସେ ଖାତା ଖୋଲି ପାରି ନ ଥିଲେ, କିନ୍ତୁ ପ୍ରଥମ ବଲ ୱାଇଡ୍ ହୋଇଥିବାରୁ ପାକିସ୍ତାନ ୧ ରନ୍ କରିଥିଲା। ଏହାର ପର ଓଭରରେ ମଧ୍ୟ ମହମ୍ମଦ୍ ହାରିସ ମଧ୍ୟ ୩ ରନ୍ କରି ଆଉଟ ହୋଇଥିଲେ। ସେ ବୁମ୍‌ରାଙ୍କ ବୋଲିଂରେ ହାର୍ଦ୍ଦିକଙ୍କ ହାତରେ ଧରା ପଡ଼ିଥିଲେ। ଫରହାନ ଓ ଫକର ତୃତୀୟ ୱିକେଟରେ ୩୯ ରନ୍ ଉଠାଇ ୱିକେଟ ପତନର ଧାରାକୁ କିଛି ସମୟ ଅଟକାଇଥିଲେ। କିନ୍ତୁ ପାକିସ୍ତାନର କୌଣସି ବ୍ୟାଟର ବ୍ୟାଟିଂ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ସେମାନଙ୍କ ଖେଳରୁ ଜଣାପଡୁଥିଲା।

### ■ ବୁମ୍‌ରାଙ୍କୁ ଡବଲ ଛକା

ଏହି ମ୍ୟାଚ୍‌ରେ ପାକିସ୍ତାନର ଯୁବ ଓପନର ସାହିବଜାଦା ଫରହାନ ବିଶ୍ୱର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ୨ଟି ବିରାଟ ଛକା ମାରିଥିଲେ। ଏହା ନିଶ୍ଚିତପକ୍ଷେ ସାହାସିକ ବ୍ୟାଟିଂ। ପାକିସ୍ତାନ ବିପକ୍ଷରେ ବୁମ୍‌ରା ଏହା ପୂର୍ବରୁ ଖେଳିଥିବା କ୍ରମାଗତ ୫ଟି ମ୍ୟାଚ୍‌ରେ କେହି ଛକା ମାରିବାରେ ସମର୍ଥ ହୋଇଥିଲେ।

### ଫାଙ୍କା ପଡ଼ିଲା ଷ୍ଟାଡିୟମ୍

ଦୁବାଇ: ଏଠାରେ ଆଜି ଖେଳାଯାଇଥିବା ଭାରତ ଓ ପାକିସ୍ତାନ କ୍ରିକେଟ ମୁକାବିଲାରେ ଷ୍ଟାଡିୟମ୍ ଫାଙ୍କା ପଡ଼ିବାର ଦେଖାଯାଇଥିଲା। ଯେଉଁ ମ୍ୟାଚ୍ ଦେଖିବା ଲାଗି ଦୁଇ ଦେଶର ସମର୍ଥକଙ୍କ ସମେତ ବାହାର ଦେଶର ଦର୍ଶକ ଅପେକ୍ଷା କରିଥାନ୍ତି, ସେହି ମ୍ୟାଚ୍‌ରେ ୨୫,୦୦୦ କ୍ଷମତା ବିଶିଷ୍ଟ ଷ୍ଟାଡିୟମ୍ ଫାଙ୍କା ପଡ଼ିବା ନିଶ୍ଚିତ ଭାବେ ଏହି ମୁକାବିଲା ପ୍ରତି ଆକର୍ଷଣ କମିଯାଇଛି। ବିଶେଷକରି ପହଲଗାମ୍‌ରେ ଭାରତୀୟ ପର୍ଯ୍ୟଟକଙ୍କୁ ପାକିସ୍ତାନୀ ସନ୍ତ୍ରାସବାଦୀଙ୍କ ହତ୍ୟା, ଏହା ବିରୋଧରେ ଭାରତୀୟଙ୍କ କ୍ରୋଧ ଏହି ମ୍ୟାଚ୍ ପ୍ରତି ଆକୃଷ୍ଟ ନ ହେବାକୁ ସ୍ୱତଃସ୍ଫୂର୍ତ୍ତ ପ୍ରବର୍ତ୍ତାଇଛି। ମ୍ୟାଚ୍‌କୁ ବୟକଟ କରିବାକୁ ମୃତ ପର୍ଯ୍ୟଟକଙ୍କ ପରିବାରର ନିବେଦନ, ଷ୍ଟାଡିୟମ୍‌ରେ ଅହେତୁକ ଟିକଟ ବୃଦ୍ଧି (ପ୍ୟାକେଜ ସିଷ୍ଟମ) ମଧ୍ୟ ଦର୍ଶକଙ୍କୁ ଷ୍ଟାଡିୟମ୍‌ରୁ ମୁହଁ ଫେରାଇନେବାକୁ ଖୋରାକ ଯୋଗାଇଛି। ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ହୋଇଥିବାରୁ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବ। କେବଳ ଏହି ମ୍ୟାଚ୍ ନୁହେଁ ପ୍ୟାକେଜ ସିଷ୍ଟମ ଯୋଗୁଁ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ଉପସ୍ଥିତି ଅତି ନଗଣ୍ୟ ହୋଇଛି। ଦର୍ଶକଙ୍କ ଅନୁପସ୍ଥିତି ସତ୍ତ୍ୱେ ଉଭୟ ଦେଶର ସମର୍ଥକ ଏହି ମ୍ୟାଚ୍‌କୁ ଟେଲିଭିଜନରେ ଉପଭୋଗ କରିଛନ୍ତି।

DP WORLD ASIA CUP
ଆଜିର ମ୍ୟାଚ୍
ୟୁଏଇ-ଓମାନ୍
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ସନ୍ଧ୍ୟା ୫.୩୦
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

### ■ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

## ଟାଇଗର୍ସ-ପାନ୍ଥର୍ସ ଉଦ୍‌ଘାଟନୀ ମୁକାବିଲା

କଟକ,୧୪।୯(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୭ରୁ କଟକ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଖେଳାଯିବ। ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ନେତୃତ୍ୱାଧୀନ ଭୁବନେଶ୍ୱର ଟାଇଟନ୍ସ ଏବଂ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହେବ। ପ୍ରଥମ ଦିବସରେ ଗୋଟିଏ ମ୍ୟାଚ୍ ରହିଛି। ପରେ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୨ଟି ଲେଖାଏ ଲିଗ୍ ମ୍ୟାଚ୍ ଖେଳାଯିବ। ୨୫ ତାରିଖରେ ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଏବଂ ୨୬ ତାରିଖରେ ଫାଇନାଲ ମୁକାବିଲା ହେବ ବୋଲି ଆଜି ଓସିଏ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ବିଜୟ ଦ୍ୱାରରେ କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୪।୯ (ଏଜେନ୍ସି): କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲା ଏକତରଫା ଭାବେ ଶେଷ ହେବା ଦ୍ୱାରରେ ପହଞ୍ଚିଛି। ସୋମବାର ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସ ହୋଇଥିବାବେଳେ କେନ୍ଦ୍ରାଞ୍ଚଳ ସାମ୍ନାରେ ବିଜୟ ଲକ୍ଷ୍ୟ ମାତ୍ର ୬୫ ରନ ରହିଛି। ତେଣୁ ୧୧ ବର୍ଷ ପରେ ଏହି ସମ୍ମାନଜନକ ଟ୍ରଫି ଜିତିବା ଲାଗି କେନ୍ଦ୍ରାଞ୍ଚଳ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି। ଶେଷଥର ଲାଗି କେନ୍ଦ୍ରାଞ୍ଚଳ ୨୦୧୪-୧୫ ସିଜନରେ ଦୁଲୀପ୍ ଟ୍ରଫି ବିଜୟୀ ହୋଇଥିଲା। ୩୬୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୨ ୱିକେଟ୍‌ରେ ୧୨୯ ରନ କରିଥିଲା। ରବିବାର ଚତୁର୍ଥ ଦିବସରେ ଦକ୍ଷିଣାଞ୍ଚଳର ବ୍ୟାଟର୍‌ମାନେ ମିଳିତ ଭାବେ ଲଢୁଆ ପ୍ରଦର୍ଶନ କରିବାରୁ ଦଳ ୪୨୬ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଫଳରେ କେନ୍ଦ୍ରାଞ୍ଚଳ ଆଗରେ ୬୫ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଦ୍ୱିତୀୟ ପାଳିରେ ଦକ୍ଷିଣାଞ୍ଚଳ ପକ୍ଷରୁ ଅଙ୍କିତ ଶର୍ମା ୯୯, ଆନ୍ଦ୍ରେ ସିଦ୍ଧାର୍ଥ ୮୪, ସ୍ମରଣ ରବିଚନ୍ଦ୍ରନ ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପୂର୍ବରୁ ଏହି ମ୍ୟାଚରେ ଦକ୍ଷିଣାଞ୍ଚଳ ପ୍ରଥମ ପାଳିରେ ୧୪୯ ଓ କେନ୍ଦ୍ରାଞ୍ଚଳ ୫୧୧ ରନ କରିଥିଲା।

## ଡେଭିସ୍ କପ୍ ମୁଖ୍ୟ ଡ୍ର'ରେ ଭାରତ

ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ସ୍ୱିଜରଲାଣ୍ଡକୁ ୩-୧ ରେ ପରାସ୍ତ କରି ଭାରତ ୱାର୍ଲ୍ଡ ଗ୍ରୁପ୍-୧ ଡେଭିସ୍ କପ୍ ମୁକାବିଲା ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହା ଫଳରେ ଭାରତ ବିଦେଶ ମାଟିରେ ୧୯୯୩ ପରେ ପ୍ରଥମଥର କୌଣସି ୟୁରୋପୀୟ ଦେଶକୁ ପରାସ୍ତ କରିବାର ଗୌରବ ଲାଭ କରିଛି। ୧୯୯୩ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସକୁ ଶେଷଥର ଲାଗି ବିଦେଶ ମାଟିରେ ପରାସ୍ତ କରିଥିଲା। ସେହିପରି କୌଣସି ୟୁରୋପୀୟ ଦଳକୁ ଯଥା ଡେନ୍‌ମାର୍କକୁ ୨୦୨୨ ଦିଲ୍ଲୀରେ ହରାଇଥିଲା।

## ସୁଟିଂ ବିଶ୍ୱକପ୍‌ରେ ଭାରତ ୫ମ



ନିନ୍‌ବୋ,୧୪।୯ (ଏଜେନ୍ସି): ଭାରତର ମେଘନା ସାଜନର ଚୀନର ନିନ୍‌ବୋରେ ଚାଲିଥିବା ବର୍ଷର ଶେଷ ଟୁର୍ଣ୍ଣାମେଣ୍ଟ ବା ଆଇଏସ୍‌ଏସ୍‌ଏଫ୍ ସୁଟିଂ ବିଶ୍ୱକପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଇଶା ସିଂ ସ୍ୱର୍ଣ୍ଣପଦକ ଜିତିଥିଲାବେଳେ ଭାରତ ଏହି ପ୍ରତିଯୋଗିତାରେ ୫ମ ସ୍ଥାନ ଅଧିକାର କରିଛି। ୩ ସ୍ୱର୍ଣ୍ଣ ସହ ଚୀନ୍ ପ୍ରଥମ ଓ ୨ ସ୍ୱର୍ଣ୍ଣ ସହ ନରୱେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ପ୍ରତିଯୋଗିତାରେ ୧୦ଟି ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ସ୍କୁଲ ଚେସ୍‌ରେ ଶିବମ୍ ବିଜେତା




ଭୁବନେଶ୍ୱର,୧୪।୯ (ସମିସ): ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଜେଭି ଶିବମ ସ୍ୱିଗ୍ମା ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ସ୍କୁଲ ଓପନ ଚେସ୍ ପ୍ରତିଯୋଗିତାରେ ବିଜେତା ହୋଇଛନ୍ତି। ସେ ଗୋଟିଏ ଦିନରେ ଖେଳାଯାଇଥିବା ୫ ରାଉଣ୍ଡ ବିଶିଷ୍ଟ ଖେଳରେ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଟକର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍, ପଟିଆର ଦିବ୍ୟାଂଶୁ ପଶାୟତ ତୃତୀୟ, ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ଚତୁର୍ଥ ଓ ଆୟୋଜକ ଚନ୍ଦ୍ରଶେଖରପୁର ଡିଏଭିର ଆଶୁତୋଷ ଅରୁଣ ଦାସ ୫ମ ସ୍ଥାନ ଅଧିକାର କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ ସ୍ୱିଗ୍ମା ଏକାଡେମୀର ଏମ୍‌ଡି ବିଚିତ୍ରା ରଥ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ମନୋଜ କୁମାର ବେହେରା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏକାଡେମୀ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍

## ଭାରତର ଜୟସ୍ମିନ, ମିନାକ୍ଷୀଙ୍କୁ ସ୍ୱର୍ଣ୍ଣ





ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ଇଂଲଣ୍ଡର ଲିଭରପୁଲଠାରେ ଶେଷ ହୋଇଥିବା ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତର ଦୁଇ ମହିଳା ପ୍ରତିଯୋଗୀ ଜୟସ୍ମିନ୍ ଲାମ୍ବୋରିଆ ଓ ମିନାକ୍ଷୀ ହୁଡା ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଏମାନେ ଭାରତର ପ୍ରଥମ ଦୁଇ ମହିଳା ଯିଏକି ଚଳିତ ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହେବାରେ ଗୌରବ ଲାଭ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ଆଉ ଦୁଇ ଜଣ ମହିଳା ପ୍ରତିଯୋଗୀ ନୁପୁର ରୌପ୍ୟ ଓ ପୂଜା ରାଣୀ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ଭାରତ ଏହି ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ସହ ମୋଟ ୪ଟି ପଦକ ଜିତି ସମ୍ମାନର ସହ ସ୍ୱଦେଶ ଫେରିଛି। କିନ୍ତୁ ପ୍ରଥମଥର ଲାଗି ପୁରୁଷ ବକ୍ସରମାନେ ଗୋଟିଏ ହେଲେ ପଦକ ଜିତିବାକୁ ସମର୍ଥ ହୋଇନାହାନ୍ତି।

ଶନିବାର ରାତି ଥିଲା ଭାରତୀୟ ମହିଳା ବକ୍ସିଂ ଲାଗି ଇତିହାସର ଦିନ। ଏହି ଦିନ ମହିଳା ୫୭ କିଲୋଗ୍ରାମ ଲଢ଼େଇରେ ଜୟସ୍ମିନ୍ ଅଲିମ୍ପିକ ରୌପ୍ୟ ପଦକ ବିଜେତା ପୋଲାଣ୍ଡର ଯୁଲିଆ ଜେରେମେଟାଙ୍କୁ ପରାସ୍ତ କରି ପ୍ରଥମଥର ଲାଗି ସ୍ୱର୍ଣ୍ଣପଦକ ଜିତିବା ସହ ଇତିହାସ ସୃଷ୍ଟି କରିଥିଲେ। ଏହା ପରେ ମହିଳା ୮୦ କେଜିରୁ ଉର୍ଦ୍ଧ୍ୱ ବିଭାଗ ଫାଇନାଲରେ ନୁପୁର ହାରିଯିବାରୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ରବିବାର ପ୍ରତିଯୋଗିତାର ଶେଷ ଦିନରେ ମିନାକ୍ଷୀ ୪୮ କିଲୋଗ୍ରାମ୍ ଶ୍ରେଣୀରେ ସ୍ୱର୍ଣ୍ଣପଦକ ଜିତି ଭାରତର ଗୌରବକୁ ଆହୁରି ବଢ଼ାଇଦେଇଥିଲେ। ଫାଇନାଲରେ ସେ କାଜାକସ୍ତାନର ନାଜିମ କିଜେବେଙ୍କୁ ୪-୧ରେ ପରାସ୍ତ କରିଥିଲେ। ଜୟସ୍ମିନ୍ ମଧ୍ୟ ୪-୧ ବ୍ୟବଧାନରେ ଜିତିଥିଲେ। ୨୦୨୨ ଏସିଆନ୍ ଚାମ୍ପିଅନସିପ୍‌ରେ ମିନାକ୍ଷୀ ରୌପ୍ୟ ପଦକ ଜିତିଥିଲେ। ଉଭୟ ଜୟସ୍ମିନ୍ ଓ ମିନାକ୍ଷୀ ହରିଆଣାର ବାସିନ୍ଦା। ଜୟସ୍ମିନ୍ ଜଣେ ବକ୍ସିଂ ପରିବାରୀଚ ଆସିଥିଲାବେଳେ ମିନାକ୍ଷୀ ଜଣେ ଅଟୋ ଡ୍ରାଇଭରଙ୍କ ଝିଅ। ଏମାନଙ୍କ ସଫଳତା ଭାରତର ମହିଳା ବକ୍ସିଂକୁ ଆଉ ପାଦେ ଆଗେଇ ନେବାରେ ସହାୟତା କରିବ। ଏମାନଙ୍କ ପୂର୍ବରୁ ଭାରତର ମେରୀ କମ୍ ୬ଥର, ନିଖତ ଜରିନ୍ ୨ଥର, ସରିତା ଦେବୀ, ଜେନ୍ନି ଆର୍‌ଏଲ୍, ନୀତୁ ଘାଙ୍ଗାସ, ଲଭଲିନା ବୋରୋଗୋହାଇଁ ଓ ସ୍ୱିଟି ବୋରା ଥରେ ଲେଖାଏଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି।

### ମହିଳା ଦିନିକିଆ ସିରିଜ୍

## ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠୁ ହାରିଲା ଭାରତ

ଚଣ୍ଡିଗଡ଼, ୧୪।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ରବିବାରଠାରୁ ଏଠାରେ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଭାରତ ପରାସ୍ତ ହୋଇଛି। ଭାରତୀୟ ମହିଳା କ୍ରିକେଟ୍ ଦଳ ଏହି ମ୍ୟାଚକୁ ୮ ୱିକେଟ୍‌ରେ ହାରିଯାଇଥିଲା। ଭାରତ ପକ୍ଷରୁ ଧାର୍ଯ୍ୟ ୨୮୧ ରନର ବଡ଼ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୪୪.୧ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ବିଜୟୀ ଅଷ୍ଟ୍ରେଲିଆ ମହିଳା ଦଳ ପକ୍ଷରୁ ଓପନର୍ ଫୋଏବ ଲିଚଫିଲ୍ଡ (୮୮ ରନ), ବେଥ୍ ମୁନୀ (୭୭) ଓ ଆନାବେଲ୍ ସଦରଲାଣ୍ଡ (୫୪) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭାରତୀୟ ଖେଳାଳିମାନେ ଦୁର୍ବଳ ଫିଲ୍ଡିଂ କରି ଏକାଧିକ କ୍ୟାଚ୍ ହାତଛଡ଼ା କରିବା ମହଙ୍ଗା ପଡ଼ିଥିଲା। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ମହିଳା ଦଳ ସମସ୍ତ ବ୍ୟାଟର୍‌ଙ୍କ ଉପଯୋଗୀ ପାଳି ଯୋଗୁ ୫୦ ଓଭରରେ ୭ ୱିକେଟ୍ ହରାଇ ୨୮୧ ରନ କରିଥିଲା। ବ୍ୟାଟିଂକ୍ରମର ପ୍ରଥମ ୩ଜଣ ବ୍ୟାଟର୍ ପ୍ରତୀକା ରାୱଲ ୬୪, ସ୍ମୃତି ମନ୍ଧାନା ୫୮ ଓ ହର୍ଲିନ ଦେଓଲ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପରାଜୟ ସହ ଭାରତ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ପଛୁଆ ରହିଛି। ଦ୍ୱିତୀୟ ମ୍ୟାଚ୍ ବୁଧବାର ଖେଳାଯିବ।




### ମନ୍ଧାନାଙ୍କ ୧୫୦ତମ ମ୍ୟାଚ୍

୧- ମନ୍ଧାନାଙ୍କ ଏହା ୧୫୦ତମ ମ୍ୟାଚ୍ ଥିଲା। ମିତାଲି ରାଜ (୨୩୨ଟି) ଓ ଝୁଲଣ ଗୋସ୍ୱାମୀ (୨୦୪)ଙ୍କ ପରେ ୩ୟ ଭାରତୀୟ ଭାବେ ସେ ୧୫୦ ଦିନିକିଆ ମ୍ୟାଚ୍ ଖେଳିବା କ୍ଲବରେ ସାମିଲ ହୋଇଛନ୍ତି।


୨- ମନ୍ଧାନା ଓ ପ୍ରତିକା ଓପନିଂ ୱିକେଟ୍‌ରେ ୧୧୪ ରନ ସଂଗ୍ରହ କରିଥିଲେ। ଦିନିକିଆରେ ଏହି ଯୋଡ଼ି ୫ମଥର ଲାଗି ଶତକୀୟ ଭାଗୀଦାରି ଗଢ଼ିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ୱିକେଟ୍‌ରେ ମଧ୍ୟ ଏହା ଭାରତର ସର୍ବାଧିକ ଭାଗୀଦାରି।

୩- ଦିନିକିଆ କ୍ରିକେଟ୍‌ରେ ୬ଷ୍ଠଥର ଲାଗି ଭାରତର ପ୍ରଥମ ୩ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିଛନ୍ତି।

## ହଂକଂ ଓପନ୍‌ରେ ଭାରତକୁ ୨ ରୌପ୍ୟ

### ଫାଇନାଲ୍‌ରେ ନିରାଶ କଲେ ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ



ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ପାଞ୍ଚଲକ୍ଷ ଡଲାର ପୁରସ୍କାର ରାଶିବିଶିଷ୍ଟ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନରେ ଭାରତ ଦୁଇଟି ରୌପ୍ୟ ପଦକ ବିଜୟୀ ହୋଇଛି। ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍ ଏବଂ ଡବଲ୍ସରେ ସାତ୍ତ୍ୱିକସାଇରାଜନ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଫାଇନାଲରେ ପରାସ୍ତ ହୋଇ ସ୍ୱର୍ଣ୍ଣିମ ସଫଳତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫାଇନାଲରେ ଲକ୍ଷ୍ୟ ୧୫-୨୧, ୧୨-୨୧ ସିଧାସଳଖ ଗେମରେ ଚୀନର ଲି ଶି ଫେଙ୍ଗ୍‌ଙ୍କ ନିକଟରୁ ହାରି ରନର୍ସଅପ୍ ହୋଇଥିଲେ। ଚଳିତ ବର୍ଷ ଲକ୍ଷ୍ୟଙ୍କ ଏହା ପ୍ରଥମ ଫାଇନାଲ ଥିଲା। ସେହିଭଳି ପୁରୁଷ ଡବଲ୍ସ ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୯, ୧୪-୨୧, ୧୭-୨୧ରେ ଚୀନର ଲିଆଙ୍ଗ୍ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କଠାରୁ ହାରିଯାଇଥିଲେ। ଏଥିପୂର୍ବରୁ ସାତ୍ତ୍ୱିକ-ଚିରାଗ ଯୋଡ଼ି ନିକଟରେ ବିଶ୍ୱ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

## ଏସିଆ କପ୍ ମହିଳା ହକିରେ ଭାରତ ରନର୍ସଅପ୍

ହାଙ୍ଗଝୋଉ, ୧୪।୯ (ଏଜେନ୍ସି)




ମହିଳା ଏସିଆ କପ୍ ହକିର ଏକାଦଶ ସଂସ୍କରଣରେ ଆୟୋଜକ ଚୀନ ଚାମ୍ପିଅନ ହୋଇଛି। ରବିବାର ଖେଳାଯାଇଥିବା ଏକତରଫା ଫାଇନାଲରେ ଭାରତୀୟ ମହିଳା ଦଳ ୧-୪ ଗୋଲ୍‌ରେ ଚୀନ ନିକଟରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଚାମ୍ପିଅନ ସହ ଚୀନ ଆସନ୍ତାବର୍ଷ ବେଲ୍‌ଜିୟମ ଓ ନେଦରଲାଣ୍ଡସରେ ମିଳିତ ଭାବେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ସପ୍ତମ ଦେଶ ଭାବେ ଚୀନ ଆଗାମୀ ମହିଳା ହକି ବିଶ୍ୱକପ୍ ଟିକଟ୍ ହାସଲ କରିଛି।

ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚର ପ୍ରଥମ ମିନିଟ୍‌ରେ ହିଁ ଭାରତ ଗୋଲ୍ ଦେବାରେ ସଫଳ ହୋଇଥିଲା। ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ନବନୀତ୍ କୌର ଭାରତକୁ ପ୍ରଥମ କ୍ୱାର୍ଟରରେ ୧-୦ରେ ଆଗୁଆ କରାଇଥିଲେ। ନିଜର ୨୦୦ତମ ମ୍ୟାଚରେ ଗୋଲ୍ ଦେଇ ନବନୀତ୍ ଏହାକୁ ଆହୁରି ସ୍ମରଣୀୟ କରିଥିଲେ। ଏହାପରେ କିନ୍ତୁ ଘରୋଇ ଚୀନ ଖେଳାଳିମାନେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ଗୋଟିଏ ଲେଖାଏ ଏବଂ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇ ଚୀନ ମ୍ୟାଚକୁ ୪-୧ ଗୋଲ୍‌ରେ ଜିତି ଏସିଆ କପ୍ ଟ୍ରଫି ହାତେଇନେଇଥିଲା। ଉଲ୍ଲେଖଯୋଗ୍ୟ, ନିକଟରେ ବିହାରରେ ଶେଷ ହୋଇଥିବା ପୁରୁଷ ଏସିଆ କପ୍ ହକିରେ ଭାରତ ୪-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ହରାଇ ଚାମ୍ପିଅନ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS